READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524
# ଏକମାତ୍ର
ଅନୁସନ୍ଧାନ ପରେ ଖବର



ବର୍ଷ-୮ | ସଂଖ୍ୟା-୨୩ | ୧୭ - ୨୩ ଜୁନ୍, ୨୦୨୪ | ଭୁବନେଶ୍ୱର | Monday Weekly | VOL-8 | ISSUE-23 | 17th - 23rd JUNE, 2024 | BHUBANESWAR | ₹ 5/- (8 Pages)

## ଅଣଓଡ଼ିଆ ବାବୁଙ୍କ କବ୍ଜାରେ ରାଜଧାନୀର ମୂଲ୍ୟବାନ ଜମି

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଜଟଣୀ ତହସିଲ ଅଞ୍ଚଳର 'ଖୋଲାଦ୍ୱାର' ମୌଜାରେ ୬ଜଣ ଅଣଓଡ଼ିଆ ଅଫିସର ପ୍ରାୟ ଏକ ଏକରରୁ ଅଧିକ ମୂଲ୍ୟବାନ ଜମିର ମାଲିକାନା ହାସଲ କରିଥିବା ଜଣାପଡ଼ିଛି। ଏହି ୬ଜଣ ସର୍ବଭାରତୀୟ ସେବା ଅଫିସରଙ୍କ ମଧ୍ୟରୁ ମାତ୍ର ଜଣେ ଦୁଇଜଣଙ୍କୁ ବାଦ୍ ଦେଲେ ଅନ୍ୟମାନେ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲବେଳେ ଉକ୍ତ ମୂଲ୍ୟବାନ ଜମି ସଂକ୍ରାନ୍ତରେ କୌଣସି ତଥ୍ୟ ଲୁଚାଉଥିବାରୁ ଏହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଯଦିଓ ରାଜସ୍ୱ ବିଭାଗର 'ଭୂଲେଖ'ରେ ଏହି ବାବୁମାନେ ପ୍ରତ୍ୟେକ ୮ହଜାରରୁ ଅଧିକ ବର୍ଗଫୁଟ ଜମିର ମାଲିକ ବୋଲି ଜଣାପଡିଛି। ବିଜେଡି



ସରକାରରେ ସବୁଠୁ ପାୱାରଫୁଲ୍ ଅଫିସର ହୋଇ ସୁପର ସିଏମ୍ ଭଳି ହାକିମାତି କରୁଥିବା ଆଇପିଏସ୍ ଅଫିସର ଡିଏସ୍ କୁଟ୍ଟେ, ରାଜନୀତିକ ଆକ୍ରୋଶକୁ କାର୍ଯ୍ୟକାରୀ କରାଉଥିବା ଆଇପିଏସ୍ ଆଶୀଷ ସିଂ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର.ଭିନିଲକ୍ରିଷ୍ଣାଙ୍କ ସମେତ ଆଇପିଏସ୍ ୨୦୦୪ ବ୍ୟାଚର ଆଇପିଏସ୍ ଦୀପକ କୁମାର ଓ ନିତେନଜିତ୍ ସିଂହ ଏବଂ ୨୦୦୫ ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲ ମିଳିତ ଭାବେ ଜଟଣୀର ଖୋଲାଦ୍ୱାର ମୌଜାରେ ମିଳିତ ଭାବେ ପ୍ରାୟ ଏକ ଏକରରୁ ଅଧିକ ଜମି କ୍ରୟ କରିଥିବା 'ଭୂଲେଖ' ତଥ୍ୟରେ ଦର୍ଶାଯାଇଛି। ପ୍ରତ୍ୟେକ ଅଫିସରଙ୍କ ଭାଗରେ ୮ହଜାର ବର୍ଗଫୁଟର ଜମି ରହିଛି। ୨୦୧୨ ଜୁନ୍ ୧୩ ତାରିଖ ଓ ୨୦୧୨ ଜୁଲାଇ ୨୭ତାରିଖରେ ଏହି ଜମିଗୁଡ଼ିକର ମାଲିକାନା ସମ୍ପୃକ୍ତ ୬ଜଣ ଅଣଓଡ଼ିଆ ଅଫିସରଙ୍କୁ ମିଳିଥିଲା। ଖୋଲାଦ୍ୱାର ମୌଜାର ଖତିୟାନ ନମ୍ବର-୨୦୯,୨୪୨ ଓ ୬୫୦/୭୦ରେ ଥିବା ପ୍ଲଟ ନମ୍ବର ୭୨, ୭୩, ୭୪ ଓ ୭୧/୧୪୩୦ର ଜମିକୁ ଏହି ➤ ପୃ-୬

ଜୁଲାଇ ପହିଲାରୁ ନୂଆ ଆଇନ

## ହଟିବ ବ୍ରିଟିଶ ଅମଳର ଆଇପିସି, ସିଆରପିସି

**ନୂଆଦିଲ୍ଲୀ :** ଏବେ ହେବ ନ୍ୟାୟ। ଲାଗୁ ହେବ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା। ହଟିବ ୧୫୦ ବର୍ଷର ବ୍ରିଟିଶ ଅମଳର ଆଇପିସି ଓ ସିଆରପିସି। ତଦନ୍ତରେ ବ୍ୟବହାର ହେବ ଟେକ୍ନୋଲଜି, ମାନବାଧିକାରର ସୁରକ୍ଷାକୁ ଦିଆଯିବ ଗୁରୁତ୍ୱ। ନୂଆ କ୍ରିମିନାଲ ଲ' କାର୍ଯ୍ୟକାରୀ ନେଇ ସବୁ ରାଜ୍ୟର ଡିଜିପି, ଗୃହ ସଚିବ, ମୁଖ୍ୟ ଶାସନ ସଚିବଙ୍କ ସହିତ କେନ୍ଦ୍ର ଗୃହ ସଚିବଙ୍କ ଆଲୋଚନା। ରାଜ୍ୟର ପୋଲିସ ଅଧିକାରୀଙ୍କୁ ମଧ ଦିଆଯାଇଛି ଟ୍ରେନିଂ। ଜୁଲାଇରୁ ନୂଆ ଧାରାରେ ରୁଜୁ ହେବ ମାମଲା। ଜୁଲାଇ ପହିଲାରୁ



ଦେଶର ଦଣ୍ଡବିଧାନ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ। ଆଉ ରହିବ ନାହିଁ ୧୫୦ ବର୍ଷର ବ୍ରିଟିଶ ନିୟମ। ଉଠିଯିବ ଆଇପିସି, ସିଆରପିସି ଓ ଏଭିଡେନ୍ସ ଆକ୍ଟ। ଇଣ୍ଡିଆନ୍ ପେନାଲ୍ କୋଡ୍ ବଦଳରେ ଆସିବ ଭାରତୀୟ ନ୍ୟାୟ ସଂହିତା। କୋଡ୍ ଅଫ୍ କ୍ରିମିନାଲ୍ ପ୍ରୋସିଜିଓର ବଦଳରେ ଲାଗୁ ହେବ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା'। ସେହିପରି ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ପରିବର୍ତ୍ତେ କାର୍ଯ୍ୟକାରୀ ହେବ 'ଭାରତୀୟ ସାକ୍ଷ୍ୟ ଅଧିନିୟମ'। ପୂର୍ବରୁ ୫୧୧ଟି ସେକ୍ସନ୍ ଥିବା ବେଳେ ଏବେ ୩୫୮ଟି ସେକ୍ସନ୍ ରହିବ ଓ ୧୭୫ଟି ସେକସନ୍ ସଂଶୋଧନ କରାଯିବ। ଜୁଲାଇରୁ ନୂଆ ଧାରାରେ ରୁଜୁ ହେବ ମାମଲା। ଆଇପିସି, ସିଆରପିସି, ➤ ପୃ-୬

## ଓଡିଆ ଅସ୍ମିତା, ଅସ୍ତିତ୍ୱ ଓ ପରମ୍ପରାକୁ ଆମେ ଭୁଲିନୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ସମୟ ଥିଲା ଅପରାହ୍ନ। ରାଜ୍ୟ ସଂଗ୍ରହାଳୟରେ ହଜାର ହଜାର ପୁଅ, ଝିଅ ଓ ଦର୍ଶକମାନଙ୍କ ଭିଡ। ପାରମ୍ପରିକ ଲୋକକଳା, ଲୋକନୃତ୍ୟ, ଲୋକବାଦ୍ୟରେ ଭରି ଉଠୁଥିଲା ସଂଗ୍ରହାଳୟ ପରିସର। ଏହି ସମୟରେ ଆସି ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ହୁଳହୁଳି, କରତାଳି ଓ ପାରମ୍ପରିକ ନୃତ୍ୟବାଦ୍ୟର ତାଳେତାଳେ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଯାଇଥିଲେ ସାଧାରଣ ଜନତା। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ



ରଜ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ସାଧାରଣ ଲୋକଙ୍କ ସହିତ ପାଳନ କରିଥିଲେ ରଜ ମହୋତ୍ସବ। ଫୁଲ ଗଛରେ ପାଣି ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ। ଜଣେ ଖାଣ୍ଟି ଓଡିଆ ଘରର ପୁଅ ଭଳି ପୋଡ ପିଠା ଖାଇଥିଲେ, ରଜ ପାନ ଖାଇଥିଲେ। ପିଲାଙ୍କୁ ଦୋଳି ମଧ ଖେଳାଇଥିଲେ। ସେଠାରେ ରଜ ମହୋତ୍ସବ ପାଳିବା ପାଇଁ ଉପସ୍ଥିତ ଥିବା ଯୁବକ, ଯୁବତୀ ଓ ଜନତାଙ୍କୁ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ରଜ ମହୋତ୍ସବ ହେଉଛି ଓଡିଆ ସଂସ୍କୃତି ଓ ଅସ୍ମିତାର ଗଣପର୍ବ। ନୂଆ ସରକାର ଆସିବା ପରେ ସଂସ୍କୃତି ବିଭାଗ ପକ୍ଷରୁ ରଜ ପର୍ବ ପାଳନ କରିବା ଏକ ସୁନ୍ଦର ଉଦ୍ୟମ ବୋଲି ସେ କହିଥିଲେ। ଓଡିଆ ଘରେ ରଜ ପର୍ବ ପାଳନ ସମ୍ପର୍କରେ ବର୍ଣ୍ଣନା କରି ପୁଅ, ଝିଅମାନେ କିଭଳି ନୂଆ ବସ୍ତ୍ର ପରିଧାନ କରନ୍ତି, ସମସ୍ତେ କିପରି ମିଠା ପତ୍ରରେ ତିଆରି ରଜ ପାନର ମଜା ନିଅନ୍ତି, ମା'ମାନେ କିପରି ପୋଡ ପିଠା କରି ସମସ୍ତଙ୍କୁ ଖୁଆନ୍ତି, ଗାଁ ଗହଳିରେ କିପରି ଦୋଳି ଖେଳ ଓ ତାସ ଖେଳର ମଜା ନିଅନ୍ତି ସେ ସମ୍ପର୍କରେ ବିସ୍ତୃତ ରୂପରେଖ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଠାରୁ ରଜ ପର୍ବ ବିଷୟରେ ଶୁଣି ସମସ୍ତେ ଅନୁଭବ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଜଣେ ➤ ପୃ-୬

## କମିଲା ନବୀନ ନିବାସର ସୁରକ୍ଷା



**ଭୁବନେଶ୍ୱର :** ରାଜନୀତିରେ ପରିବର୍ତ୍ତନ ଏକ ଧାରା। ଆଜି ଯିଏ କ୍ଷମତାରେ ଅଛି କାଲି ସିଏ କ୍ଷମତାରେ ନଥିବ କି କେବଳ ଜଣେ ହିଁ ସବୁବେଳେ ସରକାର କରୁଥିବ ତାର କିଛି ମାନେ ନାହିଁ। ଗଣତନ୍ତ୍ର ବ୍ୟବସ୍ଥାରେ ନିର୍ବାଚନ ଏମିତି ଏକ ପ୍ରକ୍ରିୟା ଯେଉଁଠି ଜନତା ହିଁ ସବୁକିଛି, ଜନତା ହିଁ ଜନାର୍ଦ୍ଦନ। ଜନତା ଚାହିଁଲେ ସରକାର ହେବ, ଜନତା ନଚାହିଁଲେ ସରକାର ଭାଙ୍ଗିଯିବ। ଲୋକଙ୍କ ଆଙ୍ଗୁଠିରେ ହିଁ ଗୋଟେ ସରକାରର ଭାଗ୍ୟ ନିର୍ଭର କରେ। ସରକାର ପରିବର୍ତ୍ତନ ଓ ସରକାର ବଜାୟ ରଖିବା ଲୋକଙ୍କ ମୁଡ୍ ହିଁ ନିର୍ଦ୍ଧାରଣ କରେ। ତେଣୁ ରାଜନୀତିର ପରିବର୍ତ୍ତିତ ଧାରା ଏବଂ ବିଜୟ-ପରାଜୟର ପ୍ରକ୍ରିୟା ହିଁ ସତ୍ତାରେ ଥିବା ବ୍ୟକ୍ତି ବିଶେଷଙ୍କୁ ସୁବିଧା ଓ ସୁରକ୍ଷା ମିଳିବା ନମିଳିବା ସ୍ଥିର କରେ। ସେହି କ୍ରମରେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ପଦ ଯିବା ପରେ ବଦଳିଛି ନବୀନ ନିବାସର ଚିତ୍ର। ବିଜେଡି ସରକାର କ୍ଷମତାରୁ ବାହାରିବା ପରେ ଏବଂ ନୂଆ ସରକାର ଶପଥ ନେବାର ➤ ପୃ-୬

## ନୂଆ ସରକାରରେ ବାବୁମାନେ ଥରହର

**ଭୁବନେଶ୍ୱର :** ବିଜେଡି ସରକାରରେ ଯେମିତି ବାବୁରାଜ ଚାଲୁଥିଲା ଏଥର କିନ୍ତୁ ତାହା ଚଳିବନି। ଅର୍ଥାତ୍ ନବୀନ ସରକାରରେ ନେତା ନୁହେଁ ବରଂ ପ୍ରଶାସକ ସର୍ବେସର୍ବା ଥିଲେ। ନିର୍ବାଚିତ ଜନପ୍ରତିନିଧୀ କେବଳ ନାଁକୁ ମାତ୍ର ଦସ୍ତଖତ କରୁଥିଲେ ହେଲେ ଅସଲ ପାୱାର ଥିଲା ଅଫିସରଙ୍କ ହାତରେ। ଯାହାକୁ ନେଇ ରାଜ୍ୟରେ ଅନେକବାର ତୁମ୍ବିତୋଫାନ ହେଉଥିଲା। ନିର୍ବାଚନ ତାରିଖ ଘୋଷଣା ହେବା ପରେ ପୂର୍ବତନ ମିଶନଶକ୍ତି ସଚିବ ସୁଜାତା କାର୍ତ୍ତିକେୟନଙ୍କ ନାଁରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇ ବିଭାଗ ବଦଳାଯାଇଥିଲା। କିନ୍ତୁ ସୁଜାତା ବିଜେଡି ପାଇଁ କାମ କରିବା ବନ୍ଦ କରିନଥିଲେ। କଥା ହେଲା ବିଜେଡି ସରକାର ଆସିବା ପରେ ପୁଣି ତାଙ୍କର ଦବଦବା ବଢିଥାଆନ୍ତା। ହେଲେ ବିଜେଡି ସରକାର ଯିବା ପରେ ସୁଜାତାଙ୍କ ସମେତ ଅନେକ ଅଫିସର ଚିନ୍ତାରେ। କାରଣ କେତେବେଳେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ସେକଥା କେହି ବି ଜାଣିନାହାନ୍ତି। ବୋଧହୁଏ ସେଇଥି ଲାଗି ଅଧିକାଂଶ ଅଫିସର ଏବେ ଛୁଟିରେ। ବିଜେଡି ସରକାରରେ ଚର୍ଚ୍ଚିତ ଆଇଏଏସ୍ ଦମ୍ପତି ଭିକେ ପାଣ୍ଡିଆନ ଓ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ। ନିର୍ବାଚନ ବେଳେ ଦୁଇ ଅଫିସରଙ୍କର ଶାସକ ବିଜେଡି ସହ ରାଜନୈତିକ ➤ ପୃ-୬

## ଜିଲା ଶାସନ ବ୍ୟବସ୍ଥାକୁ ଦେଖି ମୁଖ୍ୟମନ୍ତ୍ରୀ ତାଜୁବ୍

**ଭୁବନେଶ୍ୱର :** ୨୪ ବର୍ଷ ହେଲା ରାଜ୍ୟରେ କେମିତି ଚାଲିଥିଲା ପ୍ରଶାସନ ଓ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ? ସମୀକ୍ଷା ବେଳେ ପୂର୍ବ ସରକାର ଅମଳରୁ ଚାଲି ଆସିଥିବା ଜିଲା ଶାସନ ବ୍ୟବସ୍ଥାକୁ ଦେଖି ତାଜୁବ୍ ହୋଇଛନ୍ତି ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସବୁଠୁ ବଡ଼ କଥା ହେଲା, ପ୍ରାଶାସନିକ ପରିଚାଳନା ଦାୟିତ୍ୱରେ ଗଣ୍ଡା ଗଣ୍ଡା ଘରୋଇ ଏଜେନ୍ସିଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ ତା'ର ଉତ୍ତର ଦାୟିତ୍ୱ କେହିନଥିବା ଜାଣି ଚିନ୍ତା ପ୍ରଟକ କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାମ କରୁଛନ୍ତି ଏକାଧିକ ଆଉଟସୋର୍ସ ଏଜେନ୍ସି। ଆଉ



ଖୋଦ ଲୋକ ସଂପର୍କ ବିଭାଗ ଜାଣିନି ମୁଖ୍ୟମନ୍ତ୍ରୀଙ୍କ ପ୍ରକୃତ 'ଏକ୍ସ' ଆକାଉଣ୍ଟ। ଅବସର ପରେ ପ୍ରାୟ ସବୁ ବିଭାଗରେ ଥଇଥାନ ହୋଇଛନ୍ତି ସରକାରୀ ବାବୁ। ସବୁଠୁ ଚିନ୍ତାଜନକ ବିଷୟ ହେଲା ସରକାରୀ କାମରେ ପରିଚାଳନା ଦାୟିତ୍ୱ ନେଇଛନ୍ତି ଠିକା ସଂସ୍ଥା। ହେଲେ କେଉଁ ବିଭାଗ ପାଇଁ କିଏ ଉତ୍ତରଦାୟୀ ତାହାର ଉତ୍ତର ବାବୁମାନଙ୍କ ପାଖରେ ନାହିଁ। ରାଜ୍ୟରେ ଏମିତି ପ୍ରଶାସନିକ ଅବ୍ୟବସ୍ଥା ଦେଖି ତାଜୁବ ହୋଇଛନ୍ତି ନୂଆ ମୁଖ୍ୟମନ୍ତ୍ରୀ। ସମୀକ୍ଷା ବେଳେ ପ୍ରଶାସନିକ ବ୍ୟବସ୍ଥା ଭୁଶୁଡ଼ିପଡିଥିବା ଜାଣି ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟମନ୍ତ୍ରୀ। ଜିଲା ଓ ଅପରାଗ ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଏଥିପାଇଁ ଦାୟୀ କିଏ ସେନେଇ କୈଫିୟତ ମାଗିଛନ୍ତି ମୁଖ୍ୟମନ୍ତ୍ରୀ। କିନ୍ତୁ ପ୍ରଶ୍ନ ଏଠି ଉଠୁଛି, ➤ ପୃ-୬

### ବକ୍ରବାଣୀ



ବିଜେଡି ନଉଚି ଶେଷ ନିଶ୍ୱାସ
ନବୀନ ନିଶ୍ଚୟ ନେବେ ସନ୍ନ୍ୟାସ
କିଛି ବିଧାୟକ ପଦ୍ମ ଧରିବେ
ଆଉ କିଛି ନେତା କଙ୍ଗ୍ରେସ୍ ଯିବେ
ଓଡିଶା କଙ୍ଗ୍ରେସ୍ ମେଲିବ ଡାଳ
ପାଞ୍ଚ ବରଷରେ ଫଳିବ ଫଳ
ସେପାଇଁ ଆଗୁଆ ଛାନିଆ ହୋଇ
ଆଦିବାସୀ କାର୍ଡ଼ ଦେଲେ ଦେଖେଇ
କଉ ପାଣି କଉ ବାଟେ ଯାଉଚି
ଭକୁଆ ଭୋଟର ଚାହିଁ ବଇଚି ।

—— ଟୁଟୁ

## ପାଣ୍ଡିଆନ ଗଲେ, ୫-ଟି' ଗଲା !

**ଭୁବନେଶ୍ୱର :** ରାଜ୍ୟରୁ ହଟିଲା ୫-ଟି। ନୂଆ ସରକାର ଆସିବା ପରେ ରାଜ୍ୟରୁ ୫ଟି ବ୍ୟବସ୍ଥା ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ କାର୍ଯ୍ୟାଳୟ ପରିସରରେ ଥିବା ବୋର୍ଡ ହଟାଇବାକୁ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ମୋ ସରକାର ବୋର୍ଡ ହଟାଇବାକୁ ବି ନିର୍ଦ୍ଦେଶ ଦିଆଯାଇଛି। ତେବେ ରାଜ୍ୟରୁ ଫାଇଭ-ଟି ହଟିବା ନେଇ ସୋସିଆଲ୍ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଫାଇଭ-ଟି। ଇଏ ଏମିତି ଏକ ବିଭାଗ ଯେଉଁ ବିଭାଗର ନାଁ କୌଣସି ମନ୍ତ୍ରୀ ଥିଲେ ନା ସମ୍ବିଧାନ ଅନୁସାରେ ଏ ବିଭାଗ କାର୍ଯ୍ୟକାରୀ କରୁଥିଲା। ଜାଣିଶୁଣି କୋଟି କୋଟି ଟଙ୍କା ଦୁର୍ନୀତି କରିବା ପାଇଁ ନବୀନ ସରକାର ଏ ବିଭାଗ ସୃଷ୍ଟି କରିଥିଲା। ଯାହାକୁ ନେଇ ବିଧାନସଭାରେ ଅନେକ ବିତର୍କ ବି ହୋଇଥିଲା। ହେଲେ ପୂର୍ବ ସରକାର ଏ ବିଭାଗକୁ ବନ୍ଦ କରିବା ପରିବର୍ତ୍ତେ ସର୍ବାଧିକ ଗୁରୁତ୍ୱ



ଦେଇଥିଲେ। କଥା ହେଲା, ନବୀନଙ୍କ ପଞ୍ଚମ ପାଳି ସରକାରରେ ଏହି ୫ଟି ବ୍ୟବସ୍ଥା ଆରମ୍ଭ ହେଇଥିଲା। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଏବଂ ତୀବ୍ରତା ଆଣିବାକୁ ୫ଟି ବ୍ୟବସ୍ଥା ଆପଣାଇଥିଲେ ପୂର୍ବର ରାଜ୍ୟ ସରକାର। ଟ୍ରାନ୍ସପରେନ୍ସିଂ, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍ ଏବଂ ଟ୍ରାନ୍ସଫର୍ମେସନ୍ ଥିଲା ଏହି ୫ଟି। ହେଲେ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ, ବିଜେପି ସରକାର ଏହି ୫ଟି ବ୍ୟବସ୍ଥାକୁ ହଟାଇବାକୁ ନିର୍ଦ୍ଦେଶ ଦେଇଛି। ଯାହାକୁ ନେଇ ଏବେ ସବୁଠି ଚର୍ଚ୍ଚା। ନବୀନ ସରକାରରେ ଓଡ଼ିଶାରେ ମାତିଥିଲେ ୫ ତାମିଲ ଅଫିସର। ➤ ପୃ-୬

## ସୁଭଦ୍ରା ଯୋଜନାରେ କେଉଁମାନେ ପାଇବେ ୫୦ ହଜାର ?

**ଭୁବନେଶ୍ୱର :** ଓଡ଼ିଶାରେ ବିଜେପି ସରକାର ଗଢ଼ିବା ପରେ ପ୍ରଥମ କ୍ୟାବିନେଟ୍ ବୈଠକରେ ମହିଳାଙ୍କ ପାଇଁ ବଡ଼ ଘୋଷଣା କରାଯାଇଛି। ନିର୍ବାଚନ ପୂର୍ବରୁ ଦଳ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆଗାମୀ ୧୦୦ ଦିନ ମଧ୍ୟରେ ରାଜ୍ୟରେ ସୁଭଦ୍ରା ଯୋଜନା ଲାଗୁ ହେବ ବୋଲି କୁହାଯାଇଛି। ଏମିତିରେ ଅନେକ ଏହି ଯୋଜନା ବିଷୟରେ ଜାଣିବାକୁ ଆଗ୍ରହୀ। ତେବେ ଏହି ସୁଭଦ୍ରା ଯୋଜନା କ'ଣ? ଆଉ ଏହି ଯୋଜନାରେ ମହିଳାମାନେ କିଭଳି ଭାବେ ଲାଭ ଉଠାଇପାରିବେ? ଓଡ଼ିଶାର ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯିବ। ସେଥିରେ ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର ମିଳିବ। ୨ ବର୍ଷ ମଧ୍ୟରେ ଏହାକୁ ସେମାନେ ଖର୍ଚ୍ଚ କରିପାରିବେ। ତେବେ ଏହାକୁ ସେମାନେ କିଭଳି ପାଇବେ ଓ କିପରି କାର୍ଯ୍ୟକାରୀ କରିବେ। ଏହି ସୁଭଦ୍ରା ଯୋଜନାରେ ଆବେଦନ ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ହୋଇପାରିବ। ମହିଳାମାନଙ୍କୁ ସଶକ୍ତ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ବିବାହିତ ମହିଳାମାନେ ଏହି ବ୍ୟବସ୍ଥା ଅନୁଯାୟୀ ୫୦,୦୦୦ ଟଙ୍କାର କୁପନ ପାଇବେ। ଦୁଇ ବର୍ଷ ମଧ୍ୟରେ ଏହାକୁ ବ୍ୟବହାର କରାଯାଇପାରିବ। ଏହି ଯୋଜନାରେ ଆବେଦନ କରିବା ପାଇଁ ଅନେକ ଡକ୍ୟୁମେଣ୍ଟ ସବୁ ଆବଶ୍ୟକ। ଅଧାରକାର୍ଡ, ବ୍ୟାଙ୍କ ଆକାଉଣ୍ଟ, ଠିକଣା ପ୍ରମାଣପତ୍ର, ମୋବାଇଲ ନମ୍ବର, ପାସପୋର୍ଟ ଫଟୋ, ଇନ୍‌କମ ସାର୍ଟିଫିକେଟ, ରାସନ କାର୍ଡ ଆଦି ଆବଶ୍ୟକ। ଏହି ଯୋଜନାର ଲାଭ ଉଠାଇବାକୁ ହେଲେ ଓଡ଼ିଶାର ବାସିନ୍ଦା ହୋଇଥିବା ଆବଶ୍ୟକ। ତେବେ କେବଳ ବିବାହିତ ମହିଳା ଏହି ଯୋଜନାର ଲାଭ ଉଠାଇପାରିବେ। ପ୍ରତି ପରିବାରର ଜଣଙ୍କୁ ଏହି ଯୋଜନାର ଲାଭ ମିଳିବ। ମହିଳାଙ୍କ ବୟସ ୨୩ରୁ ୫୯ ହୋଇଥିବା ଆବଶ୍ୟକ। ସବୁଠାରୁ ବଡ଼ କଥା ହେଉଛି, ସରକାରୀ ଚାକିରି କରିଥିବା ମହିଳା ଏହି ଯୋଜନାର ଲାଭ ଉଠାଇପାରିବେ ନାହିଁ। ପରବର୍ତ୍ତୀ ସମୟରେ ଅଙ୍ଗନବାଡ଼ି କର୍ମୀଙ୍କୁ ମଧ ଏହି ଯୋଜନାରେ ସାମିଲ କରାଯିବ ବୋଲି କୁହାଯାଉଛି। ତେବେ ଏଯାବତ ସରକାରଙ୍କ ପକ୍ଷରୁ କୌଣସି ଅଫିସିଆଲ ୱେବସାଇଟ ଲଞ୍ଚ କରିନାହାନ୍ତି। ଖୁବଶୀଘ୍ର ଏନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗାଇଡଲାଇନ ଆସିବ ବୋଲି କୁହାଯାଉଛି।

## ଏଥର କମ୍ପିବ ବିଧାନସଭା; ଶାଣିତ ହେବ ବିରୋଧୀ ସ୍ୱର

**ଭୁବନେଶ୍ୱର :** ଓଡ଼ିଶାରେ ପ୍ରଥମ ଥର ବିଜେପି ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝି ଦାୟିତ୍ୱ ସମ୍ଭାଳିଛନ୍ତି। ନବୀନ ଲଗାତାର ୨୪ବର୍ଷ ଧରି ଏହି ପଦ ସମ୍ଭାଳିଥିଲେ। ନିଜର ୨୪ବର୍ଷର ରାଜନୈତିକ ଯାତ୍ରା ଶେଷ ପରେ ନବୀନ ବିରୋଧୀ ଦଳ ନେତା ଭାବେ ବସିବେ। ଯାହାପରେ ରାଜ୍ୟରେ ରାଜନୀତି-ସାମାଜିକ ଚାଲିଚଳଣି ପରିବର୍ତ୍ତନ ହୋଇଯିବ ବୋଲି ଆଲୋଚନା ହେଉଛି। ୨୦୨୪ରେ ବିଜେଡିର ଶୋଚନୀୟ ପରାଜୟ ପରେ ବିଜେପି କ୍ଷମତାକୁ ଫେରିଛି। ବିଜେଡିର ଏପରି ପରାଜୟ କେବଳ ବିଜେଡି ନେତା କିମ୍ବା କର୍ମୀଙ୍କୁ ନୁହେଁ ସାରା ରାଜ୍ୟକୁ ମଧ ସ୍ତବ୍ଧ କରିଛି। ତେବେ ବୁଧବାର ଠାରୁ ଓଡ଼ିଶାରେ ବିଜେପି ସରକାର ଆରମ୍ଭ ହୋଇଛି। ଏହାରି ଭିତରେ ବିଜୁ ଜନତା ଦଳ ଓଡ଼ିଶାରେ ବିରୋଧୀ ଦଳ ଆସନର ବସିଛି। ତେବେ ବିଜେଡି କାହାକୁ ବିରୋଧୀ ଦଳ ନେତା କରିବ ସେନେଇ ସବୁଠି ଚର୍ଚ୍ଚା ଚାଲିଛି। ଆଗକୁ ମୌସୁମୀ ଅଧିବେଶନ ଥିବାବେଳେ ଚଳିତ ବିଧାନସଭା ଅଧିବେଶନ ରୋଚକ ହେବ ବୋଲି କୁହାଯାଉଛି। କାରଣ ଓଡ଼ିଶାରେ ବିଧାନସଭାରେ କ୍ଷମତାସୀନ ବିଜେପି ଦଳକୁ ୭୮ ଆସନ ମିଳିଥିବାବେଳେ ବିଜେଡିକୁ ୫୧ ଓ କଂଗ୍ରେସକୁ ୧୪ଟି ସିଟ୍ ମିଳିଛି। ଆଉ ସ୍ୱାଧୀନ ଆସନରେ



ରାଜ୍ୟ ବିଧାନସଭା ୪ଟି ସିଟ୍ ପାଇଛି। ତେବେ ବିଜେପି ସଂଖ୍ୟା ଗରିଷ୍ଠତା ଛୁଇଁଥିଲେ ମଧ ବିଧାନସଭାରେ ବିରୋଧୀ ମଧ ଟାଣୁଆ ଭାବରେ ନଜର ଆସିବେ। ଏଥର ବିଧାନସଭାର ପ୍ରଶ୍ନକାଳ ଜମିବା ସହ ବିରୋଧୀ ମଧ ସଶକ୍ତ ନଜର ଆସିବେ ବୋଲି ରାଜନୈତିକ ପାଣିପାଗ କହୁଛି। ତେବେ ମୋଟ ବିରୋଧୀ ଦଳଙ୍କୁ ପ୍ରତିନିଧିତ୍ୱ କିଏ କରିବ ସେନେଇ ସସପେନ୍ସ ଜାରି ରହିଛି। ଏନେଇ ନବୀନ ନିବାସରେ କିଛି ବରିଷ୍ଠ ନେତାଙ୍କୁ ନେଇ ବିଚାରବିମର୍ଶ କରାଯାଇଛି। ବିଜେଡିର ସବୁ ବିଧାୟକ ଓ ବରିଷ୍ଠ ନେତା ନବୀନଙ୍କୁ ବିରୋଧୀ ଦଳ ନେତା କରିବାକୁ ପରାମର୍ଶ ଦେଇଛନ୍ତି। ତେବେ ବିଜେଡି ସୁପ୍ରିମୋ, ବିଧାୟକମାନଙ୍କ ଶପଥ ଗ୍ରହଣ ପରେ ଏନେଇ ନିଷ୍ପତ୍ତି ନେବେ। ଏପରିକି ଦୁଇ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** - ବ୍ୟବସାୟୀଙ୍କ ପାଇଁ ସମୟ ଅନୁକୂଳ। ନୂତନ ବ୍ୟବସାୟ କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇବେ। ଉଦ୍ଧାର ଦିଅନ୍ତୁ ନାହିଁ କି ବନ୍ଧୁଙ୍କୁ ବିଶ୍ୱାସ କରନ୍ତୁ ନାହିଁ। ଆତ୍ମବଳ ବୃଦ୍ଧି ହେବ। ପ୍ରତିକାର : ସୂର୍ଯ୍ୟଦେବଙ୍କ ଜଳ ଅର୍ପଣ କରନ୍ତୁ।

**ବୃଷ** - ସତର୍କତାର ସହ ବ୍ୟବସାୟ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠଙ୍କ ସହଯୋଗ ପାଇବେ। ବାଣୀରେ ଲଗାମ ଦିଅନ୍ତୁ। ସଞ୍ଚୟରେ ବୃଦ୍ଧି ହେବ। ସ୍ୱଭାବରେ ନିୟନ୍ତ୍ରଣ ରଖନ୍ତୁ। ଜୀବନସାଥୀଙ୍କ ବ୍ୟବହାରରେ ଦୁଃଖି ହୋଇପାରନ୍ତି। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ମିଥୁନ** - ବ୍ୟୟରେ ବୃଦ୍ଧି ହେବ। ସହକର୍ମୀଙ୍କ ସହ ସମ୍ପର୍କରେ ଅବନତି ହୋଇପାରେ। ମଧ୍ୟସ୍ଥତା କରନ୍ତୁ ନାହିଁ। ସନ୍ତାନଙ୍କ ସମୃଦ୍ଧିରେ ଆନନ୍ଦିତ ହେବେ। ପ୍ରତିକାର : ଧର୍ମ ସ୍ଥାନରେ ସେବା କରନ୍ତୁ।

**କର୍କଟ** - ବ୍ୟବସାୟୀମାନେ ବ୍ୟବସାୟ ପାଇଁ କାହାକୁ କଟୁ ଶବ୍ଦ କରିପାରନ୍ତି। ସ୍ୱାସ୍ଥ୍ୟରେ ଅବନତି ଘଟିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଚିନ୍ତିତ ରହିବେ। ପ୍ରତିକାର : ଶିବଲିଙ୍ଗରେ ଗାଇ କ୍ଷୀର ଢାଳନ୍ତୁ।

**ସିଂହ** - ମନ ଅସ୍ଥିର ରହିବ। ଦୀର୍ଘକାଳୀନ ବ୍ୟବସାୟରେ ଅର୍ଥ ଲଗାନ୍ତୁ। ବ୍ୟକ୍ତିଗତ ଜୀବନରେ ବନ୍ଧୁଙ୍କ ସହଯୋଗ ମିଳିବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ମିଳିପାରେ। ପ୍ରତିକାର : ତମ୍ବାପାତ୍ରରେ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** - ବ୍ୟବସାୟୀମାନେ କିଛି ନୂଆ ପାଇବେ। ଦୂର ଯାତ୍ରାରେ ଯାଇପାରନ୍ତି। ଆତ୍ମୀୟଙ୍କ ସହଯୋଗ ପାଇବେ। ପରିବାରର ସୁଖସୁବିଧା ପାଇଁ ଖର୍ଚ୍ଚ କରିପାରନ୍ତି। ପ୍ରତିକାର : ଗଣେଶଙ୍କୁ ଦୁବର ମାଳ ପ୍ରଦାନ କରନ୍ତୁ।

**ତୁଳା** - ଋଣ ପରିଶୋଧ କରିପାରନ୍ତି। ଭାଇଭଉଣୀଙ୍କ ସହଯୋଗ ପାଇବେ। ସ୍ୱାସ୍ଥ୍ୟ ଉତ୍ତମ ରହିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ପ୍ରେମୀମାନଙ୍କ ମଧ୍ୟରେ ସହଯୋଗ ବଢ଼ିବ। ପ୍ରତିକାର : ଭଗବାନ ଶ୍ରୀହରିଙ୍କୁ କ୍ଷୀରୀ ଭୋଗ ଲଗାନ୍ତୁ ଓ ବାଣ୍ଟନ୍ତୁ।

**ବିଛା** - ସମସ୍ତ କାମକୁ ଏକାଗ୍ରତା ଓ ସଫଳତାରେ ପୂରା କରିବେ। ମନକଥାକୁ ଗୁପ୍ତ ରଖନ୍ତୁ। ପରିବାରର କୌଣସି ସ୍ୱାସ୍ଥ୍ୟ ବିଗିଡ଼ିପାରେ। ଭାଗ୍ୟ ଠାରୁ କର୍ମ ଉପରେ ଅଧିକ ବିଶ୍ୱାସ କରିବେ। ପ୍ରତିକାର : ହନୁମାନଙ୍କୁ ଭୋଗ ଲଗାନ୍ତୁ।

**ଧନୁ** - ପୂର୍ବର ଥିବା ଜଟିଳତା ସମାଧାନ ହେବ। ବ୍ୟବସାୟ ପାଇଁ ନୂଆ ରଣନୀତି ବ୍ୟବହାର କରନ୍ତୁ। ନୂଆ ରୋଜଗାର ପାଇପାରନ୍ତି। ପରିବାର ଦାୟିତ୍ୱ ନିଅନ୍ତୁ। ପ୍ରତିକାର : ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା କରନ୍ତୁ।

**ମକର** - ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସ କରନ୍ତୁ। ନୂଆ ଚାକିରୀ ମିଳିପାରେ। କାର୍ଯ୍ୟ ବ୍ୟସ୍ତତା ଯୋଗୁ କଷ୍ଟ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ପ୍ରତିଦିନ ସକାଳେ ପକ୍ଷୀମାନଙ୍କୁ ଦାନା ଖୁଆନ୍ତୁ।

**କୁମ୍ଭ** - ଗୁପ୍ତ ଶତ୍ରୁ ସକ୍ରିୟ ହେବେ। କିନ୍ତୁ ଆପଣଙ୍କ କୂଟନୀତି ତାକୁ ପ୍ରତିହତ କରିବ। ବରିଷ୍ଠ ଅଧିକାରୀଙ୍କ ସହ ସମ୍ପର୍କ ବଢ଼ିବ। ଅନାବଶ୍ୟକ କଥାରେ ପ୍ରତିକ୍ରିୟା ରଖନ୍ତୁ ନାହିଁ। ଦାମ୍ପତ୍ୟ ଜୀବନ ଆନନ୍ଦମୟ ରହିବ। ପ୍ରତିକାର : ଧର୍ମ ସ୍ଥାନରେ ବୁନ୍ଦି ପ୍ରସାଦ ଭୋଗ ଲଗାନ୍ତୁ।

**ମୀନ** - କାହାଠାରୁ ଋଣ ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ପାଇଁ ସମୟ ଅନୁକୂଳ। ପରିବାରରେ ସମ୍ପର୍କ ବଢ଼ିବ। ଜୀବନସାଥୀଙ୍କ ବୃଦ୍ଧିମତା କୌଣସି କଠିନ ପରିସ୍ଥିତିରୁ ବାହା କରିବ। ବୁଲାପଶୁଙ୍କ ଠାରୁ ସାବଧାନ ରହନ୍ତୁ। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କୁଏତରେ ଅଗ୍ନିକାଣ୍ଡ, ୪୨ ଭାରତୀୟ ମୃତ

**କୁଏତ :** ନିକଟରେ କୁଏତର ଦକ୍ଷିଣରେ ଅବସ୍ଥିତ ମଙ୍ଗଫ୍ ସହରର ଏକ ବହୁତଳ କୋଠାରେ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ଏଥିରେ ୪୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ସର୍ବାଧିକ ୪୨ ଜଣ ଭାରତୀୟ ଅଛନ୍ତି। ସେଥିମଧ୍ୟରୁ କେରଳରୁ ୨୩ଜଣ, ତାମିଲନାଡୁରୁ ୭ଜଣ, ଉତ୍ତରପ୍ରଦେଶରୁ ୪ଜଣ, ଆନ୍ଧ୍ରପ୍ରଦେଶରୁ ୩ଜଣ, ବିହାରରୁ ୨ଜଣ, ଓଡ଼ିଶାରୁ ୨ଜଣ, ଝାଡ଼ଖଣ୍ଡରୁ ଜଣେ, କର୍ଣ୍ଣାଟକରୁ ଜଣେ, ମହାରାଷ୍ଟ୍ରରୁ ଜଣେ, ପଞ୍ଜାବରୁ ଜଣେ ଓ ପଶ୍ଚିମବଙ୍ଗରୁ ମଧ୍ୟ ଜଣେ ଥିଲେ। ଏହି ଦୁଃଖଦ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇବା ସହିତ ପ୍ରତ୍ୟେକ ମୃତକଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କା ଲେଖଏଁ ସହାୟତା ରାଶି ଘୋଷଣା କରିଛନ୍ତି। ମୃତାହତ ଭାରତୀୟଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସେଠାକାର ରାଷ୍ଟ୍ରଦୂତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ଗଣମାଧ୍ୟମର ସୂଚନାନୁସାରେ, ସକାଳ ସାଢ଼େ ୪ଟା ବେଳେ କୋଠାରେ ନିଆଁ ଲାଗିଥିବା ସୂଚନା ମିଳିଥିଲା। କୁଏତର ସବୁଠାରୁ ବଡ଼ ନିର୍ମାଣ ସଂସ୍ଥା ଏନ୍‌ବିଟିସି ଗ୍ରୁପ୍‌ର ଏହି ୬ ମହଲା କୋଠା ଘରଟି ଶ୍ରମିକଙ୍କ ରହିବା ପାଇଁ ବ୍ୟବହାର କରାଯାଉଥିଲା। ଏଥିରେ ୧୯୫ ଜଣ ଶ୍ରମିକ ଓ ସଂସ୍ଥାର କର୍ମଚାରୀ ରହୁଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ ଏବଂ ସେମାନେ କେରଳ, ତାମିଲନାଡୁ, ଉତ୍ତରପ୍ରଦେଶ, ଜାମ୍ମୁ-କାଶ୍ମୀର, ମହାରାଷ୍ଟ୍ର, ଝାରଖଣ୍ଡ, ଓଡ଼ିଶା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶର କର୍ମଚାରୀ ରହୁଥିଲେ। କୋଠଘରର ଏକ ରୋଷେଇ ଘରୁ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିବା ପରେ ସମଗ୍ର କୋଠାକୁ ବ୍ୟାପି ଯାଇଥିଲା। ନିଆଁ ବ୍ୟାପିବା ପରେ ପଞ୍ଚମ ମହଲାରେ ଅନେକ ବ୍ୟକ୍ତି ଜୀବନ ବଞ୍ଚାଇବା ପାଇଁ ତଳକୁ ଡେଇଁ ପଡିଥିଲେ। ଯେଉଁମାନେ ଡେଇଁଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ମୃତ୍ୟୁ ଘଟିଛି। କିଛି ଗୁରୁତର ଭାବରେ ଆଇସିୟୁ ବିଭାଗରେ ଚିକିତ୍ସିତ ହେଉଛନ୍ତି। କୁଏତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି




ସୂଚନା ଅନୁସାରେ, ମୃତ୍ୟୁ ସଂଖ୍ୟା ୪୯ କୁହାଯାଇଛି। ଗୁରୁତର ଅବସ୍ଥାରେ ଥିବା ସମସ୍ତ ରୋଗୀଙ୍କୁ ଆଲ୍ ଆଦାନ, ଫରୱାନୀୟା, ମୁବାରକ ଅଲ୍ କବୀର, ଯାହାରା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ୫୦ ଜଣଙ୍କ ମଧ୍ୟରେ ୩୦ ଜଣ ଭାରତୀୟ ଅଛନ୍ତି। କୁଏତରେ ଘଟିଥିବା ଅଗ୍ନିକାଣ୍ଡରେ ଭାରତୀୟ ପୀଡିତଙ୍କ ମୃତଦେହକୁ ନେଇ ଏକ ସ୍ୱତନ୍ତ୍ର ଭାରତୀୟ ବାୟୁସେନା ବିମାନ କୋଚିନ୍ ଆନ୍ତର୍ଜାତୀୟ ଏୟାରପୋର୍ଟରେ ପହଞ୍ଚିଥିଲା। ଗୁରୁବାର ଦିନ କୁଏତକୁ ଯାଇଥିବା କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ କୀର୍ତ୍ତୀ ବର୍ଦ୍ଧନ ସିଂ ମୃତଦେହକୁ ନେଇ ବିମାନରେ ଭାରତକୁ ଫେରିଛନ୍ତି। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ମୁଁ ହୃଦୟରୁ ସମବେଦନା ଜଣାଇଛନ୍ତି ବୈଦେଶିକ ମନ୍ତ୍ରୀ। ଏହା ଅତ୍ୟନ୍ତ ଦୁଃଖଦ ଘଟଣା ଏବଂ ଆମେ ସମସ୍ତେ ଏଥିରେ ମର୍ମାହତ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିର୍ଦ୍ଦେଶରେ କର୍ତ୍ତୃପକ୍ଷ ଏହା ଉପରେ ତତ୍ପରତା ପ୍ରକାଶ କରିଥିଲେ। ତୁରନ୍ତ ଏବଂ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଦ୍ୱାରା ଯଥାଶୀଘ୍ର ଓ ସଠିକ୍ ସମୟ ସମୟରେ ବିମାନଟି ଭାରତରେ ଅବତରଣ କରିଛି। ପ୍ରଧାନମନ୍ତ୍ରୀ ମୋଦୀ ସେଠାରେ ଥିବା କର୍ତ୍ତୃପକ୍ଷ, ସେଠାରେ ଥିବା ବୈଦେଶିକ ମନ୍ତ୍ରୀ, ଭାରତୀୟ ଦୂତାବାସ ଏବଂ କୁଏତର ଆମୀରଙ୍କୁ ନିଜର ଆନ୍ତରିକ ଧନ୍ୟବାଦ ଜଣାଇବା ସହ କୁଏତରେ ଥିବା ଭାରତୀୟ ସଙ୍ଘକୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ଏନେଇ ଭାରତୀୟ ପ୍ରବାସୀ ପରିଷଦ ସଙ୍ଘର ସମସ୍ତ ପ୍ରତିନିଧିମାନେ ନିଜର ଗଭୀର ଦୁଃଖ ପ୍ରକଟ କରିଛନ୍ତି। ଏହି ଦୁଃଖଦପୂର୍ଣ୍ଣ ଶୋକାକୁଳ ଅବସ୍ଥାରେ ଭାରତୀୟ ପ୍ରବାସୀ ଓଡ଼ିଶା ସଙ୍ଘ, ଆଇଏଚ୍‌ଆର୍‌ଡି, ଭାରତ ସେବା ଦର୍ଶନ, ୱାର୍ଲ୍ଡ ଓଡ଼ିଶା ସୋସାଇଟି, ଡବ୍ଲୁସିସିର ସଭାପତି ବିଶ୍ୱ ରଞ୍ଜନ ସାହୁ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।

# ୧୪ ରାଜ୍ୟରେ ୨୩ ଉପ-ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ :** ସାରା ଦେଶ ମଧ୍ୟରୁ ୧୪ ରାଜ୍ୟରେ ୨୩ ଉପ-ମୁଖ୍ୟମନ୍ତ୍ରୀ ଅଛନ୍ତି। ନିକଟରେ ଯେତିକି ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଛି, ସେଥିମଧ୍ୟରୁ ଅନେକ ରାଜ୍ୟରେ ଉପ ମୁଖ୍ୟମନ୍ତ୍ରୀ ଚୟନ କରାଯାଇଛି। ତାହା ମଧ୍ୟରୁ ଓଡ଼ିଶାରେ ୨ ଏବଂ ଆନ୍ଧ୍ରପ୍ରଦେଶରେ ଜଣେ ଉପ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। କିନ୍ତୁ ସମ୍ବିଧାନରେ ଉପ ମୁଖ୍ୟମନ୍ତ୍ରୀ ପରି କୌଣସି ପଦବୀ ବିଷୟରେ ଉଲ୍ଲେଖ କରାଯାଇ ନାହିଁ। ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ପରେ ଓଡ଼ିଶାରେ ମଧ୍ୟ ବିଜେପି ସରକାର ତିଆରି ଫର୍ମୁଲା ରିପିଟ୍ କରିଛି। ୩ ରାଜ୍ୟ ପରେ ଏବେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପ-ମୁଖ୍ୟମନ୍ତ୍ରୀ ଚୟନ କରାଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଭାବେ କନକ ବର୍ଦ୍ଧନ ସିଂ ଦେଓ ଏବଂ ପ୍ରଭାତୀ ପରିଡା ଶପଥ ଗ୍ରହଣ କରିଛନ୍ତି। ବର୍ତ୍ତମାନ ଦେଶରେ ୧୪ ରାଜ୍ୟରେ ୨୩ ଉପ-ମୁଖ୍ୟମନ୍ତ୍ରୀ ରହିଛନ୍ତି। କିନ୍ତୁ ସମ୍ବିଧାନ ଅନୁଯାୟୀ ଧାରା ୧୬୩ ଏବଂ ୧୬୪ରେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ଧାରା ୧୬୩ (୧)ରେ ଲେଖାଯାଇଛି କି, ରାଜ୍ୟପାଳଙ୍କୁ ପରାମର୍ଶ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ କ୍ୟାବିନେଟ୍ ରହିବ। କିନ୍ତୁ ଏଥିରେ ଉପ-ମୁଖ୍ୟମନ୍ତ୍ରୀ ପଦ ବିଷୟରେ କୌଣସି ଉଲ୍ଲେଖ କରାଯାଇ ନାହିଁ। ଉପ-ମୁଖ୍ୟମନ୍ତ୍ରୀ ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀଙ୍କ ସହ ସମାନ ବୋଲି ବିବେଚନା କରାଯାଏ। ଉପ-ମୁଖ୍ୟମନ୍ତ୍ରୀ ସମାନ ଦରମା ସହ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ପାଇଥାନ୍ତି। କିନ୍ତୁ ଚଳିତ ବର୍ଷ ଫେବୃଆରୀ ୧୨ରେ ଉପ-ମୁଖ୍ୟମନ୍ତ୍ରୀ ନିଯୁକ୍ତି ନେଇ ସୁପ୍ରିମକୋର୍ଟ ଏକ ରାୟ ଦେଇଛନ୍ତି। ଚିଫ୍ ଜଷ୍ଟିସ୍ ଡି ଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବୀ ପାରଦୀବାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ର ଉପ-ମୁଖ୍ୟମନ୍ତ୍ରୀ ପଦକୁ ଅସମ୍ବିଧାନିକ ନୁହେଁ ବୋଲି କହିଥିଲେ। ଏହାକୁ ନେଇ ଏକ ଯାଚିକା ମଧ୍ୟ ପ୍ରସ୍ତୁତ ହୋଇଥିଲା। ହେଲେ ଯାଚିକାରେ ସମ୍ବିଧାନରେ ଉପ-ମୁଖ୍ୟମନ୍ତ୍ରୀ ପରି କୌଣସି ପଦ ନାହିଁ ଏବଂ ଏହା ସମ୍ବିଧାନର ଧାରା ୧୪ (ସମାନତା ଅଧିକାର)କୁ ଉଲଘଂନ ଏହା କରେ ବୋଲି ବୋଲି ଲେଖାଯାଇଥିଲା।

## ୨୪ରୁ ସଂସଦର ପ୍ରଥମ ଅଧିବେଶନ



**ନୂଆଦିଲ୍ଲୀ :** ନିକଟରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇସାରିଛନ୍ତି। ୧୮ତମ ଲୋକ ସଭାର ପ୍ରଥମ ଅଧିବେଶନ ଜୁନ୍ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଜୁନ୍ ୨୪ ରୁ ଏହି ଅଧିବେଶନ ଆରମ୍ଭ ହୋଇ ଜୁଲାଇ ୩ ପର୍ଯ୍ୟନ୍ତ ଚାଲିବ। ଏନେଇ କେନ୍ଦ୍ର ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ। ସଂସଦର ଏହି ସ୍ୱତନ୍ତ୍ର ଅଧିବେଶନରେ ୮ଟି କାର୍ଯ୍ୟ ଦିବସ ରହିବ। ୮ ଦିନରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେବ। ଜୁନ୍ ୨୪ ଏବଂ ୨୫ ତାରିଖରେ ନବ ନିର୍ବାଚିତ ସାଂସଦମାନେ ଶପଥ ନେବେ ଏବଂ ଜୁନ୍ ୨୬ ତାରିଖରେ ହେବ ବାଚସ୍ପତି ନିର୍ବାଚନ। ଲୋକସଭାର ବାଚସ୍ପତି ପଦ ପାଇଁ କେନ୍ଦ୍ର ସରକାର ପ୍ରଥମେ ଜଣେ ସାଂସଦଙ୍କ ନାମ ପ୍ରସ୍ତାବ ଦେବେ। ଯଦି ବିରୋଧୀ ସର୍ବସମ୍ମତି କ୍ରମେ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରନ୍ତି, ତେବେ ନିର୍ବାଚନ ହେବ ନାହିଁ। ଯଦି ଏହା ନହୁଏ ତେବେ ବିରୋଧୀ ମଧ୍ୟ ତାଙ୍କ ପକ୍ଷରୁ ଜଣେ ପ୍ରାର୍ଥୀଙ୍କ ନାମ ଦେବେ। ଏଥିସହିତ ୨୬୪ତମ ରାଜ୍ୟସଭା ଅଧିବେଶନ ଜୁନ୍ ୨୭ରୁ ଆରମ୍ଭ ହେବ ଏବଂ ଦୁଇ ଗୃହ ୩ ଜୁଲାଇ ପର୍ଯ୍ୟନ୍ତ ଚାଲିବ। ରାଷ୍ଟ୍ରପତି ଦୌପ୍ରଦୀ ମୁର୍ମୁ ୨୭ ଜୁନରେ ଲୋକସଭା ଓ ରାଜ୍ୟସଭାର ମିଳିତ ବୈଠକରେ ସମ୍ବୋଧିତ କରିବ ଓ ଆଗାମୀ ୫ ବର୍ଷ ପାଇଁ ନୂଆ ସରକାରଙ୍କ କାର୍ଯ୍ୟର ରୂପରେଖ ଆଗତ କରିବ।

## ଏଡିଆର ରିପୋର୍ଟ
### ପ୍ରଧାନମନ୍ତ୍ରୀଙ୍କ କ୍ୟାବିନେଟ୍‌ରେ ୩୯% ମନ୍ତ୍ରୀଙ୍କ ନାଁରେ ମାମଲା

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳିର କ୍ୟାବିନେଟ୍‌ର ୨୮ ଜଣ ମନ୍ତ୍ରୀଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର) ରିପୋର୍ଟରେ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ୧୯ ଜଣ ମନ୍ତ୍ରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ, ମହିଳାଙ୍କ ପ୍ରତି ଅପରାଧ, ହେଟ୍ ସ୍ପିଚ୍ ଆଦି ଗମ୍ଭୀର ଆପରାଧିକ ମାମଲା ରହିଛି। ବନ୍ଦର, ପରିବହନ ଏବଂ ଜଳମାର୍ଗ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଏବଂ ଉତ୍ତର ପୂର୍ବାଞ୍ଚଳ ବିକାଶ ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାରଙ୍କ ନାଁରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୩୦୭ ଅନୁଯାୟୀ ହତ୍ୟା ଉଦ୍ୟମ ମାମଲା ରହିଛି। ସେହିପରି ମୋଦି ୩.୦ କ୍ୟାବିନେଟରେ ଥିବା ୫ ମନ୍ତ୍ରୀଙ୍କ ନାଁରେ ମହିଳାଙ୍କ ପ୍ରତି ଅପରାଧ ମାମଲା ରହିଛି। ସେମାନେ ହେଉଛନ୍ତି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଶାନ୍ତନୁ ଠାକୁର ଏବଂ ସୁକାନ୍ତ ମଜୁମଦାର। ଅନ୍ୟପକ୍ଷରେ ଏହି ମନ୍ତ୍ରିମଣ୍ଡଳର ୮ ଜଣ ମନ୍ତ୍ରୀଙ୍କ ନାଁରେ ହେଟ୍ ସ୍ପିଚ୍ ମାମଲା ରହିଥିବାବେଳେ ସମୁଦାୟ ୩୯% ମନ୍ତ୍ରୀଙ୍କ ନାଁରେ ଆପରାଧିକ ମାମଲା ଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୭୧ ଜଣ କେନ୍ଦ୍ର ମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥ ନେଇଥିଲେ।

# ରାସନ କାର୍ଡର ଇ-କେୱାଇସି ଜରୁରୀ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ପ୍ରତି ମାସରେ ଦେଶର ପ୍ରାୟ ୮୦ କୋଟି ଲୋକଙ୍କୁ ରାସନ ଯୋଗାଉଛନ୍ତି। ଯଦି ଆପଣ ମଧ୍ୟ ଏହି ସରକାରୀ ଯୋଜନାର ଲାଭ ଉଠାଉଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ଉପଯୋଗୀ। ମାଗଣା ରେସନ ପାଇବା ପାଇଁ, ଆପଣଙ୍କୁ ଆପଣଙ୍କ ରାସନ କାର୍ଡର ଇ-କେୱାଇସି କରିବାକୁ ପଡିବ। ଜୁନ୍ ୩୦ ହେଉଛି ଏହି କେୱାଇସି କରିବା ପାଇଁ ଶେଷ ତାରିଖ। ଯେଉଁମାନେ ଏହି ତାରିଖ ସୁଦ୍ଧା କେୱାଇସି କରିନାହାଁନ୍ତି, ସେହି ରାସନ କାର୍ଡଧାରୀମାନେ ଜୁଲାଇରେ ରାସନ ପାଇବେ ନାହିଁ। ରାସନ ବିତରଣ କେନ୍ଦ୍ରରେ ଏହି କେୱାଇସି ମାଗଣାରେ କରିପାରିବେ ରାସନ୍ କାର୍ଡଧାରୀ। ମିଳିଥିବା ସୂଚନା



ଅନୁସାରେ, ଏହି ଯୋଜନାରେ ଅନିୟମିତତା ବନ୍ଦ କରିବା ଏବଂ ହିତାଧିକାରୀଙ୍କୁ ଠିକ ସମୟରେ ରାସନ ଯୋଗାଇବା ପାଇଁ ସରକାର କେୱାଇସିକୁ ବାଧ୍ୟତାମୂଳକ କରିଛନ୍ତି। ଅନେକ ପରିବାର ସେମାନଙ୍କ ମୃତ ସଦସ୍ୟଙ୍କ ରାସନ ସଂଗ୍ରହ କରୁଥିବା ଅଭିଯୋଗ ଆସୁଛି। ଏଥିସହିତ କେତେକ କ୍ଷେତ୍ରରେ ପରିବାରର କିଛି ସଦସ୍ୟ ସେମାନଙ୍କର ମୂଳ ବାସସ୍ଥାନ ଛାଡ଼ି ଅନ୍ୟ କୌଣସି ସ୍ଥାନରେ ରୁହୁଛନ୍ତି। ତାଙ୍କ ପରିବାର ସଦସ୍ୟ ତାଙ୍କ ନାମରେ ରାସନ ନେଉଥିବାବେଳେ ସେ ଅନ୍ୟ ସ୍ଥାନରେ ମାଗଣା ରାସନ ନେଉଛନ୍ତି। ଏହି ସମସ୍ୟାକୁ ବନ୍ଦ କରିବା ଏବଂ ସଠିକ ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ପାଇଁ, କେୱାଇସି ବର୍ତ୍ତମାନ ବାଧ୍ୟତାମୂଳକ ହୋଇଛି। ରାସନ କାର୍ଡ କେୱାଇସି ପାଇଁ, ରାସନ କାର୍ଡ ଧାରକ ପରିବାରର ମୁଖ୍ୟଙ୍କ ସମେତ ସମସ୍ତ ଲୋକଙ୍କ ବାୟୋମେଟ୍ରିକ କରାଯିବ। ଏଥିରେ ସମସ୍ତଙ୍କର ଆଙ୍ଗୁଠି ଛାପ ନିଆଯିବ। ରାସନ ବିତରଣ କେନ୍ଦ୍ରରେ ଡିପୋ ଧାରକ ଏହି କାର୍ଯ୍ୟ କରିବେ। ଏଥିପାଇଁ ରାସନ କାର୍ଡଧାରୀଙ୍କୁ କୌଣସି ଟଙ୍କା ଦେବାକୁ ପଡିବ ନାହିଁ।

# ଜିଏସ୍‌ଟି ଅଧୀନକୁ ଆସିପାରେ ପେଟ୍ରୋଲ, ଡିଜେଲ

**ନୂଆଦିଲ୍ଲୀ :** ନୂଆ ସରକାର ଗଠନ ପରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହାର୍ଦ୍ଦିକ ସିଂ ପୁରୀ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଏଥର ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଅଧୀନରେ ପେଟ୍ରୋଲ, ଡିଜେଲ ଏବଂ ପ୍ରାକୃତିକ ଗ୍ୟାସ ଭଳି ଉତ୍ପାଦ ଗୁଡିକୁ ଆଣିବା ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ଉଦ୍ୟମ କରିବେ। ଏହାଦ୍ୱାରା ସାଧାରଣ ଲୋକଙ୍କୁ ବହୁତ ଆରାମ ମିଳିବ। ଜିଏସ୍‌ଟି ପରିସରକୁ ପେଟ୍ରୋଲ ଏବଂ ଡିଜେଲ ପରି ଇନ୍ଧନ ଆଣିବା ପାଇଁ ଏହି ପ୍ରୟାସ ନୂଆ ନୁହେଁ। ଜିଏସ୍‌ଟି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଏବଂ ଜିଏସ୍‌ଟି ପରିଷଦର ପରବର୍ତ୍ତୀ ଗଠନ ହେବା ପରଠାରୁ ଏଥିପାଇଁ ପ୍ରୟାସ କରାଯାଉଛି। ଜିଏସ୍‌ଟି ପରିଷଦର ପ୍ରାୟ ପ୍ରତ୍ୟେକ ବୈଠକରେ ଏହି ପ୍ରସଙ୍ଗ ଆଗତ କରାଯାଇଛି। ହଲେ ପେଟ୍ରୋଲ ଏବଂ ଡିଜେଲ ଉପରେ ଭାଟ୍ ରାଜ୍ୟ ସରକାରଙ୍କ ପାଇଁ ଏକ ପ୍ରମୁଖ ଉତ୍ସ ହୋଇଥିବାରୁ ଏ ପର୍ଯ୍ୟନ୍ତ ରାଜ୍ୟଗୁଡିକ ମଧ୍ୟରେ ଏ ନେଇ ସହମତି ହୋଇପାରିନାହିଁ। ଏଭଳି ପରିସ୍ଥିତିରେ ଜିଏସ୍‌ଟି ଅଧୀନରେ ଆସୁଥିବା ଯୋଗୁ ପେଟ୍ରୋଲ ଏବଂ ଡିଜେଲ କ୍ଷେତ୍ରରେ ରାଜ୍ୟ ସରକାରମାନେ ସେମାନଙ୍କ ରାଜସ୍ୱ କ୍ଷତିର ସମ୍ମୁଖୀନ ହେବାକୁ ଚାହାଁନ୍ତିନାହିଁ। ତଥାପି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ବର୍ଷ ନଭେମ୍ବରରେ କହିଥିଲେ ଯେ ଗ୍ରାହକମାନେ ଜିଏସ୍‌ଟି ଅଧୀନକୁ ପେଟ୍ରୋଲ ଏବଂ ଡିଜେଲ ଆଣି ଅଧିକ ଲାଭବାନ ହେବେ। ଏଥିସହିତ, ଦେଶରେ ଏଥିପାଇଁ ବିଭିନ୍ନ ମୂଲ୍ୟ ଦେବାକୁ ପଡିବନାହିଁ। ଜିଏସ୍‌ଟି ଅଧୀନରେ ପେଟ୍ରୋଲ ଏବଂ ଡିଜେଲ ଆଣିବା ସହିତ ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି ଯେ ସରକାର ୨୦୩୦ ସୁଦ୍ଧା ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି, କିନ୍ତୁ ବର୍ତ୍ତମାନ ଏହା ଆସନ୍ତା ବର୍ଷ ଅର୍ଥାତ୍ ୨୦୨୫ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି। ଏଥିସହ ସେ କହିଛନ୍ତି ଯେ ପେଟ୍ରୋଲିୟମ କ୍ଷେତ୍ରର ପିଏସ୍ୟୁଗୁଡିକର ଅଂଶଧନ ବିକ୍ରି କରିବା ସପକ୍ଷରେ ସରକାର ନାହାଁନ୍ତି।

## ଏଣିକି ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନରେ ବର୍ଷକୁ ଦୁଇ ଥର ନାମଲେଖା

**ନୂଆଦିଲ୍ଲୀ :** ଦେଶର ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ଏଣିକି ବର୍ଷକୁ ଦୁଇଥର ନାମଲେଖା ପ୍ରକ୍ରିୟା ଅନୁସରଣ କରାଯିବ। ବିଦେଶ ବିଶ୍ୱବିଦ୍ୟାଳୟଗୁଡିକ ଢାଞ୍ଚାରେ ଆମ ଦେଶରେ ଦୁଇଥର ଲେଖା ପ୍ରକ୍ରିୟାକୁ ଅନୁସରଣ କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅନୁମୋଦନ କରିଛି। ୟୁଜିସି ମୁଖ୍ୟ ଜଗଦେଶ କୁମାର କହିଛନ୍ତି ଯେ ୨୦୨୪-୨୫ ଶିକ୍ଷା ବର୍ଷରୁ ବିଶ୍ୱବିଦ୍ୟାଳୟଗୁଡିକରେ ଦୁଇଥର ନାମଲେଖା ପ୍ରକ୍ରିୟା ଅନୁସରଣ କରାଯିବ। ଜୁଲାଇ-ଅଗଷ୍ଟ ଓ ଜାନୁଆରୀ-ଫେବୃଆରୀ ମାସରେ ନାମଲେଖା କାର୍ଯ୍ୟ ହେବ। ଏହାଦ୍ୱାରା ଅନେକ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ। କାରଣ ଯେଉଁମାନେ ଜୁଲାଇ-ଅଗଷ୍ଟରେ ନାମଲେଖାରୁ ବଞ୍ଚିତ ହେଉଛନ୍ତି ସେମାନେ ଜାନୁଆରୀ-ଫେବୃଆରୀରେ ନାମ ଲେଖାଇବାର ସୁଯୋଗ ପାଇପାରିବେ। ବିଶ୍ୱବିଦ୍ୟାଳୟ ବ୍ୟତୀତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ମଧ୍ୟ ବର୍ଷକୁ ଦୁଇଥର ନାମଲେଖା ପ୍ରକ୍ରିୟା ଅନୁସରଣ କରାଯିବ। ଏଥିପାଇଁ ପାଠପଢା, ଶ୍ରେଣୀ କକ୍ଷ, ଆନୁଷଙ୍ଗିକ ସେବାକୁ ଉପଯୁକ୍ତ ଭାବେ ପରିଚାଳନା ଲାଗି ଧ୍ୟାନ ଦିଆଯିବ। ତେବେ ଯେଉଁସବୁ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ମାନବସମ୍ବଳ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ନଥିବ ସେମାନେ ଦୁଇଥର ନାମଲେଖା ପ୍ରକ୍ରିୟା ଅନୁସରଣ କରିବାକୁ ବାଧ୍ୟ ନୁହନ୍ତି ବୋଲି କୁମାର କହିଛନ୍ତି। ଦୁଇଥର ନାମଲେଖା ପ୍ରକ୍ରିୟା ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକର ଇଚ୍ଛାଧୀନ ବ୍ୟାପାର ହୋଇ ରହିବ। ଦୁଇଥର ନାମ ଲେଖା ପ୍ରକ୍ରିୟା ପାଇଁ ଶିକ୍ଷାନୁଷ୍ଠାନଗୁଡିକ ସେମାନଙ୍କ ଅନୁଷ୍ଠାନ ନିୟମରେ ଆବଶ୍ୟକ ପରିବର୍ତ୍ତନ କରିବେ। ବିଶ୍ୱର ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟଗୁଡିକରେ ବର୍ଷକୁ ଦୁଇଥର ନାମଲେଖା ପ୍ରକ୍ରିୟା ଅନୁଷ୍ଠିତ ହୋଇଆସୁଛି।

**ନିଟ୍ ପରୀକ୍ଷାର୍ଥୀଙ୍କୁ ମିଳିଥିବା 'ଗ୍ରେସ୍ ମାର୍କ' ରଦ୍ଦ**

# ଆଉ ଥରେ ପରୀକ୍ଷା ଦେବେ ପ୍ରଭାବିତ ଛାତ୍ରଛାତ୍ରୀ

**ନୂଆଦିଲ୍ଲୀ :** ନିଟ୍ ପରୀକ୍ଷାଫଳ ଆସିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆଣିବା ସହ ପରୀକ୍ଷାକୁ ରଦ୍ଦ କରିବା ସହ କାଉନସେଲିଂ ବନ୍ଦ କରିବାକୁ ସୁପ୍ରିମକୋର୍ଟରେ ପିଆଇଏଲ ଦାଖଲ ହୋଇଥିଲା। ଯାହାର ଶୁଣାଣି କରି ନିକଟରେ କାଉନସେଲିଂ ଓ ପରୀକ୍ଷା ରଦ୍ଦ କରିବାକୁ ମନା କରି ଦେଇଥିଲେ ସୁପ୍ରିମକୋର୍ଟ। ଏହାସହ ଏନଟିଏକୁ ନୋଟିସ ମଧ୍ୟ ଜାରି କରିଥିଲେ ଅଦାଲତ। ଗୁରୁବାର ଦିନ ଏନ୍‌ଟିଏ ଅଦାଲତରେ କହିଥିଲା କି ୧୫୬୩ରୁ ଅଧିକ ନିଟ୍ ୟୁଜି-୨୦୨୪ ଛାତ୍ରଛାତ୍ରୀଙ୍କ ଫଳାଫଳକୁ ପୁନର୍ମୂଲ୍ୟାଙ୍କନ କରିବାକୁ ଏକ କମିଟି ଗଠନ କରାଯାଇ ସେମାନଙ୍କୁ 'ଗ୍ରେସ୍ ମାର୍କ' ପ୍ରଦାନ କରାଯାଇଥିଲା। ପରୀକ୍ଷାରେ ପାଇଁ ସମୟ



ନଷ୍ଟ ହୋଇଥିବା କାରଣରୁ ଏହି ମାର୍କ ଦିଆଯାଇଥିଲା। ଏବେ ଅଦାଲତ ସେ 'ଗ୍ରେସ୍ ମାର୍କ'କୁ ରଦ୍ଦ କରିଛନ୍ତି। ଯେଉଁ ଛାତ୍ରଛାତ୍ରୀମାନେ ଏଥିରେ ପ୍ରଭାବିତ ହୋଇଛନ୍ତି ସେମାନେ ଜୁନ୍ ୨୩ ତାରିଖରେ ଆଉ ଥରେ ପରୀକ୍ଷା ଦେବେ ଓ ସେମାନଙ୍କ ଫଳାଫଳ ଜୁନ୍ ୩୦ ପୂର୍ବରୁ ଘୋଷଣା ହେବ ବୋଲି ଶୁଣାଣି ହୋଇଛି। ଉଲ୍ଲେଖଯୋଗ୍ୟ, ନିଟ୍ ପରୀକ୍ଷାଫଳ ଆସିବା ପରେ ଦେଶର ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଏପରିକି ଏହି ପରୀକ୍ଷାକୁ ରଦ୍ଦ କରିବାକୁ ଦାବି କରିଥିଲେ। ପରୀକ୍ଷାଫଳରେ ହେରଫେର ହୋଇଥିବା ଅଭିଯୋଗ ଆଣିଥିଲେ ଛାତ୍ରଛାତ୍ରୀ। ଗ୍ରେସ୍ ନମ୍ବର ଦେବାରେ ମନମାନି ହୋଇଥିବା କହିଥିଲେ ଛାତ୍ରଛାତ୍ରୀ। ଗୋଟିଏ ପରୀକ୍ଷା କେନ୍ଦ୍ରର ୬୭ ଜଣ ଛାତ୍ରଛାତ୍ରୀଙ୍କୁ ପୂରା ୭୨୦ ନମ୍ବର ମିଳିଥିଲା, ଯାହାକୁ ନେଇ ଦେଶର ବିଭିନ୍ନ ପ୍ରାନ୍ତରୁ ଅଭିଯୋଗ ଆସିଥିଲା। ପରେ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା।



# ହଟିଲା ୫-ଟି' ଓ ମୋ' ସରକାର

**ଭୁବନେଶ୍ୱର :** ରାଜ୍ୟରେ ବିଜେପି ସରକାର ଆରମ୍ଭ ହୋଇଛି। ମୋହନ୍ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ପରିଚାଳିତ ହେଉଛି। ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ମାଝୀ ଶପଥ ଗ୍ରହଣ କରିବାର ଅଳ୍ପ ସମୟରେ ବୁଧବାର ରାତିରେ କ୍ୟାବିନେଟ୍ ବୈଠକ କରିଥିଲେ। ଏହି ବୈଠକରେ ୪ଟି ପ୍ରସ୍ତାବ ନେଇଥିଲେ, ଯେଉଁଥିରେ ଶ୍ରୀମନ୍ଦିର ପାଇଁ ୨ଟି ଓ ଚାଷୀ ଓ ମହିଳାଙ୍କ ପାଇଁ ୨ଟି ଥିଲା। ମୁଖ୍ୟମନ୍ତ୍ରୀ ଗତକାଲି ଶ୍ରୀମନ୍ଦିରର ୪ଦ୍ୱାର ଖୋଲିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ରାଜ୍ୟରୁ ୫-ଟି' ଓ ମୋ' ସରକାର ହଟିବା ନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସରରୁ ବୋର୍ଡ ହଟାଇବାକୁ ନିର୍ଦ୍ଦେଶ ହୋଇଛି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ସଚିବଙ୍କ ନିର୍ଦ୍ଦେଶ। ସୂଚନାଯୋଗ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ୫ଟି ବ୍ୟବସ୍ଥା ଲାଗୁ ହୋଇଥିଲା। ନବୀନ ପଟ୍ଟନାୟକ ୫ମ ପାଳିରେ ଏହି ବ୍ୟବସ୍ଥା ଲାଗୁ କରିଥିଲେ। ୫ଟି (ଟିମ୍ୱାର୍କ, ଟ୍ରାନ୍ସପେରିଏନ୍ସି, ଟେକ୍ନୋଲୋଜି, ଟାଇମ୍ ଓ ଟ୍ରାନ୍ସଫରମେସନ) ଆଧାରରେ ରାଜ୍ୟର ବିକାଶ ହୋଇପାରିବ ବୋଲି ନବୀନ ସରକାର ଚିନ୍ତା କରିଥିଲେ। ୫ଟି ମାଧ୍ୟମରେ ବିଦ୍ୟାଳୟଗୁଡ଼ିକ ରୂପାନ୍ତରିତ କରିଥିଲେ। ସେହିପରି ମୋ ସରକାର ଅଧୀନରେ ମଧ୍ୟ ବିକାଶମୂଳକ କାର୍ଯ୍ୟ କରିଥିଲେ। ତେବେ ୫ଟିରେ ଅବ୍ୟବସ୍ଥା ନେଇ ବିରୋଧୀ, ଠିକାଦାର ଅନେକ ସମୟରେ ଅଭିଯୋଗ ମଧ୍ୟ ଆଣିଥିଲେ।

### ଶପଥ ଗ୍ରହଣ ଉତ୍ସବରେ ନବୀନଙ୍କ ଉପସ୍ଥିତି ନେଇ ସମସ୍ତେ ଆଶ୍ଚର୍ଯ୍ୟ

# ସାରା ଦେଶରେ ପ୍ରଶଂସା

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ୍ ମାଝୀଙ୍କ କଥା ରଖିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମିଳିଥିବା ନିମନ୍ତ୍ରଣ ଆଧାରରେ ଶ୍ରୀ ପଟ୍ଟନାୟକ ଆୟୋଜିତ ମୁଖ୍ୟମନ୍ତ୍ରୀ ପଦବିର ଶପଥ ଗ୍ରହଣ ସମାରୋହ ଯୋଗ ଦେଇଥିଲେ। ଜନତା ମଇଦାନରେ ହଜାର ହଜାର ଲୋକଙ୍କ ଭିଡ଼ ଭିତରେ ଶ୍ରୀ ପଟ୍ଟନାୟକଙ୍କୁ ଦେଖି ମଞ୍ଚାସୀନ ଅତିଥି, ମଞ୍ଚ ତଳେ ବସିଥିବା ସାଂସଦ, ବିଧାୟକ, ନେତା, କର୍ମୀ ଓ ଜନସାଧାରଣ ଖୁସି ଅନୁଭବ କରିଥିଲେ। ନବୀନ ପଟ୍ଟନାୟକଙ୍କ ପ୍ରତି ଭଲପାଇବା ଦେଇଛନ୍ତି। ସାଧାରଣ ନିର୍ବାଚନ-୨୦୨୪ର ଫଳାଫଳ ଆସିଲା ପରେ ଓଡ଼ିଶାରେ ଶାସନ ବ୍ୟବସ୍ଥା ବଦଳିଛି। ରାଜ୍ୟରୁ ବିଜେଡି ସରକାର ଯାଇଛି ଏବଂ ବିଜେପି ସରକାର ଆସିଛି। କିନ୍ତୁ ଶାଳିନତା, ସଂଜ୍ଞମତା ଓ ପରିପକ୍ୱତା ସେମିତି ଅତୁଟ ରହିଛି। ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଶପଥ ଗ୍ରହଣରେ ଯେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଭା ମଞ୍ଚରେ ପହଞ୍ଚିଥିଲେ, ନବୀନଙ୍କ ସମ୍ମାନରେ ସମସ୍ତେ ଛିଡ଼ା



ହୋଇଯାଇଥିଲେ। ଆଉ ସ୍ୱଭାବ ସୁଲଭ ଢଙ୍ଗରେ ନମସ୍କାର ଓ ପ୍ରତି ନମସ୍କାର କରି, ଆସନ ପାଖକୁ ଅଗେଇ ବଢୁଥିବା ବେଳେ ଜଣେ ପରେ ଜଣେ ବରିଷ୍ଠ ବିଜେପି ନେତା ଆସି ବିଜେଡି ସୁପ୍ରିମୋଙ୍କୁ ସମ୍ମାନ ଜଣାଉଥିଲେ। ରାଜନୀତିର ଏ ଥିଲା ଅନ୍ୟତମ ରୋଚକ ଦୃଶ୍ୟ। ବର୍ଷବର୍ଷ ଧରି ପରସ୍ପର ବିରୋଧରେ ରାଜନୈତିକ ପ୍ରତିଦ୍ୱନ୍ଦିତା କରୁଥିବା ବିଜେପି ନେତା ଓ ବିଜେଡି ସୁପ୍ରିମୋ, ସବୁ କିଛି ଭୁଲି ନିଜ ନିଜ ଦାୟିତ୍ୱ ତୁଲାଉଥିଲେ। ଜଣେ ନୂଆ ଶାସନ ହାତକୁ ନେବା ଆଗରୁ ଶପଥ ପାଇଁ ସଜବାଜ ହେଉଥିଲେ। ଆଉ ଜଣେ ଜନମତକୁ ସ୍ୱାଗତ କରି ନୂଆ ଶାସକଙ୍କୁ ଆଗକୁ ବାଟ ଛାଡ଼ି ଦେଉଥିଲେ। ଯଦିଓ ରାଜନୀତିରେ ହାର-ଜିତ୍ ଅଛି, ଜୟ-ପରାଜୟ ଅଛି, ଦୀର୍ଘ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଥିବା ନବୀନ ପଟ୍ଟନାୟକଙ୍କୁ ମଞ୍ଚ ଉପରେ ଦେଖି ସମସ୍ତେ ଏକ ପ୍ରକାର ଭାବବିହ୍ୱଳ ହୋଇଯାଉଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନବୀନ ପଟ୍ଟନାୟକଙ୍କୁ ବାଟ କଢ଼େଇ ତାଙ୍କ ଆସନ ପାଖକୁ ନେଇ ଯାଉଥିବା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା. ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ସମେତ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ନବୀନ ପଟ୍ଟନାୟକଙ୍କ ସହ ମଞ୍ଚ ଉପରେ ଭାବ ବିନିମୟ କରୁଥିବା ଦେଖିବାକୁ ମିଳିଥିଲା। ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦେଇଥିବା ନିମନ୍ତ୍ରଣକୁ ରକ୍ଷା କରି ନବୀନ ପଟ୍ଟନାୟକ, ନୂଆ ସରକାରର ଶପଥ ଗ୍ରହଣରେ ଆସି ଏକ ପରିପକ୍ୱ ରାଜନେତାର ପ୍ରମାଣ ଦେଇଥିଲେ।

## ସ୍କୁଲରେ ରହିବନି 'ଫାଇଭ-ଟି' ଚିହ୍ନବର୍ଣ୍ଣ

**ଭୁବନେଶ୍ୱର :** ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଅମଳରେ ସ୍କୁଲଗୁଡ଼ିକରେ ଲାଗିଥିବା 'ଫାଇଭ-ଟି ଚାର୍ଟର'କୁ ତୁରନ୍ତ ହଟାଇବାକୁ ଆଜି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଫାଇଭ-ଟି ଅନ୍ତର୍ଗତ ସ୍କୁଲଗୁଡ଼ିକର ରୂପାନ୍ତରୀକରଣ କାର୍ଯ୍ୟ ହୋଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଆସିବା ପରେ ସ୍କୁଲଗୁଡ଼ିକରୁ 'ଫାଇଭ-ଟି' ଚିହ୍ନବର୍ଣ୍ଣ ହଟାଇ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ପାରୁଲ ପଟ୍ୱାରୀ ଆଜି ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଚିଠି ଲେଖି ସମସ୍ତ ରୂପାନ୍ତରିତ ହାଇସ୍କୁଲଗୁଡ଼ିକରୁ 'ଫାଇଭ-ଟି ଚାର୍ଟର) ବୋର୍ଡ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବଙ୍କଠୁ ଏନେଇ ନିର୍ଦ୍ଦେଶ ଆସିଛି। ତେଣୁ ସ୍କୁଲଗୁଡ଼ିକରେ ଫାଇଭ-ଟି ଚାର୍ଟରକୁ ତତ୍କାଳ ପ୍ରଭାବରୁ ହଟାଇବାକୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଶ୍ରୀମତୀ ପଟ୍ୱାରୀ ଅବଗତ କରିଛନ୍ତି। ସୂଚନାଯୋଗ୍ୟ, ନବୀନ ପଟ୍ଟନାୟକ ସରକାର ଫାଇଭ-ଟି ରୂପାନ୍ତରୀଣ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍କୁଲଗୁଡ଼ିକର ନବୀକରଣ, ମରାମତି ଓ ସ୍ମାର୍ଟ କ୍ଲାସରୁମ୍ ଆଦି କାର୍ଯ୍ୟ କରିଥିଲେ। ଏହି ଫାଇଭ-ଟି ସ୍କୁଲ ରୂପାନ୍ତରୀକରଣକୁ ବିଜେଡି ସରକାର ନିଜର ବଡ଼ ଉପଲବ୍ଧ ଭାବେ ବିବେଚନା କରିଥିଲା।

# ରଣେନ୍ଦ୍ର ପ୍ରତାପ ସ୍ୱାଇଁ କାମଚଳା ବାଚସ୍ପତି



**ଭୁବନେଶ୍ୱର :** ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ହେଲେ କାମଚଳା ବାଚସ୍ପତି। ସପ୍ତଦଶ ବିଧାନସଭାର କାମଚଳା ବାଚସ୍ପତି ଭାବରେ ସେ ଶପଥ ନେଇଛନ୍ତି। ଶୁକ୍ରବାର ଦିନ ତାଙ୍କୁ ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ରଘୁବର ଦାସ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ। କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୧୮ ଓ ୧୯ ତାରିଖରେ ବିଧାନସଭାରେ ନିର୍ବାଚିତ ବିଧାୟକଙ୍କୁ ଶପଥ ପାଠ କରାଇବେ। ଏହାପରେ ୨୦ ତାରିଖରେ ବାଚସ୍ପତି ନିର୍ବାଚନକୁ ପରିଚାଳନା କରିବେ। ୧୯ ତାରିଖ ଦିନ ନୂଆ ବାଚସ୍ପତି ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହେବ ବୋଲି ଜଣାପଡ଼ିଛି। ବିଜେପି ନିଜର ବରିଷ୍ଠ ନେତ୍ରୀ ସୁରମା ପାଢ଼ୀଙ୍କୁ ବାଚସ୍ପତି ପଦରେ ଆସୀନ କରାଇପାରେ ବୋଲି ଚର୍ଚ୍ଚା ହେଉଛି। ବିଧାନସଭାରେ ବିଜେପିର ୭୮ ବିଧାୟକ ଓ ୩ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିବାରୁ ଉଭୟ ବାଚସ୍ପତି ଓ ଉପବାଚସ୍ପତି ପଦ ବିଜେପି ପାଖରେ ରହିବ ବୋଲି ଜଣାପଡ଼ିଛି। ବିଧାନସଭା ଓ ସଂସଦରେ ସ୍ୱଳ୍ପ ସମୟ ପାଇଁ ଗୃହ କାର୍ଯ୍ୟ ପରିଚାଳନା ପାଇଁ କାମଚଳା ବାଚସ୍ପତି ନିଯୁକ୍ତି କରାଯାଇଥାଏ। ବରିଷ୍ଠ ବିଧାୟକଙ୍କୁ ପ୍ରୋଟେମ୍ ସ୍ପିକର ବା କାମଚଳା ବାଚସ୍ପତି ଭାବରେ ଦିଆଯାଏ ନିଯୁକ୍ତି।

# ପୂରଣ ହେବ ପ୍ରତିଶ୍ରୁତି, ମିଳିବ ଅଧିକାର

**ଭୁବନେଶ୍ୱର :** ଦୀର୍ଘ ୨୪ ବର୍ଷ ପରେ ରାଜ୍ୟରେ ବିଜେପି ଗଢ଼ିଛି ନୂଆ ସରକାର। ପୂର୍ବରୁ ବିଜେପି ବିରୋଧୀ ଭୂମିକାରେ ରହିବା ସହ ରାଜ୍ୟର ବିଭିନ୍ନ ବର୍ଗର ଦାବି ତଥା ଆନ୍ଦୋଳନକାରୀଙ୍କ ସହ ଛିଡା ହୋଇଥିଲା। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ସେତେବେଳେର ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଆନ୍ଦୋଳନରତ ବିଭିନ୍ନ ବର୍ଗର ସଂଗଠନ ପାଖରେ ଟେଣ୍ଟରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝିବା ସହ ସେମାନଙ୍କ ଦାବି ଯଥାର୍ଥ ବୋଲି କହିଥିଲେ। ତେଣୁ ବର୍ତ୍ତମାନ ସେ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ଭାର ସମ୍ଭାଳିବା ପରେ ସେସବୁ ସଂଗଠନ ଦାବି ପୂରଣ ନେଇ ଏବେ ବେଶ ଆଶାବାଦୀ ହୋଇଉଠିଛନ୍ତି। ନିର୍ବାଚନ ଆରମ୍ଭ ହେବା ପୂର୍ବରୁ ରାଜ୍ୟର ବିଭିନ୍ନ ସଂଗଠନ ବହୁ ଦାବି ନେଇ ବହୁ ଦିନ ଧରି ଆନ୍ଦୋଳନ ଜାରି ରଖିଥିଲେ। ବିଭିନ୍ନ ସଂଗଠନର ଦାବି ମଧ୍ୟ ପୂର୍ବ ସରକାର ପୂରଣ କରିବା ସହ ସେମାନଙ୍କ ପାଇଁ ଖୁସିର ପରିବେଶ ସୃଷ୍ଟି କରିଥିଲେ। କିନ୍ତୁ ଆହୁରି କିଛି ସଂଗଠନର ଦାବି ପୂରଣ ହୋଇପାରି ନଥିଲା। ରାଜ୍ୟ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନପ୍ରାପ୍ତ କଲେଜ ସଂଘର ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଗ୍ରାଣ୍ଟ ଇନ ଏଡ଼ ପରିସରଭୁକ୍ତ କରିବା ପାଇଁ ଦୀର୍ଘ ଦିନ ଧରି ଦାବି ହୋଇଆସୁଛି। ସରକାରୀ ସ୍ତରରେ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଗତ ନିର୍ବାଚନ ପୂର୍ବରୁ ସେମାନଙ୍କ ଦାବି ପୂରଣ ହୋଇ ନଥିଲା। ଏପରିକି ସଂଘ ପକ୍ଷରୁ ଅଧ୍ୟାପକମାନେ ଦୀର୍ଘ ଦିନ ଧରି ଭିନ୍ନ ଢଙ୍ଗରେ ଆନ୍ଦୋଳନ କରିଥିଲେ। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଥିଲା। ସେତେବେଳର ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଆନ୍ଦୋଳନକାରୀଙ୍କ ପାଖରେ ପହଞ୍ଚି ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରିବା ସହ ସବୁ ଦାବି ଯୁକ୍ତିଯୁକ୍ତ ଓ ତୁରନ୍ତ ପୂରଣ ହେବା ଦରକାର ବୋଲି କହିଥିଲେ। ସେହିପରି ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ସ୍ଥାୟୀ କରାଯାଇଥିଲେ ମଧ୍ୟ ଆହୁରି ବହୁ କର୍ମଚାରୀ ଏଥିରୁ ବାଦ ପଡ଼ିଛନ୍ତି। ଏଥିସହିତ ସେମାନେ ପୁରୁଣା ପେନସନ, ବାଦ ପଡିଥିବା କର୍ମଚାରୀଙ୍କୁ ନିୟମିତ କରିବା, ସ୍ୱାସ୍ଥ୍ୟ ବୀମା ତଥା ଅନ୍ୟାନ୍ୟ ଦାବି ନେଇ ସେମାନେ ଆନ୍ଦୋଳନ କରୁଥିଲେ। ସେ ସମୟରେ ସେମାନଙ୍କୁ ଭେଟି ମୋହନ ମାଝୀ ସବୁ ଦାବିକୁ ସମର୍ଥନ କରିଥିଲେ। ଫଳରେ ଏବେ ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏସବୁକୁ ପୂରଣ କରିବେ ବୋଲି ଦୃଢ଼ ଆଶାବାଦୀ ଅଛନ୍ତି ବିଭିନ୍ନ ସଂଘ। ଏପରିକି ପୁରୁଣା ପ୍ରତିଶ୍ରୁତିକୁ ମନେ ପକାଇବା ପାଇଁ ସଂଘଗୁଡିକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପ୍ରସ୍ତୁତ ହେଉଥିବା କହିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ଥିବା ସମୟରେ ଆନ୍ଦୋଳନ ସ୍ଥଳୀ ଯାଇ ଆନ୍ଦୋଳନକାରୀଙ୍କ ସମସ୍ୟା ଶୁଣିବା ସହ ସେମାନଙ୍କ ସମସ୍ୟାକୁ ବିଧାନସଭାରେ ମଧ୍ୟ ଉଠାଇଥିଲେ ମୋହନ ମାଝୀ। ଏପରିକି ବର୍ତ୍ତମାନ ବିଜେପି ସରକାରରେ ମନ୍ତ୍ରୀ ହୋଇଥିବା ବହୁ ବିଧାୟକ ମଧ୍ୟ ଆନ୍ଦୋଳନକାରୀଙ୍କ ସହ ଛିଡା ହୋଇଥିଲେ। ତେଣୁ ଏବେ ବିଜେପି ସରକାର ଗଢ଼ିବା ସହ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଆନ୍ଦୋଳନକାରୀମାନେ ଦାବି ପୂରଣ ନେଇ ବେଶ ଆଶାବାଦୀ ବୋଲି କହିଛନ୍ତି। ସେପଟେ ବିଜେପି ସରକାର ସେସବୁ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ରାଜନୀତି ସମୀକ୍ଷକ ମାନେ ମଧ୍ୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ନିର୍ବାଚନ ପୂର୍ବରୁ ବହୁ ଆନ୍ଦୋଳନକାରୀ ଆନ୍ଦୋଳନରେ ବସି ରହିଥିଲେ। ନିର୍ବାଚନ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଆନ୍ଦୋଳନ କାରୀମାନେ ଆନ୍ଦୋଳନ ସ୍ଥଗିତ ରଖିଥିଲେ। ଏବେ ନିର୍ବାଚନ ଶେଷ ହେବା ସହ ନୂଆ ସରକାର ଗଠନ ହୋଇଥିବାରୁ ସଂଗଠନଗୁଡିକ ଦାବି ପୂରଣ ନେଇ ବେଶ ଆଶାବାଦୀ ହୋଇପଡିଛନ୍ତି।

### ଗେଷ୍ଟହାଉସରୁ କାର୍ଯ୍ୟ ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ୧୦୦ଦିନର କାର୍ଯ୍ୟକ୍ରମ ପ୍ରସ୍ତୁତ ପାଇଁ କସରତ

**ଭୁବନେଶ୍ୱର :** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ମାତ୍ର ଗୋଟିଏପରେ ଗୋଟିଏ ଆଖିଦୃଶିଆ ପଦକ୍ଷେପ ନେବାରେ ଲାଗିଛନ୍ତି। ନୂଆ ସରକାର ଶପଥ ସମାରୋହର ମାତ୍ର ୩ଘଣ୍ଟା ଭିତରେ କ୍ୟାବିନେଟ୍ ବୈଠକ ଡାକି ଓଡ଼ିଶା ଓ ଓଡ଼ିଆଙ୍କ ଭାବାବେଗ ସହ ଜଡ଼ିତ ୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବାବେଳେ ରାଜ୍ୟ ସରକାରଙ୍କ ଅତିଥି ଭବନ (ଗେଷ୍ଟ ହାଉସ)ରୁ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାସହିତ ବିଜେପି ସରକାରର ପ୍ରଥମ ୧୦୦ଦିନର କାର୍ଯ୍ୟକ୍ରମ ପାଇଁ କସରତ ଆରମ୍ଭ ହୋଇଛି। ପ୍ରଥମ ୧୦୦ଦିନ ମଧ୍ୟରେ ମୋହନ ମାଝୀଙ୍କ ସରକାର କେଉଁସବୁ ନିଷ୍ପତ୍ତି ନେବ ଓ ତାଙ୍କର କାର୍ଯ୍ୟ କ'ଣ ରହିବ ସେ ନେଇ ସରକାରଙ୍କ ବିଭିନ୍ନ ବିଭାଗର ଅଫିସରମାନଙ୍କ ସହ ପ୍ରାରମ୍ଭିକ ଆଲୋଚନା କରିଛନ୍ତି। ସୂଚନା ଅନୁସାରେ, ରାଜ୍ୟରେ ପ୍ରଥମ ବିଜେପି ସରକାର ଶପଥ ନେବା ପରଠୁ ଫୁଲ୍ ସ୍ପିଡରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ରାଜ୍ୟ ଅତିଥି ଭବନର ପ୍ରଥମ ମହଲାରେ ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବମାନଙ୍କୁ ଡାକି ଆଲୋଚନା କରିଥିଲେ। ଏହାସହିତ ବିଧାନସଭାର ଅଧିବେଶନ କେବେ ଆରମ୍ଭ କରିହେବ ସେନେଇ ପ୍ରାରମ୍ଭିକ ଭାବେ ସଂସଦୀୟ ବ୍ୟାପାର ବିଭାଗର ସଚିବ ଜି.ମାଥିଭାଥାନନ୍ ଓ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସହ ବିଚାରବିମର୍ଶ କରିଥିବା ଜଣାପଡ଼ିଛି। ସେହିପରି ବିଭିନ୍ନ କର୍ମଚାରୀ ସଂଗଠନ



ଓ ସାଧାରଣ ଲୋକେ ମଧ୍ୟ ସେଠାରେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ଅତିଥିଭବନର ପ୍ରଥମ ମହଲାକୁ ଅସ୍ଥାୟୀ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଭାବେ ଉପଯୋଗ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ସରକାରର ୧୦୦ଦିନର କାର୍ଯ୍ୟ ଚୂଡ଼ାନ୍ତ କରିବା ପାଇଁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବିଜେପିର ସଂକଳ୍ପ ପତ୍ର ଆଧାରରେ ୧୦୦ଦିନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ବିଭାଗର ଅଫିସରମାନଙ୍କୁ ଏନେଇ ପରାମର୍ଶ ଦିଆଯାଇଛି। ଯାହାକୁ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ସଜେଇ ହେଉଥିବାରୁ ଶ୍ରୀ ମାଝୀ ଏବେ ଅସ୍ଥାୟୀ ଭାବେ ରାଜ୍ୟ ଅତିଥି ଭବନର ପ୍ରଥମ ମହଲାରୁ ନିଜର କାର୍ଯ୍ୟ ଜାରି ରଖିବେ ବୋଲି ସୂଚନା ମିଳିଛି।

# ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କୁ ମିଳିବ ପିଏମ୍-ପୋଷଣ ସହାୟତା


**ଭୁବନେଶ୍ୱର (ପିଆଇବି) :** ଏନଇପି ୨୦୨୦ର ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ (ଡିଓଏସଇଏଲ) ୭ ଜୁନ ୨୦୨୪ରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ (କେନ୍ଦ୍ରଶାସିତ ଅଞ୍ଚଳ)କୁ ଏକ ବ୍ୟାପକ ଆଡଭାଇଜରୀ ଜାରି କରିଛି। ସରକାରୀ/ସରକାରୀ ଅନୁଦାନପ୍ରାପ୍ତ, ଗୃହ ଭିତ୍ତିକ କିମ୍ବା ସ୍ୱତନ୍ତ୍ର ବିଦ୍ୟାଳୟରେ ପଢୁଥିବା ସମସ୍ତ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା (ସିଡବ୍ଲୁଏସଏନ୍)ଙ୍କୁ ମାଗଣା ୟୁନିଫର୍ମ, ମାଗଣା ପାଠ୍ୟପୁସ୍ତକ, ସମଗ୍ର ଶିକ୍ଷା ଯୋଜନାର ଅନ୍ତର୍ଭୁକ୍ତ ଶିକ୍ଷା ଉପାଦାନ ଅଧୀନରେ ସାମିଲ୍ ଏବଂ ଶୃଙ୍ଖଳା ରାସନ କିମ୍ବା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଆକାରରେ ମଧ୍ୟାହ୍ନ ଭୋଜନ ଭଳି ଆରଟିଇ ଅଧିକାର ପ୍ରଦାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଏହି ଆଡଭାଇଜରିରେ ଗୁରୁତ୍ୱାରୋପ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏହି ଆଡଭାଇଜରୀ ଏକ ଉଲ୍ଲେଖନୀୟ ପଦକ୍ଷେପ, କାରଣ ଏହା ବିଶେଷ କରି ସମାଜ କଲ୍ୟାଣ ବିଭାଗ ଅଧୀନରେ ଥିବା ସ୍ୱତନ୍ତ୍ର ବିଦ୍ୟାଳୟର ସିଡବ୍ଲୁଏସଏନ ଛାତ୍ରଛାତ୍ରୀ ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ପିଏମ୍ ପୋଷଣ ଯୋଜନାର ପରିସର ବୃଦ୍ଧି କରି ଗୃହ ଭିତ୍ତିକ ଶିକ୍ଷାରେ ନାମ ଲେଖାଇଥିବା ଗୁରୁତର ଏବଂ ବହୁବିଧ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପୁଷ୍ଟିକର ଆବଶ୍ୟକତାକୁ ପୂରଣ କରିଥାଏ; ଯାହାକି ଶୃଙ୍ଖଳା ରାସନ କିମ୍ବା ଡିବିଟି ଆକାରରେ ହୋଇପାରେ। ଏହାର ଉଦ୍ଦେଶ୍ୟ ହେଉଛି ସିଡବ୍ଲୁଏସଏନ ସମେତ ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଉପଲବ୍ଧ କରାଇବା ପାଇଁ ଏନଇପି ୨୦୨୦ର ଉଦ୍ଦେଶ୍ୟ ସୁନିଶ୍ଚିତ କରିବା ଯାହା ଦ୍ୱାରା ସେମାନଙ୍କର ଶିକ୍ଷା ଅଧିକାରକୁ ସାକାର କରିବା ଏବଂ ସମନ୍ୱିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା। ଜାତୀୟ ଶିକ୍ଷା ନୀତି ୨୦୨୦ରେ କୁହାଯାଇଛି ଯେ ଭିନ୍ନକ୍ଷମ ଅଧିକାର ଆଇନ, ୨୦୧୬ ଅନୁଯାୟୀ ସିଡବ୍ଲୁଏସଏନ ସମେତ ସମସ୍ତ ପିଲାଙ୍କ ସମାନତା ଏବଂ ଅନ୍ତର୍ଭୁକ୍ତୀକରଣ ହାସଲ କରିବା ଶିକ୍ଷା ବ୍ୟବସ୍ଥାର ଲକ୍ଷ୍ୟ ହେବା ଆବଶ୍ୟକ। ମନ୍ତ୍ରଣାଳୟର ସମଗ୍ର ଶିକ୍ଷା ଯୋଜନା ଏନଇପି ୨୦୨୦ର ଲକ୍ଷ୍ୟ ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ ହୋଇଛି। ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ ଅନୁଯାୟୀ ୬ ରୁ ୧୪ ବର୍ଷ ବୟସର ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ମିଳିବ। କେନ୍ଦ୍ରୀୟ ପ୍ରାୟୋଜିତ ସମଗ୍ର ଶିକ୍ଷା ଯୋଜନା ଅଧୀନରେ ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ଆରଟିଇ ଅଧିକାର ଏକ ପ୍ରମୁଖ ହସ୍ତକ୍ଷେପ ଅଟେ। ମାଗଣା ୟୁନିଫର୍ମ କୁ ମିଶାଇ ଏହି ଆରଟିଇ ଅଧିକାର ପାଇଁ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଏ; ମାଗଣା ପାଠ୍ୟପୁସ୍ତକ; ଧାରା ୧୨(୧) (ସି), ଆରଟିଇ ଆଇନ ଅଧୀନରେ ୨୫% ନାମଲେଖା ପାଇଁ ହୋଇଥିବା ଖର୍ଚ୍ଚ, ପ୍ରାଥମିକ ସ୍ତରରେ ବିଦ୍ୟାଳୟ ଛାଡ଼ିଥିବା ପିଲାଙ୍କ ଉପଯୁକ୍ତ ନାମଲେଖା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଇତ୍ୟାଦି ବାବଦରେ ଭରଣା ଅନ୍ତର୍ଭୁକ୍ତ ରହିଛି। ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ସମନ୍ୱିତ ଶିକ୍ଷା (ଏଲଇ) ଉପାଦାନ ସିଡବ୍ଲୁଏସ୍ଏନ୍ ପାଇଁ ଅତ୍ୟାବଶ୍ୟକ ଶୈକ୍ଷିକ ସହାୟତା ଏବଂ ସମ୍ବଳ ପ୍ରଦାନ କରି ସେମାନଙ୍କୁ ଉଚିତ୍ ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତ କରିବାକୁ ଚେଷ୍ଟା କରେ। ପରିଚୟ ଓ ମୂଲ୍ୟାୟନ ଶିବିର ଆୟୋଜନ, ସହାୟକ ଉପକରଣ, ସାମଗ୍ରୀ ଓ ସହାୟକ ଉପକରଣ ଯୋଗାଣ, ପରିବହନ ସୁବିଧା, ଲେଖକ ଓ ଏସ୍କର୍ଟ ଭତ୍ତା ସହାୟତା ପ୍ରଦାନ, ବ୍ରେଲ୍ ପୁସ୍ତକ ଓ ବଡ଼ ପ୍ରିଣ୍ଟ୍ ବୁକ୍ ପ୍ରଦାନ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଝିଅମାନଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ କରିବା ଏବଂ ଶିକ୍ଷାଦାନ ସାମଗ୍ରୀ ଯୋଗାଇଦେବା ଭଳି ଟାର୍ଗେଟ୍ ହସ୍ତକ୍ଷେପ ମାଧ୍ୟମରେ ସିଡବ୍ଲୁଏସ୍ଏନ୍‌କୁ ଏହି ପଦକ୍ଷେପ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ମୁଖ୍ୟସ୍ରୋତର ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସେମାନଙ୍କର ସ୍ୱତନ୍ତ୍ର ଶିକ୍ଷାଗତ ଆବଶ୍ୟକତାକୁ ପ୍ରଭାବଶାଳୀ ଭାବରେ ପୂରଣ କରିବା ଏହି ପ୍ରୟାସର ଲକ୍ଷ୍ୟ। ଏହାବ୍ୟତୀତ କେନ୍ଦ୍ର ପ୍ରାୟୋଜିତ ପିଏମ୍ ପୋଷଣ ଯୋଜନାରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରାକ୍-ପ୍ରାଥମିକରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପୋଷକ ସହାୟତା ଯୋଗାଇ ଦିଆଯାଉଛି।

# ପେଟ ପାଇଁ ଲୁହା ଓ ନିଆଁ ସହ ସଙ୍ଘର୍ଷ

**ନବରଙ୍ଗପୁର :** ବୟସ ୬୩ ଡେଇଁଲାଣି। ଦେହରେ ମାଂସ ନାହିଁ, ଦେହ ସାରା ଖାଲି ହାଡ଼। ପରିବାର କହିଲେ ୮ ପ୍ରାଣୀ। ସ୍ତ୍ରୀ, ଚାରି ପୁଅ, ଦୁଇ ବୋହୁ ଓ ନାତି ନାତୁଣୀକୁ ମିଶାଇ ଆଠ ଜଣ। ପରିବାରର ଆର୍ଥିକ ଆବଶ୍ୟକତା ଦୃଷ୍ଟିରୁ ଏବଂ ପେଟକୁ ଦାନା ଯୋଗାଡ କରିବା ପାଇଁ ଲୁହା ଓ ନିଆଁ ସହ ସଙ୍ଘର୍ଷ କରୁଛନ୍ତି ଏହି ବୃଦ୍ଧ ବୟସରେ। ସେ ହେଉଛନ୍ତି ଝରିଗାଁ ବ୍ଲକ ବଡ଼ ଟେମେରା ପଞ୍ଚାୟତ ଅନ୍ତର୍ଗତ ରାମ ପୁରିଆଗୁଡ଼ାର ଡମ୍ବୁ ଖମାର। ଏହି ବୟସରେ ମଧ୍ୟ ହାର ମାନି ନାହାନ୍ତି ଡ଼ମ୍ବୁ। ଦୃଢ ମନୋବଳ ଓ ଇଚ୍ଛାଶକ୍ତି ଆଗରେ ବାର୍ଦ୍ଧକ୍ୟ ହାର ମାନିଛି। ସନ୍ତାନ ମାନଙ୍କ ଉପାର୍ଜନରେ ଜୀବିକା ନିର୍ଭର କରିବା ପରିବର୍ତ୍ତେ ଚୁପ୍ ହୋଇ ନବସି ଲୁହା ନିଆଁ ରେ ସିଝି ପେଟ ପାଇଁ ଏହି ବୃତ୍ତିରେ ଦାନା ଯୋଗାଡ କରୁଛନ୍ତି ଡ଼ମ୍ବୁ। ଡ଼ମ୍ବୁଙ୍କ ପୈତୃକ ସଂପତ୍ତି କହିଲେ ୩ ଏକର ଚାଷ ଜମି ରହିଥିବା ବେଳେ ସେଇଥିରେ ପରିବାର ପ୍ରତିପୋଷଣ କରିବା ଆଦୌ ସମ୍ଭବ ନୁହେଁ। ପୁଅ ବୋହୂ କୁଲି ମଜୁରୀ କରି ଆପଣା ଆପଣା ଘର ସଂସାର ବୁଝିଥିବା ବେଳେ ଘରର ମୂରବୀ ଭାବେ ଯଥା ସାହାଯ୍ୟ ପରିଶ୍ରମ କରି ଦାଇତ୍ୱ ତୁଲାଉଛନ୍ତି ବୃଦ୍ଧ ଡମ୍ବୁ। ଗ୍ରୀଷ୍ମର ପ୍ରବଳ ଗରମରେ ମଧ୍ୟ ନିଆଁ ସହ ଖେଳି ଅର୍ଥ ରୋଜଗାର କରିଥାନ୍ତି ଡ଼ମ୍ବୁ। ବର୍ଷାର ଆଗମନ ପୂର୍ବରୁ ଚାଷ କରିବା ପାଇଁ ଲୋକେ ନିଜ ନିଜ ଚାଷ ଜନିତ ଲୁହା ସାମଗ୍ରୀ କମାର ନିକଟକୁ ଆଣିଥାନ୍ତି ଧାର ଓ ତୀକ୍ଷ୍ଣ କରିବାକୁ। ଏହି ସମୟରେ ଅଧିକ ଭିଡ଼ କାମ ଆସିଥାଏ କମାର ନିକଟରେ। ହଳ ଲଙ୍ଗଳ ଲୁହା, ଟାଙ୍ଗିଆ, କୋଦାଳ, ଇଳା, କୁରାଢ଼ି, ଛୁରୀ ଆଦିରେ ଧାର ଭରିବାକୁ ଲୋକେ ଡ଼ମ୍ବୁଙ୍କ ନିକଟକୁ ଲୁହା ସାମଗ୍ରୀ ଧରି ଆସିଥାନ୍ତି। ବଜାରରୁ ଲୁହା କିଣି ତାକୁ ବାନାଇଥାନ୍ତି ବିଭିନ୍ନ ଆବଶ୍ୟକ ଜିନିଷ। କୁରାଢ଼ି ଗୋଟିଏ ୫ ଶହ, ଟାଙ୍ଗିଆ ୩ ଶହ, କୋଦାଳ ୩ ଶହ, ଇଳା ଶହେରୁ ଦେଢ଼ଶହ, ଲଙ୍ଗଳ କସନା ୩ ସହ ଓ ଛୁରୀ ପନକି ଶହେ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ଥାଆନ୍ତି। ଆଧୁନିକ କୃଷି ଯନ୍ତ୍ରପାତି ବଜାରରେ ପ୍ରବେଶ ପରେ ମଧ୍ୟ ଗ୍ରାମାଞ୍ଚଳ ଓ ପୁର ପଲ୍ଲୀରେ ଆଜିବି



ଗରିବ ଶ୍ରେଣୀ ଲୋକେ ଚାଷ କାର୍ଯ୍ୟରେ ଏହି ପାରମ୍ପାରିକ ହସ୍ତ ନିର୍ମିତ କୃଷି ଲୌହ ସାମଗ୍ରୀର ଚାହିଦା ଅଧିକ ରହିଥିବା ଦେଖିବାକୁ ମିଳୁଛି। ଉତ୍ତରାଧିକାରୀ ଭାବେ ପାଇଥିବା ଏହି କମାର ବୃତ୍ତିରୁ ପରିବାରର ଆର୍ଥିକ ଆବଶ୍ୟକତାକୁ ଡମ୍ବୁ ଲୁହା ଓ ନିଆଁ ସହ ସଙ୍ଘର୍ଷ କରି ଉପାର୍ଜନ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟରେ ସ୍ତ୍ରୀ ଓ ପିଲାମାନେ ସହଯୋଗ କରି ଆସୁଛନ୍ତି। ପିଲାଟି ବେଳରୁ କଷ୍ଟ କରି ଉପାର୍ଜନ କରିବା ତାଙ୍କର ଦେହସୁହା ହୋଇଗଲାଣି। ବସି ଖାଇବା ବୟସରେ ମଧ୍ୟ ମନ ମାନୁନାହିଁ। ନିପୁଣ କାର୍ଯ୍ୟ ଜାଣିଥିବା ବୃଦ୍ଧ ଜଣକ ଚୁପ୍ ହୋଇ ବସିରହି ପାରୁ ନାହାଁନ୍ତି। ନିକଟସ୍ଥ ଜଙ୍ଗଲରୁ କାଠ ଅଙ୍ଗାର ଆଣି ନିଆଁ ସହ ଲୁହା ପିଟି ତିଆରି କରୁଛନ୍ତି ବିଭିନ୍ନ ପ୍ରକାର ଆଞ୍ଚଳିକ କୃଷିଭିତ୍ତିକ ଲୁହା ଉପକରଣ। ଜରାଜୀର୍ଣ୍ଣ କ୍ଷୀଣ ଶରୀର ମଧ୍ୟରେ ଦେଖିବାକୁ ମିଳୁଛି ଡମ୍ବୁ କମାରଙ୍କ କାରିଗରୀ ଓ ଶାରୀରିକ ସାମର୍ଥ୍ୟ।



କାହା କଥାରେ ଯଦି କୌଣସି
ଭୁଲ୍ କିମ୍ବା ଠିକ୍
ହୋଇଯାଉଥାନ୍ତା, ତେବେ
ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୭ - ୨୩ ଜୁନ୍, ୨୦୨୪

# ଦୁଃଖ ମହାନଦୀର ...

ଗତ ସପ୍ତାହ ପର୍ଯ୍ୟନ୍ତ ଓଡ଼ିଶାର ରାଜନୀତି ସବୁଜ ରଙ୍ଗ ଥିଲାବେଳେ ଏ ସପ୍ତାହରେ ଏହା ଗୈରିକ ଧାରଣ କରିଛି। ଆମେ ଆମ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ ଜଣାଉଛୁ। ଆହୁରି ମଧ୍ୟ ଦୁଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ମହୋଦୟ ଓ ପ୍ରଭାତୀ ପରିଡା ମହୋଦୟାଙ୍କୁ ମଧ୍ୟ ସ୍ୱାଗତ ଜଣାଉଛୁ। ଆଶା କରୁଛୁ ଆମ ରାଜ୍ୟ ବେକାର ଶୂନ୍ୟ, ନିଶାମୁକ୍ତ ଓ ଦାଦନ ହୀନ ରାଜ୍ୟ ହେଉ। ବିକାଶ କ୍ଷେତ୍ରରେ ଏଭଳି କିଛି ନୂଆ ହେଉ ରାଜ୍ୟର ବେକାର ସମସ୍ୟାରେ ରୋକ ଲାଗୁ ଏବଂ କୌଣସି ଓଡ଼ିଆ ପୁଅ ଝିଅ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଆନ୍ତୁ ନାହିଁ। ବଡ଼ ବଡ଼ ଶିଳ୍ପ କାରଖାନା ପ୍ରତିଷ୍ଠା ସହିତ ପରିବେଶର କିଭଳି ସୁରକ୍ଷା କରାଯାଇପାରିବ ସେନେଇ କିଛି ସ୍ଥାୟୀ ପ୍ରତିକାର ମଧ୍ୟ କରାଯାଉ। ଚଳିତ ବର୍ଷ ଏ ଯେଉଁ ରୌଦ୍ରତାପ ଆମେ ସବୁ ଭୋଗିଛେ ତାହାକୁ ଅନୁଭବ କରି ଭବିଷ୍ୟତ ପାଇଁ ନକ୍ସା ପ୍ରସ୍ତୁତ କରନ୍ତୁ ନୂତନ ସରକାର। ପୂର୍ବ ସରକାରଙ୍କ ଭଳି ପ୍ରଚାର ସର୍ବସ୍ୱ ନହୋଇ ଯେତେଯେତେ ଜନ କଲ୍ୟାଣ ଯୋଜନା ଅଛି ତାହାର ବାସ୍ତବ କାର୍ଯ୍ୟକାରିତା ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ପ୍ରକୃତ ହିତାକାରୀ ଚୟନ ମାଧ୍ୟମରେ ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା ଦରକାର। ଭେଦଭାବ ଶୂନ୍ୟ ଏକ ବଳିଷ୍ଠ ସରକାର ହେଲେ ଓଡ଼ିଶାର ବିକାଶ ନିଶ୍ଚୟ ହୋଇପାରିବ ବୋଲି ଲୋକେ ଆଶା ବାନ୍ଧିଛନ୍ତି। ତେଣୁ ଲୋକଙ୍କ ଆଶା ଓ ବିଶ୍ୱାସ କିଭଳି ଅକ୍ଷୁର୍ଣ୍ଣ ରହିବ ରାଜ୍ୟର ବିଜେପି ସରକାର ସେଥିପ୍ରତି ଗୁରୁତ୍ୱାରୋପ କରିବା ଦରକାର। ଯେଉଁ ଆଶା ଓ ବିଶ୍ୱାସ ନେଇ ଜନତା ଶାସନ କ୍ଷମତାରେ ପରିବର୍ତ୍ତନ ଆଣିଛନ୍ତି ତାକୁ ଦୃଷ୍ଟିରେ ରଖି କାର୍ଯ୍ୟ ଆରମ୍ଭ କରାଯାଉ। ଯଦିଓ ଏହା ଏ ସରକାର ପାଇଁ ଆହ୍ୱାନ ପୂର୍ଣ୍ଣ ରହିବ ତଥାପି ନିଷ୍ଠା ଓ ସାଧୁତାର ସହିତ ସମସ୍ତ କାର୍ଯ୍ୟ କରାଗଲେ ଭବିଷ୍ୟତରେ ଦେଖାଯିବାକୁ ଥିବା ସଙ୍କଟ ଆଉ ରହିବ ନାହିଁ। ଓଡ଼ିଶାରେ ବିଜେପି ସରକାର ହେଲେ ପ୍ରଥମେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲାଯିବ। ମହାପ୍ରଭୁଙ୍କ ଶ୍ରଦ୍ଧାଳୁମାନେ ଚାରି ଦ୍ୱାର ଦେଇ ପ୍ରବେଶ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଜେପି ସରକାରର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ବସିଥିବା ପ୍ରଥମ ମନ୍ତ୍ରୀ ପରିଷଦ ଓ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ ଗୁରୁବାର ସକାଳେ ମହାପ୍ରଭୁଙ୍କ ମଙ୍ଗଳଆରତୀ ସମୟରେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲାଯିବ। ଏହାଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ମାନଙ୍କ ମଧ୍ୟରେ ଥିବା ଅସନ୍ତୋଷ ଦୂର ହୋଇଛି। ୨୪ ବର୍ଷ ପରେ ଓଡ଼ିଶାକୁ ମିଳିଲେ ନୂଆ ମୁଖ୍ୟମନ୍ତ୍ରୀ। ଏହା ସହିତ ତାଙ୍କ ସହ ଶପଥ ନେଇଛନ୍ତି ଦୁଇ ଉପମୁଖ୍ୟମନ୍ତ୍ରୀ ନିମାପଡା ବିଧାୟକ ପ୍ରଭାତୀ ପରିଡ଼ା ଓ ପାଟଣାଗଡ ବିଧାୟକ କେଭି ସିଂହଦେଓ। ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ରଘୁବର ଦାସ। ମୋହନ ମାଝୀଙ୍କ ଟିମ୍‌ରେ ମୋଟ ୮ ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ୫ ଜଣ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ) ମଧ୍ୟ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଥିଲେ। ଗତ ବୁଧବାର ମୋହନ ଚରଣ ମାଝୀଙ୍କ ନୂଆ ସରକାର ଶପଥ ନେଇଥିଲେ। ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ଭବ୍ୟ ଶପଥ ଗ୍ରହଣ ସମାରୋହରେ ସାମିଲ ହୋଇଥିଲେ ବହୁ ବିଶିଷ୍ଟ ବ୍ୟକ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଗୃହମନ୍ତ୍ରୀ ଅମିତ ଶାହ ଶପଥ ଗ୍ରହଣ ସମାରୋହରେ ସାମିଲ ହୋଇଥିଲେ। ସେହିଭଳି

ସମ୍ପାଦକୀୟ
ତାରକ ମହାନ୍ତି



ସମସ୍ତ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇଥିଲେ। ସଜେଇ ହୋଇଥିଲା ପୂରା ଭୁବନେଶ୍ୱର। ହୋର୍ଡିଂ ଏବଂ ଦଳୀୟ ପତାକାରେ ଛାଉଣୀ ହୋଇଥିଲା ରାଜଧାନୀ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ମଞ୍ଚାସୀନ ନୂଆ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯଥୋଚିତ ସମ୍ମାନ ଜଣାଇଥିଲେ। ଯାହା ଆମ ଓଡ଼ିଆ ପରମ୍ପରା ଓ ସ୍ୱାଭିମାନ। ନବୀନ ମଧ୍ୟ ଜଣେ ପୋଖତ ଓ ଦକ୍ଷ ରାଜନେତାର ପ୍ରମାଣ ଦେଇ ଏହି ଉତ୍ସବରେ ଯୋଗଦାନ କରିବା ହିଁ ଗୁରୁତ୍ୱପୂର୍ଣ୍ଣ ଥିଲା। ହେଲେ ନୂଆ ସରକାରଙ୍କ ଆଭିମୁଖ୍ୟ ଯାହା ସେଥିରେ ବିଜେଡି ସହ ସମ୍ପର୍କ ରହିବା ଆଉ ସମ୍ଭବ ମନେହେଉନାହିଁ। କାରଣ ଶାସନ ଭାର ଗ୍ରହଣ ପର ଠାରୁ ନୂଆ ମୁଖ୍ୟମନ୍ତ୍ରୀ ଆକ୍ସନ ମୋଡ଼ରେ ରହିଛନ୍ତି। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାକୁ ଯାଇ ଦାୟିତ୍ୱ ଗ୍ରହଣ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଦେଇଛନ୍ତି। ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଆନନ୍ଦ ଦେଖାଦେଇଛି। ଏବେ ୫ଟି ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଛି। ଯାହା ଜଣାପଡୁଛି ନବୀନଙ୍କ ଶାସନ କାଳରେ ମୋ ସରକାର ଓ ୫ଟିରେ ବ୍ୟାପକ ଅନିୟମିତତା ହୋଇଥିଲା। ସେହିଭଳି ମିଶନ ଶକ୍ତି ଜରିଆରେ ଯାହା ଯାହା ଅନିୟମିତତା ହୋଇଥିବ ତାହାକୁ ବର୍ତ୍ତମାନର ରାଜ୍ୟ ସରକାର ଖୋଳତାଡ଼ କରିପାରନ୍ତି। ସେହିଭଳି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନାଁରେ ହୋଇଥିବା ହରିଲୁଟର ହିସାବ ଖୋଜିପାରନ୍ତି ନୂଆ ମୁଖ୍ୟମନ୍ତ୍ରୀ। କାରଣ ନବୀନଙ୍କ ଶାସନରେ ବ୍ୟାପକ ଦୁର୍ନୀତି ଓ ପିସି କାରବାର କଥା ବିରୋଧୀ ବାରମ୍ବାର ଅଭିଯୋଗ ଆଣୁଥିଲେ ସୁଦ୍ଧା ପୂର୍ବ ସରକାର ଏହା ଉପରେ କର୍ଣ୍ଣପାତ କରୁନଥିଲା। ବରଂ ନବୀନଙ୍କ ବ୍ୟକ୍ତିଗତ ସଚିବ ଥିବା ଭିକେ ପାଣ୍ଡିଆନ ୫ଟି ନାଁରେ ଭ୍ରଷ୍ଟାଚାର ବଢ଼ାଇଚାଲିଥିଲେ। ହେଲେ ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଉପରେ ଆଦୌ ଗୁରୁତ୍ୱ ଦେଉନଥିଲେ। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବିଜେଡି ସରକାର ଗୁଡ଼ାଏ ଯୋଜନା କରି ଅର୍ଥ ହରିଲୁଟ କରିବା ନେଇ ଅଭିଯୋଗ ହେଉଥିଲା। ପ୍ରଚାର ସର୍ବସ୍ୱ ରାଜନୀତିରେ ବିଶ୍ୱାସ କରୁଥିବା ନବୀନ ସରକାର ଅମଳରେ ସର୍ବାଧିକ ଲାଞ୍ଚ କାରବାର ଚାଲିଥିଲା। ଭୋଟରଙ୍କୁ ପ୍ରଲୋଭିତ କରି ଗାଦି ସୁରକ୍ଷିତ ରଖିବା ଚିନ୍ତାରେ ଶାସନ କଳକୁ ଅଫିସରଙ୍କ ହାତକୁ ସତେ ଯେମିତି ଟେକି ଦେଇଥିଲେ ନବୀନ। ସିଏମଓରେ ପାଣ୍ଡିଆନଙ୍କ ଅନୁଗତ ଶାସନ କଳର ସର୍ବମୟ କର୍ତ୍ତା ହୋଇଥିଲେ। ଏଥିରେ ଗଣତନ୍ତ୍ରର ନାଁ ଗନ୍ଧ ନଥିଲା। ଅଧିକାଂଶ ଯୋଜନା ଅର୍ଥ ଲୁଟ ପାଇଁ ମାର୍ଗ ସାଜିଥିଲା। ମୁଖ୍ୟମନ୍ତ୍ରୀ କୌଣସି ଅଭିଯୋଗର ସମୀକ୍ଷା କରୁନଥିଲେ କି କାର୍ଯ୍ୟାନୁଷ୍ଠାନ ନେଉନଥିଲେ। ପାଣ୍ଡିଆନ ଯେମିତି ଶାସନ କଳକୁ କବ୍‌ଜା କରିଥିଲେ ସେଥିରେ ଓଡ଼ିଆ ଅଫିସର ଜଳକା ହୋଇ ଚାହିଁ ରହିବା ବ୍ୟତିରେକ କିଛି କରିପାରୁନଥିଲେ। ସିଧାସଳଖ ଶାସନ କଳ ହାତେଇବା ବଦଳରେ ନୂଆ ଯୋଜନା ଜରିଆରେ ସବୁ ବିଭାଗକୁ ନିଜ ନିୟନ୍ତ୍ରଣରେ ରଖିଥିଲେ ପାଣ୍ଡିଆନ। ତାଙ୍କ ନିର୍ଦ୍ଦେଶ ବିନା ଫାଇଲ ଆଗକୁ ବଢୁ ନଥିଲା। ଦୀର୍ଘ ୨୪ ବର୍ଷ ଶାସନରେ ଗୋଟିଏ ବି ନଦୀବନ୍ଧ କରିପାରିଲେନି ନବୀନ ସରକାର। ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ସରକାର ଡ୍ୟାମ ପରେ ଡ୍ୟାମ କରିଚାଲୁଥିଲା ବେଳେ ବେଫିକର ଥିଲା ନବୀନ ସରକାର। ପୂର୍ଣ୍ଣଗର୍ଭା ମହାନଦୀ ଆଜି ଶୁଖିଲା ପଡିଛି। ଛତିଶଗଡ଼ ପଟେ କିନ୍ତୁ ଲହଡି ମାରୁଛି ପାଣି। ଓଡ଼ିଶାର ଜୀବନ ରେଖା ମହାନଦୀର ମୃତ୍ୟୁ ପାଇଁ ନବୀନ ସରକାର ହିଁ ଦାୟୀ। ପରେ କେବଳ ମାମଲା କରି କୌଣସି ଫଇସଲା ଆସିବା ଆଗରୁ ନବୀନ ସରକାରଙ୍କ ପତନ ଘଟିଛି। ଉପକୂଳ ଓଡ଼ିଶାରେ ବହୁଥିବା ମହାନଦୀ ଉପରେ ନିର୍ଭର କରୁଥିବା ମଣିଷ ଆଜି ପାଣି ପାଇଁ ଅସହାୟ ପାଲଟି ଯାଇଛି। କେବଳ ବର୍ଷା ଦିନକୁ ଛାଡିଦେଲେ ଆଉ ମହାନଦୀରେ ପାଣି ଦେଖିବାକୁ ମିଳୁନାହିଁ। ତେବେ ଜୁନ୍ ମାସର ଅଧାଦିନ ଗଲାଣି। ହେଲେ, ଟାଙ୍ଗରା ପଡିଛି ଓଡ଼ିଶାର ଜୀବନ ରେଖା ମହାନଦୀ। ତେବେ ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଆରମ୍ଭ ହୋଇଯାଇଛି। ଆଶା କରିବା ନୂଆ ମୁଖ୍ୟମନ୍ତ୍ରୀ ମହାନଦୀର ଦୁଃଖ ବୁଝିବେ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସମ୍ପର୍କରେ ସ୍ୱାଧୀନତା



ଡା. ଇପ୍ସିତା ପ୍ରଧାନ

ମଣିଷର ମସ୍ତିଷ୍କ ଏବଂ ମନ ବା ମନସ୍ତତ୍ତ୍ୱଠୁ ବଳି ରହସ୍ୟମୟ ଜିନିଷ ବୋଧେ ସୃଷ୍ଟିରେ ଆଉ କିଛି ନଥିବ। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଓଜନରେ ଯଦିଓ ମସ୍ତିଷ୍କ ସମ୍ପୂର୍ଣ୍ଣ ମାନବ ଶରୀରର ମାତ୍ର ଦୁଇ ପ୍ରତିଶତ କିନ୍ତୁ ଏକଦମ୍ ବିଶ୍ରାମ ସମୟରେ ମଧ୍ୟ ଏହା ଶରୀରର କୋଡ଼ିଏ ପ୍ରତିଶତ ଅମ୍ଳଜାନ ବ୍ୟବହାର କରିନିଏ। ମସ୍ତିଷ୍କକୁ ନେଇ ଏମିତି ଅନେକ ରୋଚକ ତଥ୍ୟ ଖୋଜିବାରେ ବିଜ୍ଞାନ ସଫଳ ହୋଇଛି କିନ୍ତୁ ଆହୁରି ଅନେକ କିଛି ଏମିତି ତଥ୍ୟ ରହିଛି ଯାହା ମଣିଷ ପାଇଁ ଆଜି ବି ରହସ୍ୟମୟ। ଆଜି ବି ମଣିଷ ଏହା ଖୋଜିବାରେ ସଫଳ ହୋଇନି ଯେ ପ୍ରକୃତରେ "ଜ୍ଞାନ" ବା "ଇଣ୍ଟେଲିଜେନ୍ସ" କ'ଣ? "ସ୍ମୃତି" ମାନେ କ'ଣ ଆଉ ଏହା ପକୃତରେ କେଉଁ ଅବସ୍ଥାରେ ମସ୍ତିଷ୍କରେ ଗଚ୍ଛିତ ହୁଏ? ଅର୍ଥାତ୍ ଆମେ ଯେମିତି ପଦାର୍ଥର ତରଳ, କଠିନ, ଗ୍ୟାସୀୟ ଅବସ୍ଥା କହୁ ସେମିତି ନା' କାର୍ବନ୍, ହାଇଡ୍ରୋଜେନ୍, ନାଇଟ୍ରୋଜେନ୍ ପରି କୌଣସି କେମିକାଲ୍ ନା' ମସ୍ତିଷ୍କରେ ଏସବୁ ପାଇଁ କୌଣସି କୋଡିଙ୍ଗ ସିଷ୍ଟମ ରହିଛି? ପୁଣି ଠିକଣା ସମୟରେ ଏହା ଡିକୋଡ୍ କେମିତି ହୁଏ? ପୁଣି ମଣିଷର ଭାବପ୍ରବଣତା ବା ଇମୋସନ୍ ମାନେ ପ୍ରକୃତରେ କ'ଣ? ଏମିତି ଅନେକ କଥା ରହିଛି ଯାହା ଏପର୍ଯ୍ୟନ୍ତ ମଣିଷର ବୁଝିବା ଶକ୍ତି ବାହାରେ! ଯଦିଓ ଆଜି ମଣିଷ, ମାନବ ମନସ୍ତତ୍ତ୍ୱର ଫିଜିଓଲୋଜିକାଲ୍, ବାୟୋଲୋଜିକାଲ୍, ସାଇକୋଡାଇନାମିକ୍ସ, ବିହେବିରାଲ୍, କଗ୍ନେଟିଭ୍, ହ୍ୟୁମାନେଟିକ୍ସ ପରି ଅନେକ ଦିଗରେ ବିଚାର କରି ପାରୁଛି କିନ୍ତୁ କୌଣସିମତେ ଏହା ମଣିଷର ଭାବନା, ଚିନ୍ତା କରିବା ଶୈଳୀ ଏବଂ ବ୍ୟବହାରର ସମ୍ପୂର୍ଣ୍ଣ ବ୍ୟାଖ୍ୟା କରି ପାରିବାରେ ସକ୍ଷମ ନୁହେଁ! ଠିକ୍ ସେମିତି ହିଁ ମଣିଷର ନିଜର ସମ୍ପର୍କ ଗୁଡିକ ପ୍ରତି ମନୋଭାବ, ଗ୍ରହଣୀୟତା ଏବଂ ସେ ସେହି ସମ୍ପର୍କ ଗୁଡିକରୁ ପ୍ରକୃତରେ କ'ଣ ଆଶା ରଖେ ବୁଝିବା ଆଜି ମଧ୍ୟ ଦୁଃସାଧ!

ଯଦି ଆମେ ପଢିଥିବା ବିବର୍ତ୍ତନର ଇତିହାସ ଏବଂ ଧାରା ଠିକ୍ ସେମିତି ହିଁ ହୋଇଥାଏ, ତା' ହେଲେ ନିଶ୍ଚିତ ଭାବରେ ଆମେ ଦିନେ ଜଙ୍ଗଲରେ ରହୁଥିଲେ। ସେବେ ନିହାତି ଆମେ ମୁକ୍ତ ଭାବରେ ଜଙ୍ଗଲରେ ବିଚରଣ କରୁଥିବା, ମନ ହେଲେ ଗଛରୁ ଫଳ ତୋଳି ଖାଇ ଦେଉଥିବା କି ଶିକାର କରି ଚଳି ଯାଉଥିବା। ମୁକ୍ତ ଥିବ ଆମ ଗତିବିଧି। ହଁ, ହୁଏତ ମାଙ୍କଡ଼ ଏବଂ ସେଇ ପ୍ରଜାତିର କିଛି ଜୀବଙ୍କ ପରି ଦଳ ବି ଗଢୁଥାଇ ପାରନ୍ତି! କିମ୍ବା ନିଜକୁ ହିଂସ୍ର ପ୍ରାଣୀ ଏବଂ ବିପଦରୁ ରକ୍ଷା କରିବା ପାଇଁ କେବେ ଗୋଟେ ଦଳ ଗଢିଥିବା। ଆଉ ଦଳରେ ଯେତେବେଳେ ଦଳପତି ହେବାର ଅନେକ ଦାବିଦାର ଠିଆ ହୋଇଥିବେ ସେତେବେଳେ ଦଳ ଭାଙ୍ଗି ହୁଏତ ଦୁଇ-ତିନି ଦଳ ହୋଇଥିବ ଏବଂ ପରେ ଆମେ ତାକୁ ପରିବାର କହିଥିବା! ସେଇ ଦଳ କିମ୍ବା ପରିବାରକୁ ସୁରକ୍ଷିତ ରଖିବା ପାଇଁ ତାଳପତ୍ର- କୁଟା ଯୋଡ଼ି ବନା ଯାଇଥିବ ଘର! ପୁଣି ଘରକୁ ସୁରକ୍ଷା ଦେବା ପାଇଁ ବାଡ଼! ଆଉ ଏମିତି ବନିଥିବ ଗାଁ, ଦେଶ, କାଗଜ ଉପରେ ମାନଚିତ୍ର! ମଣିଷ ବାନ୍ଧି ହୋଇ ଯାଇଥିବ ମୋ'-ମୋ' ପଣରେ। ନିଜ ସୁଖ, ସଫଳତା, ପାରିବା ପଣକୁ ସେଲିବ୍ରେଟ୍ କରିବା ପାଇଁ ଆଉ ଦୁଃଖ, କଷ୍ଟ, ପରାଜୟକୁ ବାଣ୍ଟିବା ପାଇଁ ସାଇତି ରଖିଥିବ ତା' ଚାରି ପାଖରେ କିଛି ମଣିଷ। ସେମାନଙ୍କୁ ସେ ନାଁ ଦେଇଥିବ ସମ୍ପର୍କର।

ସମୟ ସହିତ ମଣିଷ ଯେତେବେଳେ ଘର, ଗାଁ, ଦେଶ, ମାନଚିତ୍ର ବନାଇଛି, ବଦଳିଛି ବି ତା' ଜୀବନ ଶୈଳୀ। ମଣିଷର ଚିନ୍ତା, ଜ୍ଞାନକୌଶଳ, ସ୍କିଲ୍-ର ବିକାଶ ଘଟିଛି। ମଣିଷ ଚାଷ, ପଶୁପାଳନ ପରେ ଔଦ୍ୟୋଗୀକରଣ, ସହରୀକରଣ ଆଉ ଡିଜିଟାଲ୍ ଯୁଗରେ ପହଞ୍ଚିଛି। ସମୟ ଧାରାରେ ଦିନେ ପରସ୍ପରକୁ ରକ୍ଷା କରିବା ପାଇଁ ଆରମ୍ଭ ହୋଇଥିବା ଦଳର ବଦଳି ଯାଇଛି ମନୋଭାବ। ଦଳପତି ପାଇଁ ଆରମ୍ଭ ହୋଇଥିବା ପ୍ରତିଯୋଗିତାର ରୂପରେଖ ବଦଳି ଏବେ ତାହା ବ୍ୟକ୍ତି-କୈନ୍ଦ୍ରିକ ହୋଇ ଯାଇଛି। ଆଉ ଏ ସବୁ ପ୍ରତିଯୋଗିତା ତଥା ନିଜ ପାଇଁ ଜାଗାଟିଏ ସୁରକ୍ଷିତ ରଖିବା ପ୍ରକ୍ରିୟା କେବଳ ସମାଜ କିମ୍ବା କର୍ମକ୍ଷେତ୍ର ନୁହେଁ, ପରିବାର ସ୍ତରରେ ମଧ୍ୟ ରହିଥାଏ। ଠିକ୍ ଯେମିତି ବଦଳିନି ଦଳପତି ହୋଇ ନିଜର ଆଧିପତ୍ୟ ଜାହିର କରିବା ସ୍ୱଭାବ ସେମିତିବି ମଣିଷ ଜିନ୍ ରେ କୋଉଠି ଗୋଟିଏ ଛପିକି ରହିଛି ମୁକ୍ତ ଭାବରେ ଜଙ୍ଗଲରେ ବିଚରଣ କରିବାର ପବୃତ୍ତି। ଆଉ ଏଇ ଦୁଇଟି ଇଚ୍ଛା ହେଉ କି ପ୍ରବୃତ୍ତ, ଯାଙ୍କରି ଭିତରର ଲଢ଼େଇ ହିଁ ଆଣିଥାଏ ମଣିଷର ସମ୍ପର୍କ ମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, କଳହ, ଅସହଜପଣ ଆଉ କମ୍ପ୍ଲିକେସନ୍ସ। ସବୁଠାରୁ ପ୍ରିୟ ମଣିଷର ଆକଟ, ଯାହା ଦିନେ ମିଠା ଲାଗୁଥିଲା, ହଠାତ୍ କରି ତାହା ଶିକୁଳି ପରି ଲାଗେ। ମଣିଷ ପରାଧୀନ ବନ୍ଦୀ ଭଳି ନିଜକୁ ମନେକରେ। ଏହା କେବଳ ମନୋମାଳିନ୍ୟ କିମ୍ବା କଥା କଟାକଟି ଭିତରେ ସୀମିତ ନରହି ମାନସିକ ଅବସାଦ, ଚିନ୍ତା ପୁଣି କେତେବେଳେ ଅନ୍ୟାନ୍ୟ ଶାରୀରିକ ବ୍ୟାଧିରେ ମଧ୍ୟ ପରିଣତ ହୋଇଥାଏ। ଏମିତି ଭାବନା ସାଧାରଣତଃ ସେତେବେଳେ ବିଭସ୍ତ ଏବଂ ଭୟାନକ ପରିସ୍ଥିତି ସୃଷ୍ଟି କରେ, ଯେତେବେଳେ ମଣିଷ ଘର, ଜମି, ଧନ-ରତ୍ନ ଏବଂ ଆସବାବପତ୍ର ପରି ତା' ସହ ସମ୍ପର୍କ ଗଢିଥିବା ମଣିଷ ମାନଙ୍କୁ ବି ନିଜର ସମ୍ପତ୍ତି ଭାବିନିଏ। ନିଜ ଅହଂକାର, ଇଗୋ, ଅଧିକାର ସାବ୍ୟସ୍ତ କରିବା ପ୍ରଣାଳୀ ଭିତରେ ପରିବାର ଭାଙ୍ଗି ଯାଏ, କିଏ ଆତ୍ମହତ୍ୟା କରେ ତ କେତେବେଳେ ଘଟେ ହତ୍ୟା। ରିପୋର୍ଟ ଅନୁସାରେ ଆମ ଦେଶ ଭାରତରେ ୧୯୯୫ରୁ ଏଇ ଭିତରେ ଏକ ଲକ୍ଷ ଅଶି ହଜାର ଛାତ୍ରଛାତ୍ରୀ ପରୀକ୍ଷାରେ ବିଫଳ ହେବା ଏବଂ ଭଲ ପ୍ରଦର୍ଶନ ପାଇଁ ବାପା-ମା'ଙ୍କ ତରଫରୁ ପଡୁଥିବା ଚାପ ପାଇଁ ଆତ୍ମହତ୍ୟା କରିଛନ୍ତି। ଜାପାନରେ ପ୍ରତି ୮ ଦିନରେ ଜଣେ (୦୧) ବୟସ୍କ (୬୫ ବର୍ଷରୁ ଊର୍ଦ୍ଧ୍ୱ) ବ୍ୟକ୍ତିଙ୍କର ତାଙ୍କ ଆତ୍ମୀୟଙ୍କ ଦ୍ୱାରା ହତ୍ୟା ହୋଇଥାଏ କିମ୍ବା ତାଙ୍କୁ ଆତ୍ମହତ୍ୟା କରିବା ପାଇଁ ବାଧ କରାଯାଇଥାଏ। ୨୦୨୧ ମସିହାରେ ଭାରତରେ ୫୦ ଜଣ ବ୍ୟକ୍ତି କାର୍ଯ୍ୟକ୍ଷେତ୍ରରେ ଚାପ ପାଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆମ ଦେଶରେ ପ୍ରତି ଦଶଟି ହତ୍ୟା ମଧ୍ୟରୁ ଗୋଟିଏ ପ୍ରେମଜନିତ ଅଟେ। ପ୍ରେମ ପାଇଁ ପ୍ରତିଦିନ ୩୦ ଜଣ ଭାରତୀୟ ପ୍ରାଣ ହରାନ୍ତି। ଜାତୀୟ ମହିଳା ଆୟୋଗ ପାଖରେ ଗତବର୍ଷ ମହିଳାମାନଙ୍କ ଦ୍ୱାରା ୨୮,୮୧୧ଟି ଅଭିଯୋଗ କରାଯାଇଛି। ସେଥିରୁ ୬୨୭୪ଟି ଘରୋଇ ହିଂସାର ମାମଲା ଥିବା ବେଳେ ୮୫୪୦ଟି ମମଲା ପରିବାର ଦ୍ୱାରା ମହିଳାଙ୍କର ଅପମାନ, ଆତ୍ମସମ୍ମାନକୁ ବାଧା ପହଞ୍ଚିବା ପାଇଁ ଦର୍ଜ ହୋଇଛି। ବିଶ୍ୱରେ ୬୩ % ବିବାହ ବିଚ୍ଛେଦ କେବଳ ବୁଝାମଣାର ଏବଂ ପ୍ରତିବଦ୍ଧତା ଅଭାବରୁ ହୋଇଥାଏ। ୫୭.୭% ଦମ୍ପତି ବାରମ୍ବାର ଝଗଡ଼ା, ଭୁଲ୍ ବୁଝାମଣା ଏବଂ ଅହଂକାର ପାଇଁ ଛାଡପତ୍ର ପର୍ଯ୍ୟନ୍ତ ପହଞ୍ଚନ୍ତି। ଉପୋରକ୍ତ ଡାଟା ଏବଂ ରିପୋର୍ଟ ଆମକୁ ଜଣାଇ ଦେଉଛି ଯେ କେବଳ ସ୍ୱାମୀ-ସ୍ତ୍ରୀ କିମ୍ବା ପ୍ରେମିକ-ପ୍ରେମିକା ନୁହେଁ ଅଭିଭାବକ ଏବଂ ସନ୍ତାନ, ଭାଇ-ଭଉଣୀ ତଥା କାର୍ଯ୍ୟକ୍ଷେତ୍ରର ସମ୍ପର୍କରେ ମଧ୍ୟ ମଣିଷ ନିଜ ଉପରେ ଅନ୍ୟ ଜଣଙ୍କର ମାତ୍ରାଧିକ ଅଧିକାର ଜାହିର କରିବା ଆଦୌ ବରଦାସ୍ତ କରି ପାରେନି। ଆଉ ଅତ୍ୟଧିକ ଚାପ ବା ଷ୍ଟ୍ରେସରେ ଥିବା ମଣିଷ ତା' ସମ୍ପର୍କ ମାନଙ୍କ ସହ ବି ନ୍ୟାୟ କରି ପାରେନି।

ସମୟସ୍ରୋତ କିମ୍ବା ମଣିଷ ଇତିହାସରେ ମଣିଷ ସର୍ବପ୍ରଥମେ କେବେ ଗୋଟିଏ ସମ୍ପର୍କ ଗଢିଥିଲା ସେ ବିଷୟରେ ତ ମୁଁ ଜାଣିନି; ହେଲେ ମୋତେ ଲାଗେ ପ୍ରକୃତି ହାତରେ ନିରୁପାୟ ହୋଇ ଯେଉଁଦିନ ମଣିଷ ବାନ୍ଧି ହେବା ପାଇଁ ଚାହିଁଲା ସେଇ ଦିନଠାରୁ ବୋଧେ ସମ୍ପର୍କ ଗଢିବା ଆରମ୍ଭ କଲା। ହେଲେ ଏ ବାନ୍ଧି ହେବାକୁ ଚାହିଁବାଟା ଥିଲା ପ୍ରେମ, ସ୍ନେହ ଆଉ ବନ୍ଧୁଟିଏ ପାଇଁ। ଆଉ ମୋର ଦୃଢ ବିଶ୍ୱାସ ଆଜିବି ସମ୍ପର୍କଟିଏ ଖୋଜିବା ପଛରେ ମଣିଷର ଏଇ ମୌଳିକ ଇଚ୍ଛାଟା ହିଁ ରହିଛି। ଆଉ ଗୋଟିଏ ସୁସ୍ଥ ସମ୍ପର୍କ ଗଢିବା ପାଇଁ ହେଉ କି ଗଢା ସରିଥିବା ସମ୍ପର୍କ ସୁସ୍ଥ ରହିବା ପାଇଁ ହେଉ, ଉଭୟ ପାଇଁ ଆମକୁ ଶିଖିବାକୁ ପଡିବ ପ୍ରତ୍ୟେକ ସମ୍ପର୍କରେ ସାମ୍ନାରେ ଥିବା ମଣିଷଟିଏକୁ "ସ୍ପେସ୍" ବା ନିଶ୍ୱାସ ମାରିବା ପାଇଁ ଜାଗା ଦେବା। ସାମ୍ନା ମଣିଷକୁ ତା' ନିଜ ପାଇଁ ଭାବିବା ଓ ସମୟ ଦେବା ପାଇଁ ଛାଡିବା। ଯେଉଁଦିନ ମଣିଷ ସମ୍ପର୍କଟିଏର ଆର ପାଖରେ ଥିବା ମଣିଷକୁ ସ୍ପେସ୍ ଦେବା, ସ୍ୱାଧୀନତା ଦେବା ଆରମ୍ଭ କରିବ ସେଦିନ ଆଉ ତାକୁ ସମ୍ପର୍କରେ ସ୍ୱାଧୀନତା ବିଷୟରେ ଭାବିବାକୁ ପଡିବନି!

*ଭୁବନେଶ୍ୱର*
*ଭ୍ରାମ୍ୟଭାଷ : ୮୦୧୮୦୫୩୩୯୫*

# କାହୁଁ ଗଲେ ଚକୁଳିଆ ପଣ୍ଡା



ଶ୍ରୀବତ୍ସ ନାୟକ

ଡାହାଣୀଆ ଖରାବେଳ,ବୈଶାଖର ଝାଞ୍ଜି ସାଙ୍ଗକୁ ଟାଇଁଟାଇଁ ଖରା,ଚାରିଆଡ଼େ ନିଃଶବ୍ଦ ନିଶ୍ଚଳ, ପୋଖରୀ ତୁଠର ବରଗଛ ତଳେ ଗାଈଗୋରୁଙ୍କର ପାକୁଳି, ବୁଲା କୁକୁରଙ୍କ ଲହଲହ ଜିଭ ଭିତରେ ସମୟ ବିତୁଥିବାବେଳେ ତତଲା ଡହଡହ ଗାଁ ଦାଣ୍ଡରେ ହଠାତ୍ ଶୁଭିଲା ଏକ ସୁମଧୁର କଣ୍ଠ ସ୍ୱର। ମନର ଉତ୍କଣ୍ଠାକୁ ସମ୍ଭାଳିନପାରି ବାପାଙ୍କର ବାରଣ ସତ୍ତ୍ୱେ ଦାଣ୍ଡକୁ ଦଉଡ଼ି ଯାଇ ଦେଖେ ତ, ଲୋକଟିର ଦେହରେ ଗେରୁଆ ବସ୍ତ୍ର, ମୁଣ୍ଡରେ ପଗଡ଼ି, ବେକରେ ରୁଦ୍ରାକ୍ଷ, ଏକ କାନ୍ଧରେ ଉପବୀତ, ଅନ୍ୟ କାନ୍ଧରେ ଝୁଲାମୁଣୀ, ଅଣ୍ଟାରେ ଦଉଡ଼ି, କପାଳରେ ତିଳକ ଚନ୍ଦନରେ ନିର୍ମିତ ଚିତା, ଏକ ହାତରେ କାଂସ୍ୟ ଥାଳ,ଅନ୍ୟ ହସ୍ତରେ ତାଳପତ୍ର ଓ ଖଜୁରୀରେ ନିର୍ମିତ ଛତା, ବାହୁରେ ଚନ୍ଦନର ଅଙ୍ଗୁଷ୍ଠି ଚିହ୍ନ, ପାଦରେ କଠଉ ଓ କଣ୍ଠରେ ନାନାଦି ସ୍ୱରରେ କେତେକଣ ଗାଥା ଗାନ କରି ଗାଁ ଦାଣ୍ଡରେ ଏପଟ ସେପଟ ହେଉଥାଏ। ଏହାକୁ ଦେଖି ମୋ ମନରେ ଅସୁମାରୀ ପ୍ରଶ୍ନ ଉଙ୍କି ମାରିଲା। କିଏ ଏହି ବ୍ୟକ୍ତି? କଣ ଏହାର ଉଦ୍ଦେଶ୍ୟ? କଣ ପାଇଁ ଏହି ଲୋକ ତୁର୍ଷିତ ମଧ୍ୟାହ୍ନର ଦାରୁଣ ନିଦାଘରେ ଏମିତି ଶୁନଶାନ୍ ଦାଣ୍ଡରେ ଏପଟ ସେପଟ ହେଉଛି? ତତକ୍ଷଣାତ୍ ବାପାଙ୍କୁ ପଚାରିବାରୁ ବାପା ଉତ୍ତର ଦେଲେ ସେ ହେଉଛି 'ଚକୁଳିଆ ପଣ୍ଡା'।

ମୋର ଜିଜ୍ଞାସାକୁ ଅନୁଧ୍ୟାନ କରି ବାପା ମୋତେ କହିଲେ, ଚକୁଳିଆ ପଣ୍ଡା ହେଉଛନ୍ତି ଓଡ଼ିଶାରେ ବାସ କରୁଥିବା ତଳ କୁଳର ବ୍ରାହ୍ମଣ। ଲୋକକଥା ଅନୁସାରେ ପାଣ୍ଡବମାନଙ୍କର ହତ୍ୟା କରିବା ପାଇଁ କୌରବ ମାନେ ଏକ ଜଉଗୃହ ନିର୍ମାଣ କରିଥିଲେ କିନ୍ତୁ ସୌଭାଗ୍ୟବଶତଃ ସେମାନେ ତାହା ଜାଣିପାରି ଏକ ସୁଡ଼ଙ୍ଗ କରି ସେଠାରୁ ଖସିକି ପଳାଇ ଆସି ମାତା କୁନ୍ତିଙ୍କ ସହ ଜଙ୍ଗଲରେ ପଞ୍ଚୁପାଣ୍ଡବ ଛଦ୍ମ ବେଶରେ ଅଜ୍ଞାତ ବାସ କରିଥିଲେ। ଅଜ୍ଞାତବାସ ସମୟରେ ମହାବଳୀ ଦ୍ୱିତୀୟ ପାଣ୍ଡବ ଭୀମ ବିରାଟ ରାଜାଙ୍କର ପାଚକ ଭାବେ ବଲ୍ଲଭ ପଣ୍ଡା ନାମରେ ସେହି ସମୟରେ ସେ ଦେଶଦେଶ ବୁଲି 'ଚକ୍ରଭିକ୍ଷା' କରୁଥିଲେ। ଭିକ୍ଷାନ୍ନ ସଂଗ୍ରହାର୍ଥ ସେ ଗାଁର କାହାର ଦାଣ୍ଡ ଦୁଆରେ ଦଣ୍ଡେ ହେଲେ ଛିଡ଼ା ନହୋଇ ଗାଁ ଦାଣ୍ଡରେ ତିନି ଥର ବୁଲିଯାଉଥିଲେ ଓ ଯିଏ ଯାହା ଦେଉଥିଲେ ତାକୁ ସାଦରେ ଗ୍ରହଣ କରିଥିଲେ। ତାଙ୍କ ସଙ୍ଗେ ଚକ୍ରଭିକ୍ଷା ସମୟରେ ଯେଉଁ ବ୍ରାହ୍ମଣମାନେ ଯୋଗ ଦେଇଥିଲେ ଆଧୁନିକ ଚକୁଳିଆ ପଣ୍ଡାମାନେ ସେମାନଙ୍କ ବଂଶଧର ଅଟନ୍ତି। ଏମାନେ ଏକ ଭିନ୍ନଭାବ ଓ ସଂସ୍କୃତି ସଂପନ୍ନ ଭିକ୍ଷୁକ। ଧର୍ମ ମାସ କାର୍ତ୍ତିକ,ମାଘ ଓ ବୈଶାଖ ମାସରେ ଧର୍ମ ଦାଣ୍ଡରେ ଭ୍ରମଣ କରି ନାନାଦି ତାଳ ଓ ଲୟରେ ରାମନାମ,ଆଧାତ୍ମିକ ସଙ୍ଗୀତ,ପୌରାଣିକ କଥାବସ୍ତୁ,ସ୍ତ୍ରୀ ଧର୍ମ,ସ୍ୱାମୀ କର୍ମ, ସୁଖି ପରିବାର ଗଠନର ମନ୍ତ୍ର, ଯିବେଦୟା,ସତର୍କବାଣୀ, ନୀତିଶାସ୍ତ୍ର, ବିଭୁପ୍ରେମ, କର୍ମ, ଅକର୍ମ, କୁକର୍ମ, ଯୁଗଧର୍ମ ତଥା ସମାଜର ଚଳନୀ ବିଷୟରେ ଗାୟନ କରିଥାନ୍ତି। ଏ ଗାନ ସତ୍ୟ ଓ ମର୍ଯ୍ୟାଦାର। ଏ ଗାନ ପୁଣ୍ୟ ଓ ଯଶର ଜ୍ଞାନ। ବୈଶାଖର ଝାଞ୍ଜିରେ ଗାଁ ପରିବେଶ ଶାନ୍ତ କାନ୍ତ କୋମଳ ଥିବା ବେଳେ ହଠାତ୍ ଉଦାତ୍ତ ଆହ୍ୱାନରେ ଭରା ସେ ଗମ୍ଭୀର କଣ୍ଠ ସ୍ୱର ଶୁଣିଲା ମାତ୍ରେ ଗ୍ରାମର କୂଳବଧୂ କାଳବିଳମ୍ବ ନକରି ଦାଣ୍ଡ ଦୁଆରକୁ ବାହାରି ଆସେ ଏହି ଧର୍ମ ଗୀତ ଶୁଣି ଧର୍ମ ଅର୍ଜନ କରିବା ପାଇଁ। ହାତରେ ଚାଉଳ, ପରିବା, ଟଙ୍କା, ଚୁଡ଼ା, ମୁଢ଼ି ଧରି ସେମିତି ଦାଣ୍ଡଦୁଆର ଛିଡ଼ା ହୋଇଥାଏ କେତେବେଳେ ଚକୁଳିଆ ପଣ୍ଡା ଆମ ଦାଣ୍ଡ ଆଡେ ଆସିବ ଏବଂ ମୁଁ ତାକୁ ଦାନ କରି ଧର୍ମ ଅର୍ଜନ କରିବି। ମାଗିଲା ଠାରୁ ହୀନ ନାହିଁ କି ଦେଲା ଠାରୁ ପୁଣ୍ୟ ନାହିଁ



ତେଣୁ ଦାନରେ ହୀନତା ଓ ନ୍ୟୁନତା ଭାବ ନରଖି ମୁକ୍ତ ହସ୍ତରେ କୂଳବଧୂ ଚକୁଳିଆ ପଣ୍ଡାକୁ ଦାନ କରି ତାଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ। ଏହା ହେଉଛି ଭାରତୀୟ ସଂସ୍କାର ଓ ସଭ୍ୟତା। ଏଠି ନେବା ବାଲା ଖୁସ୍ ଦେବା ବାଲା ବି ଦେଇକି କୃତକତ୍ୟ ଭାବନାରେ ବୁଡ଼ିଥାଏ। ଏହା ହିଁ ତ ଦାତା ଓ ଗ୍ରହୀତାର ଭିନ୍ନ ଏକ ସଂସ୍କାର ବୋଧ। ଯଦିଓ ଚକୁଳିଆ ପଣ୍ଡା ଭିକ୍ଷାବୃତ୍ତି କରିଥାନ୍ତି କିନ୍ତୁ କାହା ଦାଣ୍ଡ ଦୁଆରେ ଛିଡ଼ା ହୋଇ ଜିଦି କରି ଭିକ୍ଷା ମାଗନ୍ତି ନାହିଁ। ଭିକ୍ଷା ବୃତ୍ତି କରି ଧନ ସଂପତ୍ତି ଆହରଣ କରିବା ମଧ୍ୟ ଏମାନଙ୍କର ଉଦ୍ଦେଶ୍ୟ ନୁହେଁ। ଦୈନିକ ଜୀବନ ଧାରଣ କରିବା ନିମନ୍ତେ ଯେତିକି ମିଳିଲା ସେତିକିରେ ସନ୍ତୁଷ୍ଟ । ଯିଏ ଯାହା ଦେଲା ଏମାନେ ସେଥିରେ ମଧ୍ୟ ବେଶ୍ ଖୁସି। ଯିଏ ନଦେଲେ ମଧ୍ୟ ଏମାନେ ମନ ଉଣା ନକରି ଧର୍ମ ପ୍ରଚାର କରି ଫେରି ଯାଆନ୍ତି।

ଯଦିଓ ଧର୍ମ କଣ ଦାନ କଣ ମୁଁ ଜାଣି ନଥିଲି କିନ୍ତୁ ବାପାଙ୍କ ଠାରୁ ଏ ସବୁ ଶୁଣିଲା ପରେ କାହିଁକି କେଜାଣି ଚକୁଳିଆ ପଣ୍ଡାକୁ ଦାନ ଦେବାର ଯେଉଁ ନୈତିକ ଦାୟିତ୍ୱଟି ମୋ ବୋଉ ବହନ କରୁଥିଲା ସେ ଦାୟିତ୍ୱଟିକୁ ମୁଁ ତାଠାରୁ ଆଣି ପାଖାପାଖି ୧୫ ବର୍ଷ ସେ ଦାୟିତ୍ୱକୁ ନିର୍ବାହ କରିଥିଲି। କାଳର କରାଳ ଗତିରେ ଉଚ୍ଚଶିକ୍ଷାର ବୋଝ ଓ ବୃତ୍ତିଗତ ଜୀବନର ବ୍ୟସ୍ତତା ମୋତେ କେତେକାଂଶରେ ମୋ ଜନ୍ମ ମାଟି ଠାରୁ ଦୂରେଇ ରଖିଥିଲା ସତ କିନ୍ତୁ ଯେତେବେଳେ ବି ଗାଁ କୁ ଯିବାର ସୁଯୋଗ ପାଇଛି ସେତେବେଳେ ମନେମନେ ଚକୁଳିଆ ପଣ୍ଡାଙ୍କୁ କେତେ ଖୋଜିଛି। ଅନୁଭବ କରିଛି ତାଙ୍କର ବୋଧଗମ୍ୟତା ଯାହା ମୋତେ ସେତେବେଳେ ରସସିକ୍ତ କରିବା ସହ ନାନାଦି ଢଙ୍ଗରେ ପୌରାଣିକ କଥାବସ୍ତୁର ଉପସ୍ଥାପନା ଶୈଳୀ ମୋତେ ଧର୍ମ ଓ ସଂସ୍କୃତି ପ୍ରତି ଆକୃଷ୍ଟ କରିଥିଲା। ଅଭାବର କଷଟି ପଥର ତଳେ ନିଜର ପାରିବାରିକ ଜୀବନ ଚାପିହୋଇଥିଲେ ମଧ୍ୟ କିଭଳି ଭାବେ ନୀତି ନୈତିକତାକୁ ସେ ଭୁଲି ନଥିଲେ ତାହା ହିଁ ଥିଲା ମୋ ପାଇଁ ଆଦର୍ଶବାଦର ନିଦର୍ଶନ ସ୍ୱରୂପ। ଝୁରି ହେଉଛି ତାଙ୍କର ସେ ବଳୀ ରାଜାକୁ ବନ୍ଧ କରିଥିବା ଭଗବାନ ବିଷ୍ଣୁଙ୍କର ରୂପକୁ। କାହୁଁ ଗଲେ ସେ ବ୍ରାହ୍ମଣ ଭିକ୍ଷୁକ? ସତରେ କଣ ସେ ଅପସରି ଗଲେ? ସମୟ ସ୍ରୋତରେ ମୋ ବାପାଙ୍କର ଦେହାନ୍ତ ଘଟିଛି ହୁଏତ ସେ ଥିଲେ ନିଶ୍ଚିତ କହି ପାରିଥାନ୍ତେ ତାଙ୍କ ବିଷୟରେ। ମୋର ଶୈଶବ ଅବସ୍ଥାରେ ଏମାନଙ୍କ ବିଷୟରେ ଜାଣିବାପାଇଁ ଯେତିକି ଆଗ୍ରହ ଥିଲା ଅନୁରୂପ ଭାବେ ସାମ୍ପ୍ରତିକ ପରିସ୍ଥିତିରେ ଏମାନଙ୍କର ସ୍ଥିତି ପରଖିବା ପାଇଁ ମୁଁ ବେଶ୍ ତତ୍ପର ହୋଇଯାଇଥିଲି। ଅନୁଭବ କଲି ଯେ ଏମାନେ ଏବେ ସତରେ ବିଲୁପ୍ତ ପ୍ରାୟ। ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ଏକ ଉଗ୍ର ଆଧୁନିକତାର ସଭ୍ୟତାକୁ ଆପଣାଇ ଲୋକମାନେ ବିକାଶର ଚରମ ସୀମାରେ ପହଞ୍ଚି ଗଲେଣି। ଲୋକମାନେ ସହରାଭିମୁଖି ହେଲେଣି। ଆଧୁନିକତାର ଦ୍ୱାହି ଦେଇ ଗ୍ରାମ ପରିବେଶ, ଗାଁର ସଂସ୍କୃତି ପରମ୍ପରା,ରୀତିନୀତି ସବୁ କିଛି ବଦଳିଗଲାଣି। ଧର୍ମ ପ୍ରତି ଲୋକମାନଙ୍କ ମଧ୍ୟରେ ଆଉ ପୂର୍ବ ଭଳି ଆଗ୍ରହ ନାହିଁ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଯୋଗୁଁ ଆମ ସମାଜରେ ଅନେକ କିଛି ପରିବର୍ତ୍ତନ ହୋଇଗଲାଣି। ଆମେ ଆଜି ଶିକ୍ଷିତ କିନ୍ତୁ ଜ୍ଞାନର ଅଭାବ ଯୋଗୁଁ ଆମର ଲୋକ ସଂସ୍କୃତି ଓ ପରମ୍ପରା ପ୍ରାୟତଃ ବିଲୁପ୍ତ ଆଡ଼କୁ ଗତି କଲାଣି। ଅଭିନବ ଉପାୟ ଅବଲମ୍ବନ କରି ଅଧୁନା ଆମ ସମାଜରେ ଜୀବନ ଜୀବିକା ନିର୍ବାହ ନିମନ୍ତେ ଅନେକ ଭିକ୍ଷୁକ ଭିକ୍ଷା ବୃତ୍ତିକୁ ଆପଣାଇଥିଲେ ମଧ୍ୟ ସେଦିନର ଚକୁଳିଆ ପଣ୍ଡା ମାନଙ୍କର ଭିକ୍ଷା ମାଗିବା ବୃତ୍ତି ନଥିଲା ବରଂ ଧର୍ମ ପ୍ରଚାର କରି କିଛି ପାରିଶ୍ରମିକ ପାଇବା ଲକ୍ଷ୍ୟ ଥିଲା। ଏକଦା ଏକ ସମୟ ଥିଲା ଯେଉଁ ସମୟରେ ଟେଲିଭିଜନ, ଇଣ୍ଟରନେଟ,ସାମାଜିକ ଗଣମାଧ୍ୟମ ନଥିଲା ସେ ସମୟର ଧର୍ମ ପ୍ରଚାରର ଏକ ଅଭିନ୍ନ ମାଧ୍ୟମ ପାଲଟି ଯାଇଥିଲେ ସେମାନେ। ସହରୀ ସଭ୍ୟତା ଭିତରେ ସେମାନଙ୍କର କଣ୍ଠ ରୁଦ୍ଧ ହୋଇଗଲାଣି। ଆଧୁନିକତାର ଚାକଚକ୍ୟ ଭିତରେ ତାଙ୍କର ଉତ୍ତରାଧିକାରୀମାନେ ଏ ବୃତ୍ତି ପ୍ରତି ଅନାଦର ଭାବ ପ୍ରକାଶ କଲେଣି। ଫଳରେ ସମୟକ୍ରମେ ଚକୁଳିଆ ପଣ୍ଡା ଆମ ସମାଜରୁ ଅପସରି ଗଲେଣି।

*ଅଧ୍ୟାପକ,ବାଣିଜ୍ୟ ବିଭାଗ,ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ*
*ଭ୍ରାମ୍ୟଭାଷ : ୯୪୩୮୦୭୦୮୪୯*

## ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

**ପୁଷ୍ପାରାଣୀ ପଟେଲ**



ଭାଗ-୧୮

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ୍ୟ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ? 'କାହିଁ ପାରିଲାନି ତ!' ତେବେ କ'ଣ ହେଲା ଆଗକୁ ....!!*

***(ପୂର୍ବପ୍ରକାଶ ଉତ୍ତାରୁ)***

*"ହାଏ ... ପୂରବୀ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଇଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶୀଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୁଲ କହୁଛି, ପୂରବୀ?*

***(ପୂର୍ବପ୍ରକାଶ ଉତ୍ତାରୁ)***

ପୁଅ ଓ ତା' ପରିବାରର ଭରଣ ପୋଷଣକୁ ନେଇ ମନ ଭିତରେ ବନ୍ଧା ପଡିଥିବା ଚିନ୍ତା ସବୁରୁ ମୁକ୍ତି ମିଳିବ।

ଏଭଳି ଆହୁରି ଅନେକ କାରଣ ହେଇପାରେ ତାଙ୍କ ଉଦାରତାର। ମୁଁ କିନ୍ତୁ ତାଙ୍କ ଉଦାରତା ନଗଣି ନିଜର ସୁନ୍ଦର ଭବିଷ୍ୟତର ସ୍ୱପ୍ନରେ ମସଗୁଲ୍ ଥିଲି।

ମୋ' ଝିଅ ଆସିଲା ଏ ଦୁନିଆକୁ। ମୁଁ ମାଆ ହେଲି। ବଦଳିଗଲା ମୋ' ଆଖିରେ ମୋ'ର ପରିଚୟ। ତେବେ ସତ କହିଲେ, ତା'ର ସିନା ଜନ୍ମ ହେଲା ... ମୋ'ର କିନ୍ତୁ ପୁନର୍ଜନ୍ମ ହେଲା ତା' ସାଥିରେ।

ଗୋଟିଏ କୁନି ଝିଅର ଆଖିରେ ଏତେ ଉଜ୍ଜଳତା, କୁଆଡେ ହଜିଗଲା ମୋ ଜୀବନର ସବୁ ଅନ୍ଧାର। ତା'ର କଅଁଳ ହାତ ପାପୁଲିର ସ୍ପର୍ଶରେ ଏତେ ଶକ୍ତି, ଉଭେଇଗଲା ମୋ' ଜୀବନର ଯେତେକ ଦୁର୍ବଳତା। ଗୋଟିଏ ସରଳ ଶିଶୁର ଦରୋଟି ଭାଷାରେ ଏତେ ସାମର୍ଥ୍ୟ, ସେ ଭରିଦେଲା ମୋ ଜୀବନର ସକଳ ଶୂନ୍ୟତା।

ଭୁଲି ଆସିଥିବା ସାର୍ଟିଫିକେଟ୍ ମାନଙ୍କ ଭିତରେ ପୁଣି ଯୋଡି ହେଉଥିଲେ ଆଉ କିଛି ଓଜନଦାର ସାର୍ଟିଫିକେଟ୍। ଆହୁରି ଗାଢ଼ ରଙ୍ଗରେ ରଙ୍ଗିନ ଦିଶୁଥିଲେ ମୋ' ସ୍ୱପ୍ନସବୁ। ମୁଁ ମସଗୁଲ୍ ରହୁଥିଲି ଏବେ ମୋ' ଦୁନିଆରେ, ମୋ' ଝିଅ ଏବଂ ପାଠ ସାଥିରେ। ବିବେକଙ୍କର ଆମର ଭବିଷ୍ୟତକୁ ନେଇ ନିସ୍ପୃହା ଆଉ ମୋ'ତେ ଦୁଃଖୀ କରିପାରୁ ନଥିଲା। ଆମ ଭିତରେ କିନ୍ତୁ ଯେଉଁ ଅଲଂଘ୍ୟ ଦୂରତାଟିଏ ଧୀରେ ଧୀରେ ସୃଷ୍ଟି ହେବାରେ ଲାଗିଥିଲା, ତା'କୁ ନା ହିଁ ସେ ଦେଖିପାରୁଥିଲେ ଓ ନା ହିଁ ମୁଁ।

ଆମ ସମ୍ପର୍କରେ ତୃତୀୟ ଜଣଙ୍କର ଆଗମନ ଯେଉଁଠି ଆମ ସମ୍ପର୍କକୁ ଅଧିକ ଦୃଢ଼ କରିବା କଥା, ସେଇଠି ତାହା ଶିଥିଳ ହେବାରେ ଲାଗିଥିଲା।

ମୁଁ ବୋଧହୁଏ ତାଙ୍କର ଅପାରଗତାକୁ ଜଣେ ସାଧାରଣ ସ୍ତ୍ରୀ ହିସାବରେ ଏକ ଅକ୍ଷମଣୀୟ ଅପରାଧ ଭାବେ ଗଣିବାକୁ ଆରମ୍ଭ କରି ଦେଇଥିଲି ଓ ସେ ନିଜ ସ୍ତ୍ରୀର ଏଭଳି ଘରର ଦାୟିତ୍ୱ ସମ୍ଭାଳି ମଧ୍ୟ ଶିକ୍ଷାରେ ଏତେ ସଫଳତାକୁ ହୃଦୟତାରୁ ସ୍ୱୀକୃତି ଦେଇପାରୁନଥିଲେ।

ମୋ' ଝିଅର ପାଦ କିନ୍ତୁ ଧୀରେ ଧୀରେ ମାଟି ଉପରେ ଶକ୍ତ ହେଉଥିଲା।

ସେ ତା' ମନର ଭାବକୁ ଶବ୍ଦ ଦେଇ ପ୍ରକାଶ କରିବାରେ ସହଜ ସାବଲୀଳ ହେବା ଶିଖୁଥିଲା। ମୁଁ ରାତି ଅନିଦ୍ରା ହେଇ ନିଜକୁ ଗଢୁଥିଲି। ତା'ର ଆଗାମୀ ସୁନ୍ଦର ଭବିଷ୍ୟତ ପାଇଁ ସ୍ୱପ୍ନ ବୁଣୁଥିଲି। ବିବେକ ଆମ ଠାରୁ ଦୂରେଇ ଯାଉ ଯାଉ ତାଙ୍କ ପରିବାରର ଲୋକଙ୍କର ଆହୁରି ନିକଟତର ହେଉଥିଲେ।

ମୋ' ଜୀବନର ଏତେ ବଡ ପରିବର୍ତ୍ତନ ପାଇଁ କାହାକୁ ଦୋଷ ଦେବି, ପୂରବୀ! କୁହନା! କାହାକୁ



ଦୋଷ ଦେବା ଠିକ୍ ହେବ -

ନିଜକୁ। ବିବେକଙ୍କୁ। ମୋ' ଭାଗ୍ୟକୁ। ଶାଶୁ ଶ୍ୱଶୁରଙ୍କୁ। ସେମାନଙ୍କ ପରିବାରକୁ। ମୋ' ପରିବାରର ଲୋକଙ୍କୁ। କାହାକୁ ....!

ଛାଡ... ସେ କଥା। ସବୁ ପ୍ରଶ୍ନର କ'ଣ ଉତ୍ତର ମିଳେ। ଯଦି ସବୁ ପ୍ରଶ୍ନର ଉତ୍ତର ମିଳିପାରନ୍ତା, ତେବେ ତ ଜୀବନ ସହଜ, ସୁନ୍ଦର ହୁଅନ୍ତା। ଜୀବନ କିନ୍ତୁ ଏକ ପ୍ରହେଳିକା। ହଁ ... ନା? ତୁମେ କ'ଣ କହୁଛ?

ପୂରବୀ - କିଛି କହୁନି। ଶୁଣୁଛି! ତା' ପରେ... ? କ'ଣ ହେଲା, ତା ପରେ?

ଯଦିଓ ମୁଁ ବୟସରେ ତୁମଠାରୁ ଢ଼େର ସାନ, ତେଣୁ ଅଭିଜ୍ଞତା କମ୍। ତଥାପି ଏ ଯେଉଁ ଦୁଇଟି ବିପରୀତ ମାନସିକତାର ପରିବାର ଭିତରେ ସାମଞ୍ଜସ୍ୟ ରଖି ଚଳିବା ଭଳି ସଂଘର୍ଷ ତ ଆମ ଭଳି ପ୍ରତ୍ୟେକଟି ଝିଅର ଭାଗ୍ୟ ଓ ଭବିଷତ୍ୟ। ସେଥିରେ ବିବେକ ଖୁବ୍ ଭଲ, ଯିଏ ବୁଝୁଥିଲେ, ଶୁଣୁଥିଲେ ତୁମ କଥା। ଏଭଳି ବି ଝିଅ ଅଛନ୍ତି ସ୍ନିଗ୍ଧା ଯେଉଁମାନେ ସହାନୁଭୂତିର କାଣିଚାଏ ବି ପାଆନ୍ତିନି ସ୍ୱାମୀ ପାଖରୁ। ଶ୍ୱଶୁର ଘର ପରିବାରରୁ। ଅଥଚ ଏହା ହିଁ ମୋ'ର ଭାଗ୍ୟ ବୋଲି ଭାବି କାଟି ଦିଅନ୍ତି ଜୀବନ ପୁଣି ସେଇ ମାନଙ୍କ ସେବାରେ। ତୁମେ ତ ସେଇ ପରିବାରରୁ ଆଗକୁ ପଢ଼ିବାର ଅନୁମତି ପାଇଲ। ଅନ୍ୟମାନଙ୍କର ସହିତ ତୁଳନା କଲେ ମୁଁ ତ କହିବି, ତୁମ ଭାଗ୍ୟ ଖୁବ୍ ଭଲ।

ସ୍ନିଗ୍ଧା - ହଁ, କୁହ!

ତୁମେ ବୋଲି ନୁହଁ, ଏକଥା ପ୍ରାୟ ସମସ୍ତେ କୁହନ୍ତି। ମୁଁ କିନ୍ତୁ ତୁମ କଥାରେ ମୋ'ର ସହମତି ରଖି ପାରିବିନି। ଯେହେତୁ, ସେ ଘରେ ପ୍ରତ୍ୟେକଟି ଦିନ ବିତାଇଥିଲି ମୁଁ ଏବଂ ମୋ' ପାଖରେ ଶବ୍ଦର ଘୋର ଅଭାବ, ସେଇ ଦିନ ଗୁଡିକରେ ମୁଁ ଭୋଗିଥିବା ମାନସିକ ଯନ୍ତ୍ରଣାକୁ ପ୍ରକାଶ କରିପାରିବା ପାଇଁ।

ପ୍ରତ୍ୟେକ ମଣିଷ ଜୀବନରେ ଏଭଳି କିଛି ଦୁଃଖ ଥାଏ, ଯାହା ସହି ହୁଏନା ... କହି ହୁଏନା... ଦେଖେଇ ବି ହୁଏନା କି ବତାଇ ବି ହୁଏନା। ଏ ଦୁଃଖ ମୋ'ର ସେଇଭଳି କିଛି। ଯାହାକୁ ବି ଦେଖାଇବାକୁ ଚାହେଁ, ସେମାନେ କହନ୍ତି, 'ଆଃ ... ଶ୍ୱଶୁର ଘର ପରିବାରର ଲୋକ ପଢ଼ିବାକୁ ଅନୁମତି ଦେଲେ। ଓଃ... ଖୁବ୍ ଭଲ ପରିବାର ନିଶ୍ଚୟ। ଖୁବ୍ ଭାଗ୍ୟ ତୁମର!'

ଏକଥା ଶୁଣି ମୁଁ ଚୁପ୍ ରହିବାକୁ ଉଚିତ ମଣେ। ଚୁପ୍ ରହେ ମଧ୍ୟ। ତେବେ ହୃଦୟ ମୋ'ର ଚୁପ୍ ରହେନା। ବାରମ୍ବାର ମୋତେ ପ୍ରଶ୍ନ କରେ। ଉତ୍ତର ଖୋଜେ।

କହେ - 'ସେଇ ପରିବାର ଯେ କହିଲେ, ଆମ ପୁଅ ହାଇଦ୍ରାବାଦରେ ସଫ୍ଟୱେର ଇଞ୍ଜିନିୟର ଚାକିରି କରେ। ଛୁଟି ନେଇ ଆସିଛି। ବାହାଘରେ ପରେ ଯିବ। ଏତେ ବଡ ମିଛ ପାଇଁ କଣ କୌଣସି ଶାସ୍ତି ନାହିଁ?'

*(କ୍ରମଶଃ)*

## ଝିଅଙ୍କ ଝଣ୍ଟିଆଣି କବିତା



## ଏବେ ଫେରିବାକୁ ହେବ

**ଉମାକାନ୍ତ ମହାପାତ୍ର**



ଆଉ ଡେରି କରି ଲାଭ କଣ?
ଯଦିଓ ସବୁ ଅଧା ରହିଛି
ଘର, ସଂସାର, ସାମାଜିକ ଦାୟିତ୍ୱ
ନିଜର ଅନେକ ଅସରା ଉପକ୍ରମ
ଅଧା ଅଧୁରା ଚିତ୍ର, ସର୍ଜନା, ସମ୍ପୃକ୍ତି
ଭିନ୍ନ ଭିନ୍ନ ପ୍ରୟାସ, ପ୍ରେମ,
ପ୍ରତାରିତ ଜୀବନବୋଧ, ଯିବାକୁ ହେବ,
ଆଉ ନୁହଁ, ବେଳ ତ ରତ ରତ
ରାତି ସତ, ଅରାତି ଅନେକ
ପ୍ରସଙ୍ଗ ଏକ, ଯିବାକୁ ହେବ।
ମୁଁ କୁମ୍ଭାଟୁଆ ପରି ବୋବେଇବା ଜାଣେନା,
ମୁଁ କୋକିଶିଆଳି ପରି ନୁହେଁ ନିଶାଚର,
ବେଳ ଆଖର, ଝାଞ୍ଜି ବି ପ୍ରଚୁର,
ମୋତେ ଫେରିଯିବାକୁ ହେବ ବେଳ ଥାଉ ଥାଉ
ନତୁବା ହାରିଯିବି ନିଶ୍ଚୟ, ଖରା ଯାଉଯାଉ।

ଦେଶ ତମାମ ଗୋଟିଏ ନାରା
ଚଉକାଠ ସଳଖ ଥିଲେ
କେଁ କଟର ହବନି ଜାଉଁଳି କବାଟ।
କେତେ କବିଜାରେ ପେଚ ଓ ପେଞ୍ଚ
ସତରେ ଏ ଦରଜା ଝୁଲେଇବାର,
ସବୁକୁ ମନେଇ, ବୁଝେଇ ସୁଝେଇ
ବସେଇବାକୁ ପଡେ ବଡ଼ ସତର୍କତାରେ
ନଚେତ ଅଳ୍ପ ପବନରେ ଛିଡ଼ିପଡିବ ଦୁର୍ଗ,
ଅଳ୍ପ ଆଘାତରେ ଆଉଜେଇ
ପଡିବ ସଦର ଦରଜା,
ଯେକେହି କହିବାପୂର୍ବରୁ ଇତିହାସ।

*ପୁରୀ*

## ଅନୁଭବ

**ଅନସୂୟା ପଣ୍ଡା**



ଯେତିକି ସମର୍ପଣ ସେତିକି ସନ୍ତୋଷ
ବିନ୍ଦୁଏ ବିନ୍ଦୁଏ ଜୀବନ ପ୍ରଜ୍ୱଳିତ
ଟିକି ଟିକି ମନ୍ତ୍ରରେ ସ୍ପନ୍ଦିତ
ଖୋଜିଆଣେ ରାତି ଶେଷେ
ଆଲୋକର ପ୍ରୀଣିତ ପଥ।
କିଛି ସନ୍ଧି ପରେ କିଛି ଶାନ୍ତି
ସନ୍ତୁଷ୍ଟିର ଏମିତି ଛୋଟିଆ ବିନ୍ଦୁରେ
ବିସ୍ତରିଯାଏ ଦୀର୍ଘ ମିଆଦ ଖୁସି
ପୁରିଉଠେ ଜୀବନ ଶିହରିତ କରି ମନ।

ଅନୁରଣିତ ଜୀବନ ଅଗଣା
ମୂହୁର୍ତ୍ତମାନେ ଖେଳନ୍ତି ସସନ୍ତାନ
ସ୍ନିଗ୍ଧମୟ ସମ୍ପର୍କର ମହୋଦଧି
ଶୀତଳ ପରଶ ଦେଇ
ଅଦୃଶ୍ୟରେ ଯାଉଥାଏ ମାଡି।

*ବୁର୍ଲା, ସମ୍ବଲପୁର*
*ଭ୍ରାମ୍ୟଭାଷ : ୯୪୩୯୨୧୧୯୭୧*

## ସିନ୍ଦୂର

**ସୁହଂସ ଭୋଇ**



ସିନ୍ଦୂର ଗାରେ ମଥାର
ପ୍ରତୀକ ଆମ ପ୍ରେମର
ଅଲିଖିତ ପ୍ରତିଶ୍ରୁତି ଅଧା ମୋର
ଅଧା ପ୍ରତିଶ୍ରୁତି ତୁମର

ଆସ୍ଥା ବିଶ୍ୱାସର ଉପହାର ମୋର
ଶ୍ରଦ୍ଧା ପୂଜାଫୁଲ ତୁମର

ସିନ୍ଦୂର ସେ'ତ ପୁଣ୍ୟର
ବନ୍ଧନ ଦୁଇ ଆତ୍ମାର
ଅନୁରାଗ ପ୍ରୀତି ଅଙ୍ଗୀକାର ମୋର
ସମର୍ପଣ ସେବା ତୁମର

ସିନ୍ଦୂର ବଳ ନାରୀର
ସାହସ ଆଶା ନିର୍ଭର
ଧୈର୍ଯ୍ୟ ପରାକ୍ରମ ନିର୍ଭୀକତା ମୋର
ସହନଶୀଳତା ତୁମର

ସିନ୍ଦୂର ସେ'ତ ଅମର
ମଙ୍ଗଳ ଶୁଭ ସୁନ୍ଦର

*ପହଣ୍ଡି, ବରଗଡ଼*
*ଭ୍ରାମ୍ୟଭାଷ : ୯୪୩୭୫୨୨୪୫୫*

## ଖରା ଖଇରୀ ବାଘ

**ଅନୀତା ପାଣି**




ଖରା ଖଇରୀ ବାଘ ପରି
ଡିଆଁ ମାରୁଛି ଗାଁଠୁ ସହର
ପଡିଆ ପ୍ରାନ୍ତର,
ଚାଟି ନେଲାଣି କଅଁଳ ଦୁବ,
ଫୁଲ କଢ଼ୀ, ଆଗ୍ଲୋନିମା ପତ୍ର
ନିଆଁଭାଟି ଏବେ ରହିବା ଘର।
ହସହସ ମୁହଁ, ନରମ କଥାରେ
କିଛି ବୁଝା କିଛି ଅବୁଝା କଥା
ଜାହିର, ବାପନ୍ ମାପି ନେଇଛନ୍ତି
ରୋଷେଇ ଘରର ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା
ବେହାଲ ଗରମ ଗୁଳୁଗୁଳି ଦିପ୍ରହରେ
ସେମାନେ ସଜେଇ ପାରନ୍ତି ସ୍ୱପ୍ନମହଲ
ବିନ୍ଧାଣି ସାଜି ରୂପ ଦିଅନ୍ତି
ପ୍ଲାଇ, ମାଇକା, ଫେବିକଲ ଭିତରେ
ହିସାବ କେତେ ଫୁଟ, କେତେ ଇଞ୍ଚ
କେତେ ଡୋର୍, କେତେ ଡ୍ରୟାର୍।
ସାହିତ୍ୟଠୁ ରାଜନୀତି
ତେଲ ଲୁଣଠୁ ଇଣ୍ଟରନେଟ
ସବୁଠି ଦଖଲ
କେତେ ଶାନ୍ତ ସରଳ ମନ,
ଅଳ୍ପ ଦିନରେ ଠଉରେଇ ନେଲେ
ନିତି ଦିନିଆ ଜୀବନ।

ଗୀତର ତାଳେତାଳେ
କାଟିବା ଜାଣନ୍ତି ଖଣ୍ଡ ଖଣ୍ଡ ପଟା
ଅଠା ଆଉ ଟେପ୍ ଲଗାଇ ସଜେଇ
ଦିଅନ୍ତି ଥାକ ପରେ ଥାକ
ନିରସତାରେ ସରସର ଜଳଛବି
ଭାସି ଆସୁଥାଏ ଘରକଥା।
ନିଜ ନିଜ ଭିତରେ ସଳା ମସୋରା
କଳ୍ପନାକୁ ବାସ୍ତବ ରୂପ ଦେବାର ଉତ୍ସୁକତା
ସକାଳରୁ ରାତିଅଧ
ମେସିନ୍‌ର ଘର୍ ଘର୍ ଶବ୍ଦରେ
କାମ ପୁରା ହେଲେ
ଘରକୁ ଫେରିବା ଲକ୍ଷ୍ୟରେ।
ସ୍ୱାଭିମାନୀ କଳା ନିପୁଣ ସେମାନେ
ସେଇ ପାଞ୍ଚ ଆଙ୍ଗୁଳି ସଭିଙ୍କ ପାଖରେ
ସମସ୍ତଙ୍କ ହାତରେ
ଗଢା ହୁଏନା ସ୍ୱପ୍ନର ମହଲ।

*ପଦ୍ମେଶୟ, ସୌଭାଗ୍ୟ ନଗର, ଅନୁଗୋଳ*
*ଭ୍ରାମ୍ୟଭାଷ : ୮୩୨୭୭୦୫୯୭୦*

## ବରଷାରାଣୀ ଆ

**ନଳିନୀ ଦାଶ**



ମେଘ ଓଢଣୀ ମଥାରେ ଟାଣି
ବରଷାରାଣୀ ଆ.. ଆ
ନଦୀ ପୋଖରି ଶୁଖି ରହିଛି
ବରଷି ଦେଇ ଯାଆ।
ଆସିବା ବାଟ ଚାହିଁ ରହିଛି
ଆମର ମାଟି ମାଆ
ଖରାର ତାପ ନିଆଁ ବରଷା
ନାଶି ତୁ ଦେଇ ଯାଆ।
ଝାଞ୍ଜି ପବନ ଯାଉଛି ବହି
ସହର ଠାରୁ ଗାଆଁ
ବିକଳ ହୋଇ ବିଞ୍ଚଣା ଧରି
ବସିଛି ଜେଜେ ମାଆ।
ଖରା ପ୍ରବଳ ବହିଲା ଝାଳ
ଶୋଉନି ଟିକି ଛୁଆ
ପଶୁ ପକ୍ଷୀଏ ହେଲେ ଆତୁର
ବରଷି ଦେଇ ଯାଆ।
ଗଛରୁ ପତ୍ର ଗଲା ଝାଉଁଳି
ହେଲା ବତାସ ବାଆ
ପରଶେ ତୋର ହସି ଉଠିବ

ଆମ ଧରଣୀ ମାଆ।
ଅଂଶୁଘାତ ଟି ଯିବ ଦୂରେଇ
ମୂଷଳ ଧାରେ ଆ..
ଚାଷୀ ଭାଇଟି କରିବ ଚାଷ
ବରଷି ଦେଇ ଯାଆ।
ସରଗ ପରୀ ଯାଆ ତୁ ଝରି
ଧରାରେ ପୁରୁ ଜଳ
ଗଛ ଲତାଏ ହସି ଉଠନ୍ତୁ
ଧରିଣ ଫୁଲ ଫଳ।
ନଦୀ ପୋଖରି ଶୋଭା ଦିଶିବ
ଧରାରେ ଗଲେ ବହି
ଫୁଲ ଫୁଟିବ ବାସରେ ତାର
ହସି ଉଠିବ ମହୀ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଭ୍ରାମ୍ୟଭାଷ : ୯୨୩୮୯୯୬୬୪୯*

## ବଡ଼ ହଟହଟା ଜୀବନ

**ସୁଧାଂଶୁ ଦ୍ୱିବେଦୀ**



ରାମ ବାବୁ ନା ଭୂତ ପ୍ରେତକୁ ଭୟ କରନ୍ତି ନା ପୋଲିସ ଫୁଲିସକୁ! ଛେପକୁ କଣ୍ଠସ୍ଥ କରି କହିଲେ-ଆଜି କାଲି ମୋର ଅନ୍ୟ କାହାକୁ ଭୟ ନାହିଁ କେବଳ ଦି'ଜଣକୁ ଭା...ରି ଭୟ। ଏକରେ ମୋ ସାତ ଜନ୍ମର ଜୀବନସାଥୀ। ଦୁଇରେ ମୋ ପରିବାରକୁ ପୋଷଣ ଯୋଗାଉ ଥିବା ଅଫିସ ବଡ଼ବାବୁ। ଏ ଦୁହିଙ୍କୁ ଜାଗ୍ରତ ଅବସ୍ଥାରେ ହେଉ କି ଶୁପ୍ତ ଅବସ୍ଥା ହେଉ ମୋ ସର୍ବାଙ୍ଗରେ କାଳୀସି ଭଳି ଚରିଯାଇଛନ୍ତି।

ପତ୍ନୀ କେବଳ ଘରେ ଡ଼ରାଏ ନାହିଁ ଅଫିସରେ ବି ତା' ଶବ୍ଦ ବାଣ ଘୁରିବୁଲେ। ଯେବେ ତେବେ ଫୋନ ଆସିଯାଏ। ସେପଟରୁ ବାଣ ଛଡ଼େ-କଣ କରୁଛ? କାହା ସହ କଥା ହେଉଛ? ତମ ମୋବାଇଲ ଏତେବେଳଯାଏ ବିଜି ଦେଖାଉଥିଲା କଣପାଇଁ? ଅଫିସରୁ ଫେରିବା ବେଳେ ପରିବା ନେଇଆସିବ। ଆଜିକାଲି ତୁମକୁ ମୋର ଟିକେ ବି କଥା ସୁହାଉନାହିଁ। ମୋବାଇଲରେ ପୂରା କଥା ନ ଶୁଣି କଲ କାଟି ଦେଉଛ। ଅନ୍ୟମାନଙ୍କ ପାଖରେ ତ ଜହ୍ନିଫୁଲିଆ ହସରେ ଅଫିସ ଫଟେଇ ଦେଉଛ। ଆଉ ମୋ ବେଳକୁ ଖାଲି ବିଜି ବିଜି ଚିତ୍କାର କରୁଛ। ମୁଁ ବୁଝିପାରୁନି ତୁମେ ଆଜିକାଲି ଏତେ ବିଜି ରହୁଛ କଣପାଇଁ? ଖାଲି ମୁହିଁ ଯାହା ଏକା ତୁମକୁ ପିତା ଲାଗୁଛି ନୁହେଁ? କେବେବି ୧୦ କି ୧୫ ସେକେଣ୍ଡରୁ ଅଧିକ କଥା ହେଉନାହଁ। ହ୍ୱାଟ୍ସଏପ ନହେଲେ ଫେସବୁକରେ ମୁହଁ ପୂରେଇ କଣ ଯେ ଘଣ୍ଟା ଘଣ୍ଟା ଅଣ୍ଡାଳିହୁଅ ମୁଁ ତା'ର କୂଳ କିନାରା କିଛି ପାଉନି। ଯେତେ ବେଳେ ଦେଖିବ ଅଫିସ ଆଓ୍ୱାରରେ ପତ୍ନୀ ବକ୍ ବକ୍ ହେଉଥିବ। ରାମ ବାବୁ ଅଫିସରୁ ଫେରି ଘରେ ପହଞ୍ଚିଲେ ସେଇ ଏକା କଥା। ପତ୍ନୀର କଟାକ୍ଷ ଭରା ବିଷାକ୍ତ ବାଣରେ ଆଘାତପ୍ରାପ୍ତ ହୁଅନ୍ତି। ସବୁ ସମୟରେ ପ୍ରଶ୍ନ ପରେ ପ୍ରଶ୍ନର ଲିଷ୍ଟ ଲମ୍ୱି ଚାଲେ। ଯେମିତି ରାମ ବାବୁ କୌଣସି ଲିଖିତ ପରୀକ୍ଷା ଦେଇ ଫେରିଛନ୍ତି। ଶେଷରେ ଏହା ବି ଉତ୍ତର ଅପେକ୍ଷାରେ ପଚରାଯାଏ-କିଛି ବୁଝିପାରିଲ ନା ନାହିଁ? ପତ୍ନୀର ପ୍ରଶ୍ନରେ ଯଦି କିଛି ଭୁଲ ଉତ୍ତର ମୁହଁରୁ ବାହାରିଗଲା ପୁଣି ଥରେ କେତେ କେତେ ପ୍ରକାର ନୂଆ ପ୍ରଶ୍ନ ରାମ ବାବୁଙ୍କୁ ବିବ୍ରତ କରିଦିଏ। ସେ ନିଜକୁ ସ୍ୱୀକାର କରି କୁହନ୍ତି-ଜଣେ ପତ୍ନୀବ୍ରତା ମହାପୁରୁଷ ସେହି ହୋଇପାରେ ଯିଏ ମୁଣ୍ଡ ଝୁକେଇ ଆଖି ଡୋଳାକୁ ଶୂନ୍ୟ ଚଟାଣରେ ନିବଦ୍ଧ କରି ଚୁପଚାପ ପତ୍ନୀର ହୁକମ ମାନି ପାରିବ। ସେଥିରୁ କାଣିଚାଏ ଅଭାବ ହେଲେ ଦୁହିଁଙ୍କ ମଧ୍ୟରେ ପରମାଣୁ ଯୁଦ୍ଧ ଠାରୁ ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥାଏ।

ଅଫିସ ମଧ୍ୟରେ ବଡ଼ ବାବୁ ମଧ୍ୟ କମ ବଡ଼ ମହାତ୍ମା ନୁହନ୍ତି! ଅଫିସ ଆଓ୍ୱାରରେ ମଗଜକୁ କଣା କରିଦିଅନ୍ତି ପୁଣି ଘରେ ଥିଲେ ଫୋନ ରିଂ କରି କରି ବେଦମ କରିଦିଅନ୍ତି। ହ୍ୱାଟ୍ସଏପ ଖୋଲିବା ମାତ୍ରେ ବଡ଼ ବାବୁଙ୍କର ଅଡିଓ ବମ ଫାଟିବାକୁ ପ୍ରସ୍ତୁତ ହେଉଥାଏ- ରାମ ବାବୁ ଟିକେ ସେ ଅମୁକ ଫାଇଲ କାମ କରିଦେବେ। ସମୁକ ଫାଇଲର ବାଲାନ୍ସ ସିଟ ପ୍ରସ୍ତୁତ ହେଇନି, ଦେଖିନେବେ। ବଡ଼ ବାବୁଙ୍କର ଏଭଳି ଅଡିଓ ବମ ହୃଦୟରେ ଅନାହତ କମ୍ପନ ସୃଷ୍ଟି କରେ। ହଠାତ୍ ବ୍ଲଡ଼ପ୍ରେସର ହାଇ ହୋଇଯାଏ। ଓଠ ଶୁଖି ଶିଠୁଆ ପାଲଟିଯାଏ। ନିଃଶ୍ୱାସ ବାୟୁ ଛାଡିବା ବେଳେ ଦାନ୍ତ ସନ୍ଧିରେ ଅଟକିଯାଏ। ତଥାପି ସେପଟରୁ ଗୁରୁ ଗମ୍ଭୀର ଶବ୍ଦ ଶୁଭୁଥାଏ-ଯେମିତି ହେଉ ଆଜିରେ ପୂରା ରିପୋର୍ଟ ମୋ ଟେବୁଲରେ ରହିଥିବ। ଅମୁକ କାମ ହେଇନାହିଁ କାହିଁକି? ଫିଲ୍ଡକୁ ଯାଇ ତଦାରଖ କର। ଜନତାଙ୍କ ନିକଟରେ ଏଭଳି ମେସେଜ ପହଞ୍ଚିବା ନିହାତି ଦରକାର। ଯଦି ଆଜିରେ ଏସବୁ କାମ ନ ହୋଇଛି ତୁମ ବିରୁଦ୍ଧରେ ଷ୍ଟ୍ରଙ୍ଗ ଏକ୍ସନ ନିଆଯିବ।

ବଡ଼ ବାବୁ ଏମିତି କେତେ କେତେ ପ୍ରକାର ଅଫିସ ବାଣ ଛାଡି ପତ୍ନୀକୁ ଟପି ଯାଆନ୍ତି। ତିରଷ୍କାର କରିବା ଅଭିଯାନରେ ବୋଧହୁଏ ଦୁହିଙ୍କ ମଧ୍ୟରେ ତୁମୁଳ କମ୍ପିଟିସନ ଚାଲେ। ରାମ ବାବୁ ମନେ ମନେ ଭାଳି ହୁଅନ୍ତି କୌଣସି ଭୂତ-ପ୍ରେତ, ଡାହାଣୀ-ଚିରକୁଣୀ ସହିତ ସଂଘର୍ଷ କରିହେବ ହେଲେ ଏ ଦୁହିଙ୍କ ସହିତ ସମଞ୍ଜସ୍ୟ ରଖିବା ବଡ଼ ମୁସ୍କିଲ। ଏହି ଚିନ୍ତାରେ ସେ ସବୁବେଳେ ଗୁମସୁମ ହୋଇଯାଆନ୍ତି। ପ୍ରଥମେ ପ୍ରଥମେ ନୂଆ ହୋଇ ଆସିଥିବା ପତ୍ନୀ କେବଳ ଘରେ ଉପଦ୍ରବ କରେ, ଯେମିତି ପୁରୁଣା ହୁଏ ଅଫିସଯାଏ ପହଞ୍ଚିବାକୁ ବିଳମ୍ବ କରେନାହିଁ। ସେପଟେ ପୁରୁଣା ବଡ଼ ବାବୁ କେବଳ ଅଫିସରେ ଉପଦ୍ରବ କରେ ନୂଆ ଆସିଲେ ଘରଯାଏ ପ୍ରସାରିତ ହୋଇଯାଏ।

ବଡ଼ ବାବୁ ଯେଉଁ କାର୍ଯ୍ୟ କଂପ୍ଲିଟ କରିବାକୁ ୩ଟାରେ କରିବାକୁ ଆଦେଶ କରିଥାନ୍ତି ତା' ସହ ଶଂଶ୍ଳିଷ୍ଟ ଆଦେଶକୁ ହ୍ୱାଟ୍ସଏପ ମାଧ୍ୟମରେ ୪ଟା ସୁଦ୍ଧା ପଠାଇଦିଅନ୍ତି। ଶାସ୍ତ୍ରରେ କୁହାଯାଇଛି ଯିଏ ବଡ଼ ବାବୁଙ୍କ ସହିତ ବିବାଦ କରିବ ସେ ଜୀଇଁଥିବା ଅବସ୍ଥାରେ ନର୍କ ଯନ୍ତ୍ରଣା ଭୋଗିବ। ଆଉ ଯିଏ ପତ୍ନୀ ବିରୁଦ୍ଧରେ ବିବାଦ କରିବ ତାକୁ ଅତୀତର ପାଞ୍ଚ ପଢିଙ୍କ ନାଁ ମନେ ପଡିଯିବ। ହେତ୍-ପୁଣି ବଡ଼ ବାବୁଙ୍କର ହ୍ୱାଟ୍ସଏପ ଅଡିଓ ଆସିଗଲା। ରାମ ବାବୁ ହ୍ୱାଟ୍ସଏପ ଖୋଲି ଦେଖୁଥାନ୍ତି ପତ୍ନୀ ସେପଟେ ଚିତ୍କାର କରି କହୁଥାଏ -ସେଇବେଳୁ କଣ ମୋବାଇଲ ଭିତରେ ମୁହଁ ପୂରେଇଛ? ଆଜି ପରା ରବିବାର। ମାଛ କି ମାଂସ ଆଣିବ ଯାଅ।

*ବିସି-୭୪, ସଲଟ ଲେକ, କଲକତା-୬୪*
*ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨*





ସ୍ୱାଧୀନତାର ୭୬ବର୍ଷ ପରେ ବି ପ୍ରଶାସନର ଦୃଷ୍ଟି ପଡ଼ିନି

# ମୌଳିକ ସୁବିଧାରୁ ବଞ୍ଚିତ ଗାଁ କୁସୁମବାହାଲ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଚକଳାପଦର ପଞ୍ଚାୟତ ଅଧୀନରେ ଥିବା କୁସୁମବାହାଲ ଗ୍ରାମର ଗ୍ରାମବାସୀ ରାସ୍ତା, ବିଜୁଳି ଓ ଶିକ୍ଷା ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହି ବର୍ଷ ବର୍ଷ ଧରି ଅନେକ କ୍ଲେଶ ଭୋଗୀ ଆସୁଛନ୍ତି। ଦୀର୍ଘ ୪୦ବର୍ଷ ତଳେ ଡଙ୍ଗରଲ ଓ ଅନ୍ୟାନ୍ୟ ଅଞ୍ଚଳରୁ ଯାନୀ, ଗୌଡ଼ ଓ ଭତରା ସମ୍ପ୍ରଦାୟର କିଛି ବ୍ୟକ୍ତି ଆସି କୁସୁମବାହାଲ ଗ୍ରାମରେ ବସତି ସ୍ଥାପନ କରିଥିଲେ। ବର୍ତ୍ତମାନ ଦୁଇଟା ସାହିକୁ ନେଇ ଗାଁଟି ବସିଥିବା ବେଳେ ଦୁଇଟା ସାହିର ଘର ମିଶି ୨୨ଘରରୁ ଊର୍ଦ୍ଧ୍ୱ ଓ ଜନସଂଖ୍ୟା ୧୫୦ରୁ ଊର୍ଦ୍ଧ୍ୱ। ପ୍ରଶାସନ ଦୁଇଟା ସାହି ପାଇଁ ଦୁଇଟା ନଳକୂପ ଯୋଗେଇ ଦେଇଛନ୍ତି। ହେଲେ ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ପାଇଁ ଗ୍ରାମଠାରୁ ୩କିଲୋମିଟର ଦୂରରେ ଥିବା ଗାଇବନ୍ଧା କିମ୍ବା ଡକରୀକୋଟ ଗ୍ରାମ ଉପରେ ନିର୍ଭର କରିବାକୁ ପଡୁଛି। ହେଲେ ଅତ୍ୟଧିକ ଦୂରତା ସାଙ୍ଗକୁ ଦୁଇଟା



ଗ୍ରାମକୁ ଯିବା ରାସ୍ତାରେ ଦୁଇଟା ବଡ଼ନାଳ (ଟିପା ନାଳ ଓ ପୁରୁଣା ପାଣି ନାଳ) ପଡୁଥିବା ଯୋଗୁଁ ପିଲାମାନେ ମୌଳିକ ଶିକ୍ଷା ପାଇବାରୁ ବଞ୍ଚିତ ରହୁଛନ୍ତି। ତତ ସହିତ ଗ୍ରାମରେ ଏଯାଏ ବିଜୁଳି ପହଂଚି ନଥିବାରୁ ସନ୍ଧ୍ୟା ନ ହେଉଣୁ ଗ୍ରାମବାସୀ ତାଟି କବାଟ ବନ୍ଦକରି ଘର ଭିତରେ ରହୁଥିବା ଗ୍ରାମବାସୀ କହିଛନ୍ତି। ଠିକ ସେହିପରି ଗ୍ରାମକୁ ପକ୍କା ରାସ୍ତା ପହଂଚି ପାରି ନଥିବାରୁ ଅନେକ ସମୟରେ ଗୁରୁତର ରୋଗୀ ଓ ଗର୍ଭବତୀ ମହିଳା ମାନଙ୍କୁ ଖଟିଆରେ ବୋହି ନାଳ ପାରି କରି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ପହଞ୍ଚାଉଥିବା ଗ୍ରାମବାସୀ କହିଛନ୍ତି। ଅଞ୍ଚଳରେ ମୋବାଇଲ ନେଟୱାର୍କ ନଥିବାରୁ ଅସୁବିଧା ସମୟରେ ଗ୍ରାମବାସୀ ନିଜ ବନ୍ଧୁ ପରିଜନ ଓ କୌଣସି ସରକାରୀ କର୍ମଚାରୀ ମାନଙ୍କ ସହିତ ଯୋଗାଯୋଗ କରି ପାରୁନଥିବା କହିଛନ୍ତି। କୁସୁମବାହାଲ ଗ୍ରାମର ଦୁଇ ସାହିର ଶିଶୁ, ଗର୍ଭବତୀ ଓ ପ୍ରସୂତି ମା' ମାନଙ୍କ ସୁବିଧା ପାଇଁ ଗ୍ରାମର ବୁଧବାରୀ ଯାନୀ ନାମକ ଜଣେ ମହିଳାଙ୍କୁ ଶାଗଜବା ଅଙ୍ଗନବାଡି କେନ୍ଦ୍ରର ଅଙ୍ଗନବାଡି କର୍ମୀ କୁସୁମବାହାଲ ଗ୍ରାମରେ ରୋଷେଇ କରି ଶିଶୁମାନଙ୍କୁ ଦେବା ଦାୟିତ୍ୱ ଦେଇ ପ୍ରତି ମାସରେ ୧୦୦୦ଟଙ୍କା ଲେଖାଏ ଦେବି ବୋଲି କହିଥିଲେ। ହେଲେ ୬ମାସ ବିତି ଯାଇଥିଲେ ସୁଦ୍ଧା ତାଙ୍କୁ ଦରମା ମିଳିନଥିବା ସେ ଅଭିଯୋଗ କରିଛନ୍ତି ଏବଂ ୨ମାସରୁ ଊର୍ଦ୍ଧ୍ୱ ହେବ ରୋଷେଇ ବନ୍ଦ ଥିବା ସେ ଓ ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ଉକ୍ତ ଗ୍ରାମର ସମସ୍ୟା ସବୁକୁ ଦୃଷ୍ଟିରେ ରଖି ତୁରନ୍ତ ଏହାର ସମାଧାନ କଲେ ଗ୍ରାମବାସୀ ଉପକୃତ ହୁଅନ୍ତେ ବୋଲି ଗ୍ରାମର ଲକ୍ଷ୍ମୁ ଯାନୀ, ସୁବର ଯାନୀ, ପାଷ୍ଟୁ ଯାନୀ, ବୁଦୁ ଯାନୀ, ମୁଳା ଯାନୀ, ଚଞ୍ଚଳା ଯାନୀ, ବାରି ଯାନୀ, କୁଶମତି ଯାନୀ, ଶୁକ ଯାନୀ ରଙ୍ଗେଲି ଯାନୀ, ସନାଇ ମୁଦୁଲି, ଡଙ୍ଗର ଦେଇ ଯାନୀ, ସମାରି ଯାନୀ ଓ ଅନ୍ୟାନ୍ୟ ଗ୍ରାମବାସୀ ଦାବୀ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଣଓଡ଼ିଆ ...

ଅଫିସରମାନେ ନିଜ ଦଖଲରେ ରଖିଛନ୍ତି। ଏହି ସମସ୍ତ ଜମିର ୧୯୯୭ ବ୍ୟାଚ୍ ଆଇପିଏସ୍ ଶ୍ରୀ କୁଟ୍ଟେଙ୍କ ସମେତ ୨୦୦୪ ବ୍ୟାଚର ୩ଜଣ ଆଇପିଏସ୍ ଓ ୨୦୦୫ ବ୍ୟାଚର ୨ଜଣ ଆଇଏଏସଙ୍କ ନାଁରେ ଥିଲେ ମଧ୍ୟ ସେମାନେ ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରୁଥିବା ବାର୍ଷିକ ସମ୍ପତ୍ତି ବିବରଣୀରେ ଏହାକୁ ଉଲ୍ଲେଖ କରୁନଥିବା ଖୋଳତାଡ଼ରୁ ଜଣାପଡ଼ିଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ୧୯୯୭ ବ୍ୟାଚ୍ ଆଇପିଏସ୍ ଡିଏସ୍ କୁଟ୍ଟେ ୨୦୧୭ ମସିହାର ସମ୍ପତ୍ତି ତାଲିକାରେ ଭୁବନେଶ୍ୱରରେ ପତ୍ନୀ ଲକ୍ଷ୍ମୀ କୁଟ୍ଟେଙ୍କ ନାଁରେ ବିପୁଳ ଗାର୍ଡେନରେ ଗୋଟିଏ ଫ୍ଲାଟ୍ ଥିବା ଓ ତାଙ୍କ ନାଁରେ ଖୋଲାଦ୍ୱାର ମୌଜାରେ ୭ହଜାର ବର୍ଗଫୁଟ ଜମି ଥିବା ନେଇ ଉଲ୍ଲେଖ କରିଥିଲେ। ଏହି ଜମିକୁ ଅନ୍ୟ ୫ଜଣ ଅଣଓଡ଼ିଆ ଅଫିସରଙ୍କ ସହ ମିଶି ମାଲିକାନା ସତ୍ତ୍ୱ ରଖିଛନ୍ତି ବୋଲି ଦର୍ଶାଇଛନ୍ତି। ତେବେ ସେ ୨୦୧୭ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିବା ପରେ ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଥିଲେ। ଆଉ ୨୦୧୯ ମସିହାର ସମ୍ପତ୍ତି ତାଲିକାରେ ପତ୍ନୀ ଲକ୍ଷ୍ମୀଙ୍କ ନାଁରେ ଥିବା ଫ୍ଲାଟ୍ ଓ ଖୋଲାଦ୍ୱାର ମୌଜା ଜମି ସମ୍ପର୍କରେ ଆଉ କେନ୍ଦ୍ର ସରକାରଙ୍କୁ ଅବଗତ କରାଇନଥିଲେ। ଯଦିଓ ପ୍ରତିବର୍ଷ ସେ ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରୁଛନ୍ତି କିନ୍ତୁ ୨୦୧୯ ମସିହା ପରଠୁ ଏହି ଫ୍ଲାଟ୍ କିମ୍ବା ଜମି ନେଇ ତଥ୍ୟକୁ ଲୁଚାଇଛନ୍ତି। ଏପଟେ ରାଜସ୍ୱ ବିଭାଗର 'ଭୂଲେଖ'ରେ ଶ୍ରୀ କୁଟ୍ଟେଙ୍କ ନାଁରେ ଖୋଲାଦ୍ୱାର ମୌଜାରେ ୩ଟି ପ୍ଲଟ୍ ଥିବା ନେଇ ସୂଚନା ମିଳିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ଆର ଭିନିଲକ୍ରିଷ୍ଣା ୨୦୧୯ ମସିହା ପରଠୁ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରୁଥିବା ବାର୍ଷିକ ସମ୍ପତ୍ତି ବିବରଣୀରେ ଖୋଲାଦ୍ୱାର ମୌଜାରେ ଥିବା ନିଜ ଜମିକୁ ନେଇ ତଥ୍ୟ ଦେଉନାହାନ୍ତି। ଯାହାକି ଏବେବି ବଳବତ୍ତର ରହିଛି। ଭିନିଲଙ୍କ ବ୍ୟାଚର ରାଜେଶ ପ୍ରଭାକର ପାଟିଲ ୨୦୧୮ ମସିହାରୁ ଏହି ଖୋଲାଦ୍ୱାର ସମ୍ପତ୍ତି ସମ୍ପର୍କରେ ତଥ୍ୟ ଲୁଚାଇ ରଖିଛନ୍ତି। ଯଦିଓ ଏହି ଦୁଇ ଅଫିସରଙ୍କ ନାଁରେ ଖୋଲାଦ୍ୱାର ମୌଜାର ଖତିୟାନ ୨୦୯ ଓ ୨୪୨ରେ ଜମି ଥିବା ଜଣାପଡ଼ିଛି। ଅନ୍ୟପଟେ ଆଇପିଏସ୍ ଦୀପକ କୁମାର ପ୍ରତିବର୍ଷ ଏହି ଖୋଲାଦ୍ୱାର ଜମି ସମ୍ପର୍କରେ ବାର୍ଷିକ ସମ୍ପତ୍ତି ବିବରଣୀରେ ଉଲ୍ଲେଖ କରୁଥିଲେ ମଧ୍ୟ ଜମିର ମୂଲ୍ୟ ଏବେ ୨୦ଲକ୍ଷ ଟଙ୍କା ଥିବା ଦର୍ଶାଇଛନ୍ତି। ଏପରିକି ଜଟଣୀ ରାସ୍ତା ସମ୍ପ୍ରସାରଣବେଳେ ଆଇପିଏସ୍ ଦୀପକ କୁମାରଙ୍କ ପ୍ରାୟ ଏକ ହଜାର ବର୍ଗଫୁଟ ଜମିକୁ ସରକାର ଅଧିଗ୍ରହଣ କରିଥିବା ଜଣାପଡ଼ିଛି। ଆଇପିଏସ୍ ଆଶୀଷ ସିଂ ବାର୍ଷିକ ସମ୍ପତ୍ତି ବିବରଣୀରେ ଏହି ଜମି ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଓ ୨୦୨୩ ମସିହାରେ ଉକ୍ତ ସମ୍ପତ୍ତିର ପରିମାଣ ୪୩ଲକ୍ଷ ଟଙ୍କା ଦର୍ଶାଇଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ସର୍ବଭାରତୀୟ ସେବା (କଣ୍ଡକ୍ଟ) ରୁଲସ-୧୯୬୮ର ଧାରା ୧୬(୨)ର ପ୍ରାବଧାନରେ ପ୍ରତ୍ୟେକ ଅଫିସରଙ୍କ ପାଇଁ ପ୍ରତିବର୍ଷ ଜାନୁୟାରୀ ୩୧ତାରିଖ ପୂର୍ବରୁ ନିର୍ଦ୍ଧାରିତ ଫର୍ମାଟରେ ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବା ବାଧ୍ୟତାମୂଳକ। ସେମାନେ ନିଜର ସମ୍ପତ୍ତିର କୌଣସି ତଥ୍ୟ ଲୁଚାଇବା ମଧ୍ୟ ସମୀଚୀନ ନୁହେଁ। ମାତ୍ର ଭୁବନେଶ୍ୱର ଉପକଣ୍ଠରେ ଜମି ସତ୍ତ୍ୱ ରଖିଥିବା ଏହି ଅଣଓଡ଼ିଆ ବାବୁମାନେ କାହିଁକି ଓ କେଉଁ ଅଜଣା ଭୟରେ ନିଜର ବାର୍ଷିକ ସମ୍ପତ୍ତି ତାଲିକାରେ ତାକୁ ଦର୍ଶାଉନାହାନ୍ତି ତାହା ଏବେ ସାଧାରଣରେ ସନ୍ଦେହ ବଢ଼ାଇଛି। ବିଶେଷକରି ବିଜେଡି ପାଇଁ କର୍ପୋରେଟ ଚାନ୍ଦା ଯୋଗାଡ଼ କରିବା ଆଳରେ ଡିଏସ୍ କୁଟ୍ଟେଙ୍କ ବ୍ୟବସାୟିକ ଲିଙ୍କ୍ ତଥ୍ୟ ଧୀରେଧୀରେ ପଦାକୁ ଆସିବାରେ ଲାଗିଛି। ବିଜେଡିର ଜଣେ ରାଜ୍ୟସଭା ସାଂସଦ କିଭଳି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ନାଲିପାହାଡ଼ ଖନନର ବାଦଶାହ ହେବାକୁ ସଜବାଜ ହେଉଥିଲେ ତାହା ମଧ୍ୟ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି।

### ହଟିବ ...

ଏଭିଡେନ୍ସ ଆକ୍ଟକୁ ହଟାଇବାକୁ କେନ୍ଦ୍ର ସରକାର ୨୦୨୩ ଡିସେମ୍ବରରେ ସଂଶୋଧନ ପ୍ରସ୍ତାବ ଆଣିଥିଲେ। ଡିସେମ୍ବରରେ ସଂସଦରେ ସଂଶୋଧନ ହେବା ପରେ ଫେବୃଆରିରେ ବାହାରିଥିଲା ନୋଟିଫିକେସନ। କୁହାଯାଉଛି, ଆଗରୁ ଅପରାଧକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏବେ ଫୋକସରେ ରହିବ ନ୍ୟାୟ। ନୂଆ ନିୟମ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ଗୃହ ସଚିବ ଏକ ବୈଠକ କରିଥିଲେ। ଯେଉଁଥିରେ ଯୋଗ ଦେଇଥିଲେ ମୁଖ୍ୟ ଶାସନ ସଚିବ, ଡିଜି ଓ ଗୃହ ସଚିବ। କେନ୍ଦ୍ର ଗୃହ ମନ୍ତ୍ରାଳୟ ତରଫରୁ ପୋଲିସ ଅଫିସରଙ୍କୁ ଦିଆଯାଇଛି ଟ୍ରେନିଂ। ନୂଆ ନିୟମ କାର୍ଯ୍ୟକାରୀ କରିବାକୁ ଅତିରିକ୍ତ ଡିଜି କ୍ରାଇମଙ୍କ ଅଧ୍ୟକ୍ଷତାରେ ଏକ କମିଟି କରାଯାଇଥିବା ବେଳେ ଗୃହ ବିଭାଗ ଆଡିସିନାଲ ଚିଫ୍ ସେକ୍ରେଟାରୀଙ୍କ ଏକ ଷ୍ଟିଅରିଂ କମିଟି କରାଯାଇଛି। ନୂଆ ଆଇନରେ ମାନବାଧିକାର ସୁରକ୍ଷା, ତଦନ୍ତରେ ଟେକ୍ନୋଲଜିର ବ୍ୟବହାରକୁ ଦିଆଯାଇଛି ଗୁରୁତ୍ୱ। ଜୁଲାଇ ୧ ମଧ୍ୟରେ ଯେତିକି କେସ ରୁଜୁ ହୋଇଥିବ ତାହା ପୁରୁଣା ସିଆରପିସିରେ ବିଚାର କରାଯିବ। ତା'ପରର ମାମଲା ଭାରତୀୟ ନ୍ୟାୟ ସଂହିତା ଅନୁସାରେ ହେବ।

### ଓଡିଆ ଅସ୍ମିତା ...

ଖାଣ୍ଟି ଓଡିଆ ଘରର ପୁଅ। ଏହାପରେ ତାଙ୍କ ନିଜ ଜନ୍ମମାଟି କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରେ କିପରି ସମସ୍ତେ ରଜ ପର୍ବରେ ସାମିଲ ହେବା ପାଇଁ ସହରରୁ ଗାଁକୁ ଯାଇଥାନ୍ତି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜିଲ୍ଲାର ସହରସବୁ ଖାଲି ହୋଇଯାଏ। ସମସ୍ତେ ଗାଁକୁ ଯାଇ ରଜ ପାଳନ କରନ୍ତି। ସେ ପୁଣି କହିଥିଲେ ଯେ ଆପଣମାନଙ୍କ ସହିତ ରଜ ପର୍ବରେ ସାମିଲ ହୋଇ ସେ ବହୁତ ଖୁସି ଅନୁଭବ କରୁଛନ୍ତି। ଏହି ରଜ ଉତ୍ସବ ପ୍ରମାଣ କରୁଛି ଯେ ଆମେ ଓଡିଆ ଅସ୍ମିତା, ଅସ୍ତିତ୍ୱ, ସଂସ୍କୃତି ଓ ପରମ୍ପରାକୁ ଭୁଲିନାହୁଁ। ସେ କହିଥିଲେ ଯେ ତାଙ୍କର ନୂଆ ସରକାର ଓଡିଆ ଅସ୍ମିତା ଓ ସଂସ୍କୃତି ଉପରେ ଗୁରୁତ୍ୱ ଦେଉଛି। ଏହାକୁ ଆଗାମୀ ଦିନରେ ଆହୁରି ଉଜ୍ଜୀବିତ କରାଯିବ ବୋଲି ସେ କହିଥିଲେ। ଓଡିଆ ଅସ୍ମିତା ଓ ସଂସ୍କୃତିର ଏହି ଗଣପର୍ବକୁ ନୂଆ ସରକାର ଆସିବା ପରେ ପ୍ରଥମ ଥର ପାଇଁ ଯେପରି ଚିତାକର୍ଷକ ଭାବରେ ଆୟୋଜନ କରାଯାଇଛି ସେଥିପାଇଁ ସଂସ୍କୃତି ବିଭାଗକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ସଂସ୍କୃତି ବିଭାଗ ସଚିବ ଶାଳିନୀ ପଣ୍ଡିତ ଜନଜାତି ଜୀବନ ଶୈଳି ଉପରେ ଆଧାରିତ 'ମୃତ୍ତିକାର ଆତ୍ମା' ନାମକ ଏକ କଫି ଟେବୁଲ୍ ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଜନତା ଦେଲେ ସମ୍ବର୍ଦ୍ଧନା, ପିଲାଙ୍କ ଠାରୁ ଫୁଲ ନେଲେ, ସେଲ୍‌ଫି ଉଠାଇଲେ। ସଂଗ୍ରହାଳୟକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟ ପିଲାଙ୍କ ଠାରୁ ଆରମ୍ଭକରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନେ ସ୍ଥାନେ ଗାଡି ଅଟକାଇ ସେ ପିଲାଙ୍କ ଠାରୁ ଫୁଲ ତୋଡା ଗ୍ରହଣ କରିଥିଲେ। ପିଲାଙ୍କ ସହ ସେଲ୍‌ଫି ମଧ୍ୟ ଉଠାଇଥିଲେ। ଜଣେ ସାଧାରଣ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ସେ ଯେଉଁଭଳି ସରଳ ଭାବରେ ସମସ୍ତଙ୍କ ସହ ମିଶୁଛନ୍ତି, କଥା ହେଉଛନ୍ତି, ସୁଖଦୁଃଖ ଶୁଣୁଛନ୍ତି, ଏହାଦ୍ୱାରା ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବରେ ଗଢିଉଠୁଥିବା ତାଙ୍କ ପରିଚୟ ଆହୁରି ସୁଦୃଢ ହେଉଛି।

### ନୂଆ ସରକାରରେ ...

ଲିଙ୍କ୍ ଓ କାର୍ଯ୍ୟକଳାପକୁ ନେଇ ଚର୍ଚ୍ଚା ଅଧିକ ଥିଲା। ସେଥିପାଇଁ ଭାରତୀୟ ନିର୍ବାଚନ କମିଶନ ପାଣ୍ଡିଆନଙ୍କ ପତ୍ନୀ ସୁଜାତାଙ୍କ ବିଭାଗ ପରିବର୍ତ୍ତନ କରିଥିଲେ। ତେବେ ନିର୍ବାଚନ ସରିଲା ପରେ ଯେତେବେଳେ ସତ୍ତା ପରିବର୍ତ୍ତନ ହେଲା, ଦୁହିଁଙ୍କ ରଙ୍ଗ ବଦଳି ଗଲା। ପ୍ରଥମେ ୬ମାସର ଲମ୍ବା ଛୁଟିରେ ଗଲେ ଆଇଏଏସ୍ ସୁଜାତା ରାଉତ କାର୍ତ୍ତିକେୟନ। ତା' ପରେ ରାଜନୀତିରୁ ଅବସର ଘୋଷଣା କଲେ ଭିକେ ପାଣ୍ଡିଆନ। କଥା ହେଲା, ଝିଅର ଦଶମ ପରୀକ୍ଷା ପ୍ରସ୍ତୁତି ପାଇଁ ଏବେ ସେ ଛୁଟି ନେଇଥିବା କାରଣରେ ଦର୍ଶାଇଛନ୍ତି। ପାଣ୍ଡିଆନ ଯେତେବେଳେ ଦିଲ୍ଲୀ ଯାଇଥିଲେ, ସେହି ସମୟ ଭିତରେ ହିଁ ସୁଜାତା ୬ମାସର ଚାଇଲ୍ଡ କେୟାର ଲିଭ ଆପ୍ଲାଇ କରି ବିଦେଶ ଯାଇଛନ୍ତି ବୋଲି ଅଭିଯୋଗ ହୋଇଛି। ନବୀନଙ୍କୁ ଘେରି ରହିଥିଲେ ରାଜ୍ୟର ଅଫିସର। ସେମାନେ ଯାହା କହୁଥିଲେ, ନବୀନ ବାବୁ ସେଇୟା କରୁଥିଲେ। ଆଉ ଏହାର ସୁଯୋଗ ନେଇ ମନମାନି କରୁଥିଲେ ଅଫିସର। ହେଲେ ସମୟ ବଦଳିଛି, ପରିସ୍ଥିତି ବି ବଦଳିଛି। ସ୍ପଷ୍ଟ ବହୁମତ ପାଇ ସରକାର କରିଛି ବିଜେପି। ତେଣୁ ଏଥର ଅଫିସର ରାଜ ନୁହେଁ ବରଂ ଜନପ୍ରତିନିଧୀମାନେ ହିଁ ସରକାର ଚଳାଇବେ ବୋଲି କୁହାଯାଉଛି। ମୋଟ୍ ଉପରେ, ବିଜେଡି ସରକାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଘେରି ରହିଥିବା ଅଫିସର କୋଟେରି ଭାଙ୍ଗି ସାରିଲାଣି। ସୁଜାତାଙ୍କ ପୂର୍ବରୁ ତୃତୀୟ ମହଲାର ପ୍ରଭାବଶାଳୀ ଅଫିସର ଡିଏସ୍ କୁଟ୍ଟେ ଓ ଆଶିଷ ସିଂହଙ୍କୁ ସେଠାରୁ ହଟାଇ ଦିଆଯାଇଥିଲା। ଏମାନଙ୍କ ପରେ ଆର.ବାଲାକ୍ରିଷ୍ଣନ, ସୁରେଶ ମହାପାତ୍ର ଓ ମନୋଜ ମିଶ୍ର ନିଜ ନିଜ ପଦରୁ ଇସ୍ତଫା ଦେଇଥିଲେ। ତେବେ ଆଗାମୀ ଦିନରେ ଆଉ କିଏ କିଏ ଚାକିରି ଛାଡୁଛନ୍ତି ତାହାକୁ ନଜର।

### ଢିଲା ଶାସନ ...

ସରକାରୀ ବିଭାଗ ବିଶେଷକରି ପ୍ରଶାସନର ସର୍ବୋଚ୍ଚ କାର୍ଯ୍ୟାଳୟ ସିଏମ୍‌ଓରେ ବିଭିନ୍ନ କାର୍ଯ୍ୟକୁ କେମିତି ଆଉଟସୋର୍ସିଂ ସଂସ୍ଥା ହାତକୁ ଟେକି ଦେଇଥିଲେ ସରକାର? ଯେଉଁଠି ସରକାର ନୀତି, ନିଷ୍ପତ୍ତିର ସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ଆଉଟସୋର୍ସରୁ ନିଯୁକ୍ତି ଦ୍ୱାରା ଗୁପ୍ତ ତଥ୍ୟ ଲିକ ହେବାର ସମସ୍ତ ସମ୍ଭାବନା ସତ୍ତ୍ୱେ କେମିତି ଏ ଦିଗକୁ ଅଣଦେଖା କରାଯାଇଥିଲା? ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ପୂର୍ବତନ ପ୍ରଶାସନିକ ଅଧିକାରୀ। କୁହାଯାଉଛି, ୨୪ ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ସ୍ଥିର ସରକାରରେ ପୂରା ବ୍ୟବସ୍ଥାକୁ କବ୍ଜା କରି ନେଇଥିଲା କୋଟେରୀ ଗ୍ରୁପ। କୋଭିଡ୍ ବେଳଠୁ ମୁଖ୍ୟମନ୍ତ୍ରୀ ପ୍ରାୟତଃ ନବୀନ ନିବାସରେ ରହୁଥିଲେ। ଆଉ ଅଚଳ ହୋଇଯାଇଥିଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ। ଥଇଥାନ କେନ୍ଦ୍ର ଭଳି ଗଣ୍ଡା ଗଣ୍ଡା ଆଇଏଏସ ଅଫିସରଙ୍କୁ ସିଏମଓରେ ଥଇଥାନ କରାଯାଇଥିଲା। ଏପଟେ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ସୋଶାଲ ମିଡିଆ ହାଣ୍ଡେଲ ଆଉ ୱେବସାଇଟ୍ ପରିଚାଳନା ଭଳି ସବୁ କାମରେ ନିଯୁକ୍ତ ହୋଇଥିଲେ ଆଉଟସୋର୍ସ ସଂସ୍ଥା। ଆଉ ସବୁକୁ ଅଚଳ କରି ନିଜ ହାତରେ ସବୁ କ୍ଷମତା କବ୍ଜା କରି ରଖିଥିଲେ ଭି.କେ ପାଣ୍ଡିଆନ। କିନ୍ତୁ ସରକାର ପରିବର୍ତ୍ତନ ପରେ ଶପଥ ନେବାର ୨ ଘଣ୍ଟା ଭିତରେ କ୍ୟାବିନେଟ ବୈଠକ ଓ ୧୨ ଘଣ୍ଟାରେ ଗ୍ରାଉଣ୍ଡକୁ ଯାଇ ମୋହନଙ୍କ ମନ୍ତ୍ରିମଣ୍ଡଳ ଆହ୍ୱାନକୁ ଓହ୍ଲାଇଥିଲେ ମଧ୍ୟ ପ୍ରଶାସନିକ ଅବ୍ୟବସ୍ଥା ଆଉ ଅସହଯୋଗକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ରାଜନୈତିକ ସମୀକ୍ଷକ। ଅପରପକ୍ଷେ ଖୁବଶୀଘ୍ର ବ୍ୟବସ୍ଥାକୁ ଷ୍ଟ୍ରିମଲାଇନ୍ କରି ପ୍ରାଶାସନିକ ବ୍ୟବସ୍ଥାରେ ସୁଧାର ଅଣାଯିବ ବୋଲି କହିଛନ୍ତି ବିଜେପି ବିଧାୟିକା ଉପାସନା ମହାପାତ୍ର। ରାଜ୍ୟରେ ପ୍ରଶାସନିକ ବ୍ୟବସ୍ଥାର ଏଭଳି ଚିତ୍ର ସାମ୍ନାକୁ ଆସିବା ପରେ ଖୁବ୍‌ଶୀଘ୍ର ଅଫିସର ସ୍ତରରେ ବଡ ଧରଣର ଅଦଳ ବଦଳ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

### କମିଲା ନବୀନ ...

ଠିକ୍ ଦିନକ ପରେ ହିଁ ନବୀନ ନିବାସରେ କମିଛି ସୁରକ୍ଷାକର୍ମୀଙ୍କ ସଂଖ୍ୟା। ଏହା ସହ ନବୀନ ନିବାସରେ ଥିବା ଅସ୍ଥାୟୀ ପୋଲିସ କ୍ୟାମ୍ପକୁ ଉଠାଯାଇଛି। ନବୀନ ନିବାସ ଆଗରେ କରାଯାଇଥିବା ପୋଲିସ କ୍ୟାମ୍ପର ସାମଗ୍ରୀକୁ ମଧ୍ୟ ବାହାର କରାଯାଇଛି। ଓଡ଼ିଶାରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବା ପରେ ନବୀନ ପଟ୍ଟନାୟକ ଏବେ ପୂର୍ବତନ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ପ୍ରୋଟୋକଲ୍ ଅନୁସାରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଠାରୁ ସୁରକ୍ଷାକୁ ହଟାଇ ଦିଆଯାଇଛି। ଆଉ ଏବେ ଏସବୁ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ମିଳିବ। ଏଥିରେ ଆଶ୍ଚର୍ଯ୍ୟ ହବାର କିଛି ନାହିଁ। କ୍ଷମତା ଓ ଦୁର୍ନୀତି ରାଜନେତା ମାନଙ୍କର ଅଭ୍ୟାସ। ନିର୍ମଳ ଶାସନ ତଥା ଆଇନ ସମସ୍ତଙ୍କ ପାଇଁ ସମାନ ହେବା ଦରକାର।

### ପାଣ୍ଡିଆନ ...

ନବୀନ ସରକାରକୁ ପୂରା ହାଇଜାକ କରି ସବୁ ଧନସମ୍ପତ୍ତି ଲୁଟ୍ କରି ତାମିଲ ପଠାଇବାକୁ ହୀନ ଚକ୍ରାନ୍ତ କରିଥିଲେ। ଶାସନକୁ ପ୍ରକ୍ସି କରି ଏହି ବିଭାଗରେ ସବୁ ଲୁଟ୍‌ପାତ କରିଥିଲେ। ଟଙ୍କା ଲୁଟ କରିବାକୁ ଏହି ଗ୍ୟାଙ୍ଗ ଏମିତି ବାୟା ହୋଇଥିଲା ଯେ ଅଧରାତିରେ ବି ପାଣ୍ଡିଆନଙ୍କ ସହ ଭେଟାଭେଟି ହେଉଥିଲା, ରୁଦ୍ଧଦ୍ୱାର ଆଲୋଚନା ବି ହେଉଥିଲା। ପାଣ୍ଡିଆନ, ପ୍ରଭାକରନ, ଭିନେଲ କ୍ରିଷ୍ଣା, ବାଲାକ୍ରିଷ୍ଣନ ଓ ମାଥି ଭାତାନନ। ଏ ପାଞ୍ଚ ଅଫିସରଙ୍କ କୋପ ଦୃଷ୍ଟି ଓଡ଼ିଶା ଉପରେ ଥିଲା। ସରକାରୀ ଚାକିରି କରିଥିବା ବେଳେ ପାଣ୍ଡିଆନ ତ ଯାହା ହୁକୁମାତି ଚଳାଉଥିଲେ ପରେ ନବୀନଙ୍କ ପାଖେ ପାଖେ ରହି ମୋଟା ଅଙ୍କର ଟଙ୍କା ହଡପ ପାଇଁ ଚେଷ୍ଟା କରୁଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରାଜ୍ୟରେ ଫାଇଭ-ଟି ବିଭାଗକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। କାରଣ ବେଆଇନ ହିସାବରେ ଏ ବିଭାଗକୁ ଚଳାଉଥିଲେ ରାଜ୍ୟ ସରକାର। ତେଣୁ ବିଭାଗକୁ ତୁରନ୍ତ ବନ୍ଦ କରିବାକୁ ଦାବି ହୋଇଥିଲା। ଏବେ ଜନସାଧାରଣଙ୍କର କଥା ବୁଝିଛନ୍ତି ନୂଆ ସରକାର, ଫାଇଭି-ଟିକୁ ବନ୍ଦ କରିଛନ୍ତି। ସମୟ କହିବ ଯେଉଁ ଅଫିସରମାନେ ଲୁଟ୍‌ପାତ କରିଛନ୍ତି ସେମାନଙ୍କ ବିରୋଧରେ କେବେ ହେଉଛି କାର୍ଯ୍ୟାନୁଷ୍ଠାନ।

### ଏଥର କମ୍ପିବ ...

ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ମଧ୍ୟରୁ କିଏ ଜଣେ ବିରୋଧୀ ଦଳ ନେତା ହେବା ନେଇ ନାଁ ସାମ୍ନାକୁ ଆସିଛି। ଗୃହର ନେତା ଭାବରେ ମୁଖ୍ୟମନ୍ତ୍ରୀଙ୍କୁ ଗତ ୫ ବର୍ଷ ଭିତରେ ଖୁବ୍ ସ୍ୱଳ୍ପ ସମୟ ଦେଖିବାକୁ ମିଳିଛି। ଏପରିକି ଗୃହ ଚାଲିଥିବା ସମୟରେ ସେ ବିରୋଧୀ ଦଳର ପ୍ରଶ୍ନକୁ ମଧ୍ୟ ଶୁଣି ତାକୁ ଉତ୍ତର ଦେଉ ନ ଥିବାରୁ ଅନେକ ସମୟରେ ଅଭିଯୋଗ ହୋଇଛି। ବହୁବାର ଗୃହରେ ମୁଖ୍ୟମନ୍ତ୍ରୀ ରହୁ ନଥିବା ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ଏବେ ପ୍ରଶ୍ନ ହେଉଛି କେମିତି ବିରୋଧୀ ଦଳ ନେତା ଦାୟିତ୍ୱ ତୁଲାଇବେ ନବୀନ? ଏ ଭିତରେ ଚର୍ଚ୍ଚା ହେଉଛି ବିଜେଡି ସୁପ୍ରିମୋ ନବୀନ ବିରୋଧୀ ଦଳ ନେତା ଭାବେ ଅନ୍ୟ ନେତାଙ୍କୁ ବାଛି ପାରନ୍ତି। ନିଜ ଛଡା ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ ଓ ପ୍ରତାପ ଦେବଙ୍କ ପରି ପ୍ରମୁଖ ନେତାଙ୍କୁ ବିରୋଧୀ ଦଳ ନେତା ଭାବେ ଦାୟିତ୍ୱ ଦେଇପାରନ୍ତି। ଏସବୁ ନେତାଙ୍କର ବହୁବର୍ଷରୁ ରାଜନୀତିରେ ଅଭିଜ୍ଞତା ଥିବାରୁ ତାଙ୍କୁ ଏହି ଦାୟିତ୍ୱ ମିଳିପାରେ ବୋଲି କୁହାଯାଉଛି। ବିରୋଧୀ ଦଳ ନେତା ବିଧି ଅନୁସାରେ ଜଣେ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ହୋଇଥିବା ଦରକାର। ବିରୋଧୀ ଦଳ ନେତାଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବେ ରାଜ୍ୟ ସମସ୍ତ ସୁବିଧା ଦେଇଥାଏ। ଏଣୁ ଏ ପଦବୀ ପାଇଁ ଦଳର ବରିଷ୍ଠ ନେତାଙ୍କ ଭିତରେ ଆଗ୍ରହ ରହିବା ସ୍ୱାଭାବିକ। କିନ୍ତୁ ଦଳର ସଭାପତି ଭାବେ ଏହା ନିର୍ଭର କରୁଛି ନବୀନ ଖୋଦ ଏ ପଦବୀକୁ ରଖୁଛନ୍ତି ନା କାହାକୁ ହସ୍ତାନ୍ତର କରୁଛନ୍ତି।

## ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ମନ୍ତ୍ରଣାଳୟ ପଦକ୍ଷେପ ଗ୍ରହଣ କରିବ : ଜୁଏଲ



**ଭୁବନେଶ୍ୱର,(ପିଆଇବି) :** ଜୁଏଲ ଓରାମ ନୂଆଦିଲ୍ଲୀରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀଙ୍କୁ ଆଦିବାସୀ ବ୍ୟାପାର ସଚିବ ବିଭୁ ନାୟାର ଏବଂ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ ଜୁଏଲ ଓରାମ ତାଙ୍କ ଉପରେ ଆସ୍ଥା ପ୍ରକଟ କରିବା ଏବଂ ଆଦିବାସୀ ସମ୍ପ୍ରଦାୟର ଉନ୍ନତି ପାଇଁ କାର୍ଯ୍ୟ କରିବାର ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଥିଲେ। ଗଣମାଧ୍ୟମକୁ ସମ୍ବୋଧିତ କରି ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ମନ୍ତ୍ରଣାଳୟ ସମଗ୍ର ଦେଶରେ ଆଦିବାସୀମାନଙ୍କ ର ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ କାର୍ଯ୍ୟ କରିଛି। ଭବିଷ୍ୟତରେ ଆଦିବାସୀଙ୍କ ସମସ୍ତ ପ୍ରକାର ବିକାଶ ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଓରାମ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଏକ ବୈଠକରେ ଅଧ୍ୟକ୍ଷତା କରି କାର୍ଯ୍ୟରତ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର ଅଗ୍ରଗତି ସମୀକ୍ଷା କରିଥିଲେ। ସମଗ୍ର ଦେଶରେ ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜୁଏଲ ଓରାମ ୧୯୯୮ ମସିହାରୁ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରି ୧୨ଶ, ୧୩ଶ, ୧୪ଶ, ୧୬ଶ ଓ ୧୭ଶ ଲୋକସଭାର ସଦସ୍ୟ ଥିଲେ। ୧୯୯୯ ମସିହା ଅକ୍ଟୋବର ୧୩ ତାରିଖରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ମନ୍ତ୍ରଣାଳୟ ଗଠନ କରିବା ପରେ ଶ୍ରୀ ଓରାମ ପ୍ରଥମ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ।

## ସୁରଙ୍କୁ ଭେଟିଲେ ରାଜ୍ୟପାଳ ବିଶ୍ୱଭୂଷଣ



**ଅସ୍ତରଙ୍ଗ :** କାକଟପୁର ରାଜନୈତିକ ଆକାଶର ବିରଳ ପ୍ରତିଭା ରାଜ୍ୟ ରାଜନୀତିର ଚାଣକ୍ୟ ବିଜୁପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳ ରେ ଏକାଧିକ ବିଭାଗର ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କୁ ଭୁବନେଶ୍ୱର ବାସଭବନରେ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଲେ ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ବିଜୁଜନତା ଦଳ ଓ ବିଜେପି ମେଣ୍ଟ ସରକାର ସମୟରେ ଉଭୟ ବିଶ୍ୱ ଭୂଷଣ ହରିଚନ୍ଦନ ଓ ସୁରେନ୍ଦ୍ର ନାଥ ନାୟକ ଆଇନ ମନ୍ତ୍ରୀ, ଦୁଇ ଦିନ ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ବହନ କରିଥିଲେ। ନିର୍ବାଚନ ତାତି ଥଣ୍ଡା ନ ହେଉଣୁ ବରିଷ୍ଠ ରାଜନେତାଙ୍କ ମିଳନ ଏବେ ରାଜ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଲେଣି। ବିଜୁଜନତା ଦଳର ରାଜ୍ୟ ସମ୍ପାଦକ ତଥା ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ତଥା ବରିଷ୍ଠ ନେତା ସୁରେନ୍ଦ୍ରନାଥ ନାୟକଙ୍କ ସୁପୁତ୍ର ସ୍ୱାଧୀନ ନାୟକ ଓ ସପରିବାର ଉପସ୍ଥିତ ଥିଲେ। ଉଭୟ ରାଜନୈତିକ ବାଦଶାହଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଅସ୍ତରଙ୍ଗ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ସଭାପତି ଶରତ ପରିଡ଼ା।

## ଓଡ଼ିଶାର ସାମଗ୍ରିକ ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କୁ ତଥ୍ୟ ଦିଆଯାଇଛି : ମୁଖ୍ୟ ଶାସନ ସଚିବ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉନ୍ନୟନ କମିଶନର ଏବଂ ଅର୍ଥ ସଚିବଙ୍କ ସହ ଅନ୍ୟ ବିଭାଗର ସଚିବ ଉପସ୍ଥିତ ଥିଲେ। ବୈଠକ ପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସୂଚନା ଦେଇ କହିଛନ୍ତି ଯେ ଓଡ଼ିଶାର ସାମଗ୍ରିକ ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କୁ ତଥ୍ୟ ଦିଆଗଲା। ଜନସଂଖ୍ୟା ଓ ଭୌଗଳିକ ସ୍ଥିତି ସହ କ'ଣ କାମ କରାଯାଉଛି ତାହା ବୁଝିଲେ। ଓଡ଼ିଶାର ଅର୍ଥନୀତି ଓ ଅନ୍ୟାନ୍ୟ କ୍ଷେତ୍ରରେ କ'ଣ ସବୁ ବଡ଼ ବିକାଶ ହେବାକୁ ବାକି ରହିଛି ଏବଂ ସରକାରଙ୍କ ପାଇଁ ଆଗକୁ କ'ଣ ଆହ୍ୱାନ ରହିଛି, ସେ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ସମେତ ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ସଚିବ ବିଶାଳ ଦେବ, କୃଷୀ ସଚିବ ଅରବିନ୍ଦ ପାଢ଼ୀ, ମତ୍ସ୍ୟ ଓ ପଶୁପାଳନ ବିଭାଗ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ।

## ଶପଥ ପରେ ମା' ମଙ୍ଗଳାଙ୍କ ଆଶୀଷ ଭିକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



**ଅସ୍ତରଙ୍ଗ :** ପରିବର୍ତ୍ତନର ସ୍ୱରରେ ଓଡିଶା, ଗଠନ ହେଲା ନୂତନ ସରକାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ନେଇଛି ବାସ୍ତବ ରୂପାୟନ। ଡବଲ ଇଂଜିନ ସରକାରକୁ ନେଇ ବିକଶିତ ଓଡିଶା। ଜନତା ମୈଦାନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ଦୁଇ ଉପମୁଖ୍ୟମନ୍ତ୍ରୀ ନେଇଛନ୍ତି ଶପଥ। ଜଗତସିଂହପୁର ଲୋକସଭା ଅନ୍ତର୍ଗତ ନିମାପଡା ବିଧାନସଭା କ୍ଷେତ୍ରରୁ ପ୍ରଭାତୀ ପରିଡା ପ୍ରଥମଥର ବିଧାୟିକା ହୋଇ ବସିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଆସନରେ। ମା' ମଙ୍ଗଳାଙ୍କୁ ଦର୍ଶନ କରି ଆଶୀଷ ଭିକ୍ଷା କରିଛନ୍ତି। ରାଜ୍ୟରେ ସ୍ୱଚ୍ଛ ନିର୍ମଳ ଶାସନ ଏବଂ କାକଟପୁରରେ ବିକାଶ ମୂଳକ କାର୍ଯ୍ୟ କରିବା ପାଇଁ ଦେଇଛନ୍ତି ପ୍ରତିଶ୍ରୁତି। କାକଟପୁର ମା' ମଙ୍ଗଳାଙ୍କ ନିକଟରେ ପହଞ୍ଚିଥିଲେ। ତାଙ୍କ ସହିତ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ମଧ୍ୟ ଆସିଥିଲେ। ୨ଶହରୁ ବିଜେପି କର୍ମୀ, କାକଟପୁର ଓ ଅସ୍ତରଙ୍ଗ ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧି ପହଞ୍ଚି ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ମନ୍ଦିର ସେବାୟତ ସମିତି ଓ ଟ୍ରଷ୍ଟ ବୋର୍ଡ ତରଫରୁ ଉପ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ନୂତନ ଭାବେ ଜଣେ ଉପମୁଖ୍ୟମନ୍ତ୍ରୀ ଶପଥ ପରେ ମା' ମଙ୍ଗଳାଙ୍କ ଆଶୀର୍ବାଦ ନେବାକୁ ଆସିଥିବାରୁ ଅଞ୍ଚଳବାସୀଙ୍କ ମନରେ ଗୋଟେ ଖୁସିର ମାହୋଲ ଦୃଶ୍ୟମାନ ହୋଇଥିଲା।

# ପରମ୍ପରାର ନାଁ ରଜ



ପ୍ରେମାନନ୍ଦ ପାଣିଗ୍ରାହୀ



କୃଷିପ୍ରଧାନ ରାଜ୍ୟ ଓଡିଶାର ପର୍ବପର୍ବାଣୀ, ଧର୍ମ, ସଂସ୍କୃତି ଅଙ୍ଗାଙ୍ଗୀ ଭାବେ କୃଷି ସହିତ ଜଡିତ। ତେଣୁ କୃଷିଭିତ୍ତିକ ବହୁ ପର୍ବ ଏଠାରେ ପାଳନ କରାଯାଏ। ଉତ୍କଳୀୟ ସଂସ୍କୃତିର ଆନନ୍ଦ ଉଲ୍ଲାସ ଓ ସର୍ବାଧିକ ଲୋକପ୍ରିୟ ପର୍ବ ରଜ। କୃଷିଭିତ୍ତିକ ଏହି ପର୍ବକୁ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତିଟି ଓଡିଆ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। କୃଷି ଓଡିଶାର ମୁଖ୍ୟ ଜୀବିକା ହୋଇଥିବାରୁ ମାଟି ମାକୁ ବିଶ୍ରାମ ଦେବା ଏହି ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଗ୍ରୀଷ୍ମ ଓ ବର୍ଷା ଋତୁ ସନ୍ଧିକ୍ଷଣରେ ଭିଜା ମାଟିର ବାସ୍ନା ନେଇ ଆସେ ଓଡିଶାର ଗଣ ପର୍ବ ରଜ।





ମାଟି ଓ ମୌସୁମୀର ମିଳନ ପର୍ବ ରଜ। ସାଧାରଣତଃ କୃଷକମାନେ ରଜସଂକ୍ରାନ୍ତି ପୂର୍ବରୁ କ୍ଷେତରେ ଧାନ ବୁଣି ବର୍ଷାର ଆଗମନକୁ ଅପେକ୍ଷା କରିଥାନ୍ତି। ଆଷାଢର ପ୍ରଥମ ବର୍ଷାରେ ମାଟି ମା ଶୀତଳ ହେବା ସହ ପ୍ରଜନନ କ୍ଷମ ହୋଇଥାଏ। ଏଇ ବର୍ଷା ବିନ୍ଦୁ ପୃଥିବୀକୁ ରଜସ୍ୱଳା କରେ। ସୃଷ୍ଟି ସଂରଚନା ଓ ପାଳନର ପର୍ବ ଆରମ୍ଭ ହୁଏ। ମାଟି ମାର ଏହି ଅବସ୍ଥାକୁ ରଜସ୍ୱଳା ନାରୀ ସହ ତୁଳନା କରି ପୂର୍ଣ୍ଣ ବିଶ୍ରାମ ଦିଆଯାଏ। ଜ୍ୟେଷ୍ଠ ଓ ଆଷାଢ ମଧ୍ୟରେ ଏହି ପର୍ବ ତିନି ଦିନ ଧରି ପାଳନ କରାଯାଏ। ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନ ଭୂମି ଦହନ ଭାବରେ ପାଳନ କରାଯାଏ। ମୌସୁମୀର ଆଗମନରେ ଚାଷୀ କ୍ଷେତରେ ନିଜକୁ ଏକାକାର କରି ଦେବାର ଅବ୍ୟବହିତ ପୂର୍ବରୁ ପାଳନ କରେ ଏହି ପର୍ବ। ବିଷ୍ଣୁ ପୁରାଣ ଅନୁସାରେ -ଚତୁର୍ଦ୍ଦଶୀ, ଅଷ୍ଟମୀ, ଅମାବାସ୍ୟା,ପୂର୍ଣ୍ଣିମା ଓ ସଂକ୍ରାନ୍ତିକୁ ପଞ୍ଚ ପର୍ବ ଭାବରେ ବିବେଚନା କରାଯାଏ। ମିଥୁନ ସଂକ୍ରାନ୍ତି ହିଁ ରଜ ସଂକ୍ରାନ୍ତି। ପରମ୍ପରା ଅନୁଯାୟୀ ବର୍ଷକରେ ଥରେ ଏହି ପର୍ବକୁ ସମସ୍ତେ ଚାତକ ଭଳି ଚାହିଁ ବସିଥାନ୍ତି। ରଜ ଯେ କେବଳ ଆନନ୍ଦ ଉଲ୍ଲାସର ପର୍ବ ତାହା ନୁହେଁ,ଏହି ପର୍ବ ପାଳନ ପଛରେ ରହିଛି ନାରୀଜାତିକୁ ସମ୍ମାନ ଦେବାର ସ୍ୱତନ୍ତ୍ର ପ୍ରୟାସ। ରଜ ଅବସରରେ ମାଟି ମାକୁ ଜଣେ ସାଧାରଣ ନାରୀ ସହ ତୁଳନା କରାଯାଇଥାଏ। ପୌରାଣିକ,ଦାର୍ଶନିକ ଓ ଲୌକିକ ଦୃଷ୍ଟିରେ ଏହି ପର୍ବ ମାଟି ମା ତଥା ସର୍ବଂସହା ଧରିତ୍ରୀ ପ୍ରତି ଏକ ଅନାବିଳ ସ୍ନେହ ଭକ୍ତିର ଦୃଷ୍ଟାନ୍ତ। ଏହି ପର୍ବ ପାଳନ ଅବସରରେ ଲୋକେ ଏଭଳି କୌଣସି କାମ କରନ୍ତି ନାହିଁ, ଯେଉଁଥିରେ ମାତା ବସୁଧାର ଆଘାତ ପାଇବାର ଆଶଙ୍କା ଥାଏ। ଗାତ ଖୋଳିବା ତ ଦୂରର କଥା ଭୂମି ଉପରେ ଗାରଟିଏ ଟାଣିବା ମଧ୍ୟ ନିଷିଦ୍ଧ। ଏପରିକି ମହିଳାମାନଙ୍କୁ କଟା, ବଟା କରାଇବାକୁ ଦିଆଯାଏ ନାହିଁ।

**ପିଠା, ମିଠା, ପାନର ମହାପର୍ବ :** ରଜ ବେଳକୁ ଆକାଶରେ ମେଘ ମାଳ ଭାସୁଥିବା ବେଳେ ରିମ୍‌ଝିମ୍ ବର୍ଷା ହୋଇଥାଏ। ମେଘୁଆ ବର୍ଷାସିକ୍ତ ପାଗରେ ଜମେ ରଜ ମଉଜ। ଘରେଘରେ ରଜ ପାଇଁ ସଜବାଜ ଚାଲେ। ଘରର ପିଣ୍ଡା ବାରଣ୍ଡାରୁ ଶୁଭେ ଢିଙ୍କି କୁଟା ଚାଉଳ ଚୂନ। ପ୍ରସ୍ତୁତିର ଶବ୍ଦ। ଓଡିଆ ଘରର ପିଠାପଣା ଯେମିତି ସ୍ୱାଦିଷ୍ଟ ସେମିତି ମୁଖରୋଚକ। ବାରମାସର ତେର ପର୍ବରେ ଓଡିଆ। କୂଳବଧୂମାନେ ବିଭିନ୍ନ ରକମର ପିଠା କରି ଖାଇବା ଓ ଖୁଆଇବାରେ ଅଶେଷ ଆନନ୍ଦ ପାଆନ୍ତି। ରଜ କଥା ମନେ ପଡିଲେ ମନେ ପଡେ ପୋଡପିଠା। ରଜ ପର୍ବରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଏହି ପୋଡ ପିଠା ପ୍ରତି ପିଲା ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କର ଆକର୍ଷଣ କେଉଁ ଯୁଗରୁ ରହି ଆସିଛି। ସତ କଥା କହିବାକୁ ଗଲେ ଅନ୍ୟ ଦିନ ଅପେକ୍ଷା ପୋଡପିଠା ରଜରେ ବେଶ୍ ସ୍ୱାଦିଷ୍ଟ ଲାଗେ। କି ଧନୀ କି ଗରୀବ ନିଜ ସାମର୍ଥ୍ୟ ଅନୁଯାୟୀ ରଜ ପାଇଁ ପୋଡପିଠା ପ୍ରସ୍ତୁତ କରିଥାନ୍ତି । ନଡିଆ ଖଣ୍ଡ ମିଶା ପୋଡପିଠା ରଜରେ ମୁଖ୍ୟ ସ୍ଥାନ ଗ୍ରହଣ କରିଥାଏ । ଗୃହିଣୀମାନେ ସାହି ପଡିଶାରେ ପୋଡପିଠା ଆଦାନ ପ୍ରଦାନ କରିଥାନ୍ତି, ଯଦ୍ୱାରା ପାରିବାରିକ ସମ୍ପର୍କ ମଜବୁତ ହୋଇଥାଏ। ଅତିଥି ଅଭ୍ୟାଗତମାନଙ୍କୁ ପୋଡପିଠାରେ ଆପ୍ୟାୟିତ କରି ଆତ୍ମତୃପ୍ତି ଲାଭ କରନ୍ତି। କେବଳ ଗାଁ ନୁହେଁ ସହରରେ ମଧ୍ୟ ରଜ ପୋଡପିଠା ଖାଇବାକୁ ସମସ୍ତେ ଭଲ ପାଆନ୍ତି । ରଜ ତିନି ଦିନ ଧରି ପୋଡ ପିଠା ଖିଆଯାଏ । ଜଗନ୍ନାଥଙ୍କ ଛପନ ଭୋଗରେ ପୋଡପିଠାର ସ୍ଥାନ ସ୍ୱତନ୍ତ୍ର। ପୋଡ ପିଠା ସହିତ ରଜରେ କୁମାରୀମାନେ ମଉଜ ନେଇଥାନ୍ତି ଖିଲିପାନରେ। ମହମହ ବାସୁଥିବା



ପାନ ଖିଲ ଖାଇ ଦୋଳି ଖେଳିବାର ମଜା ଅଲଗା। ରଜରେ ପାନ ଖାଇବା, ଭାଙ୍ଗିବା, ଖୁଆଇବାରେ ଥାଏ ଅନୁପମ ଆନନ୍ଦ । ବିଭୁନ୍ନ ମିଠା ମସଲା ପକାଯାଇ ପାନର ସ୍ୱାଦକୁ ଦ୍ୱିଗୁଣିତ କରାଯାଏ । ପାନମସଲା ମଧ୍ୟରେ ରଙ୍ଗ ଗୁଆ, ନବଗୁଆ, ଚାନ୍ଦି ଗୁଆ, ନାଛା ସୁପାରି, ନିଲମ ସୁପାରି, ଇଲାଇଚି ସୁପାରି, ଲିଚୁଜେଲି, ବ୍ଲାକବେରି, ଜେଲି, ପାନମଧୁରି, କେଶର, ଧନିଆ, କାଜୁକିସମିସ୍, ନଡିଆ, ଗୋଲାପ ଚଟଣି ପ୍ରଭରତି ମସଲାର ଚାହିଦା ବେଶୀ । ରଜ ପାନରେ ଗିଲା ଖଇର ଟିକେ ମାରି ଦେଲେ ଓଠ ନାଲି ହେବାଟା ଥୟ। ରଜ ପର୍ବର ମଉଜକୁ ବହୁଗୁଣିତ କରିଥାଏ ଦୋଳି । ରଜ ଓ ଦୋଳି ଯେପରି ପରସ୍ପରର ପରିପୂରକ। ଭଳିକି ଭଳି ଦୋଳି ଯଥା-ବାଉଁଶ ଦୋଳି, ପଟା ଦୋଳି, ଦଣ୍ଡି ଦୋଳି, ଚକ୍ରି ଦୋଳି, ଖାଇ ଦୋଳି, ଡଙ୍ଗା ଦୋଳିରେ ସମସ୍ତେ ମଜ୍ଜିଯାନ୍ତି। ସକାଳ ଠାରୁ ରାତି ପର୍ଯ୍ୟନ୍ତ ସେଠାରେ ଗାଁ ପିଲାଙ୍କ ଭିଡ ଜମେ। ବିଶେଷ କରି ଯୁବତୀମାନେ ସଜବାଜ ହୋଇ ପ୍ରତ୍ୟେକ ଘରକୁ ଦୋଳି ଖେଳିବା ପାଇଁ ଯାଇଥାନ୍ତି। ସେମାନଙ୍କ ରଜ ଦୋଳି ଗୀତରେ ଗାଁ ପ୍ରକମ୍ପିତ ହୁଏ। ବନସ୍ତେ ଡାକିଲା ରଜ/ବରଷକେ ଥରେ ଆସିଛି ରଜ/ଆସିଛି ରଜଲୋ/ଘେନି ନୂଆ ସଜବାଜ। ସବୁଠୁ ମନଛୁଆଁ ଲାଗେ ଏଇ ଗୀତ। କୁଆଁରୀମାନଙ୍କ ସୁଲଳିତ କଣ୍ଠରୁ ଭାସି ଆସୁଥିବା ଏହି ଗୀତ ମଧୁରତାରେ ଭରି ଦିଏ ରଜ ମଉଜକୁ। କେବଳ ଝିଅବୋହୂମାନେ ଯେ ରଜକୁ ଉପଭୋଗ କରନ୍ତି ତାହା ନୁହେଁ,ପୁରୁଷମାନେ ମଧ୍ୟ ତାସ,ପଶା,କ୍ୟାରମ୍ ଖେଳ ମଧ୍ୟରେ ରଜକୁ ଉପଭୋଗ କରନ୍ତି। ସାଧାରଣତଃ ରଜ ତିନି ଦିନ ଖେଳକୁଦ, ମଉଜ, ଖିଆପିଆରେ କଟେ। ରଜ ପର୍ବରେ ସବୁଠୁ ଲୋକପ୍ରିୟ ଖେଳ ବାଗୁଡି। ଏଜି ଖେଳରେ ଖେଳାଳିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଏ। ପରେ ପାରମ୍ପରୀକ ଢୋଲ ବାଦ୍ୟର ତାଳେତାଳେ ସେମାନେ ରାହା ଧରି ଗଣ୍ଡି ଖେଳନ୍ତି। ଉଭୟ ବିଜେତା ଓ ଉପ ବିଜେତା ଦଳଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଏ। ଶାରୀରିକ ଦକ୍ଷତା ବୃଦ୍ଧି କରିବା ଏହି ଖେଳର ଉଦ୍ଦେଶ୍ୟ। କେତେକ ସ୍ଥାନରେ ଦିନ ବ୍ୟତୀତ ରାତିରେ ମଧ୍ୟ ନାଚ, ଗୀତ, ପାଲା ଇତ୍ୟାଦିର ଆୟୋଜନ କରାଯାଇ ରଜକୁ ଆହୁରି ପ୍ରାଣବନ୍ତ କରାଯାଇଥାଏ। ଏବେ ସହରମାନଙ୍କରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଉଛି।



ସହରବାସୀ ଖୁବ୍ ଉତ୍କଣ୍ଠାର ସହ ଏସବୁ ସ୍ଥାନକୁ ବୁଲିବାକୁ ଆସୁଥିବା ବେଳେ ଦୋଳି ଖେଳର ମଜା ନେଇଥାନ୍ତି। ଯେଉଁମାନେ ଘରେ ରଜ ପିଠା କରିନଥାନ୍ତି ଏଠାରୁ କିଣିଥାନ୍ତି। ପାନ ଖିଆ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଇ ଖୁସି ଉପଭୋଗ କରିଥାନ୍ତି।


**ସ୍ଥାନ ବିଶେଷରେ ରଜ :** ରାଜ୍ୟର କୋଣଅନୁକୋଣରେ ଗଣପର୍ବ ରଜ ପାଳିତ ହେଉଥିବା ବେଳେ ଦେବଗଡ ଜିଲ୍ଲା ବାରକୋଟ ବ୍ଲକ୍ ବଳମ ଗାଁରେ କିନ୍ତୁ ନିଆରା ଢଙ୍ଗରେ ରଜ ଦେଖିବାକୁ ମିଳେ। ପହିଲି ରଜ ଅବସରରେ ବଳମ ଗ୍ରାମର କିଶୋରୀଙ୍କ ଦ୍ୱାରା ଆୟୋଜିତ ଭିନ୍ନ ଶୈଳୀର କୌତୁକ ଶିଶୁ ବିବାହ ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥାଏ। ଗ୍ରାମର ଦୁଇ ଜଣ ଶିଶୁକନ୍ୟାଙ୍କୁ ବର କନ୍ୟା ବେଶରେ ସୁସଜ୍ଜିତ କରି ଏହି କୌତୁକ ବିବାହ କରାଯାଉଥିବା ବେଳେ ଏହାର ବିଧିବିଧାନ ସତସତିକା ବିବାହ ଉତ୍ସବ ଠାରୁ କୌଣସି ଗୁଣରେ କମ୍ ହୋଇନଥାଏ। ଜଣେ ଶିଶୁ କନ୍ୟାକୁ ବର ବେଶରେ ପଗଡି, ମୁକୁଟ ଓ ଚୁଡିଦାର ପଞ୍ଜାବୀ ପରିଧାନ କରାଇ ପୁଷ୍ପ ସୁସଜ୍ଜିତ ବିଳାଶପୂର୍ଣ୍ଣ ଗାଡି ଯୋଗେ ବ୍ୟାଣ୍ଡ ବାଜା, ବମ, ଫୋଟକା ଓ ଶହଶହ ବରଯାତ୍ରୀଙ୍କ ଗହଣରେ ମଣ୍ଡପକୁ ନିଆଯାଇ ସେଠାରେ ଅପେକ୍ଷା କରିଥିବା କନିଆଁ ସହ ହୋମ ଯଜ୍ଞ କରି ବୈଦିକ ରୀତିରେ ବିବାହ କରାଯାଏ। ଏହା ଯେ ଏକ କୌତୁକ ବିବାହ ଆଦୌ ଜଣା ପଡିନଥାଏ। କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ ପର୍ବ ଭାବେ ରଜ ପର୍ବ ଜଣାଶୁଣା । ସେଅଞ୍ଚଳର ଏକ ନିଆରା ପରମ୍ପରା ରଜରେ ଦେଖିବାକୁ ମିଳେ। ଜିଲ୍ଲାର ଐତିହାସିକ ପୀଠ ସିତାବିଞ୍ଜି, ସଦର ବ୍ଲକର ପୁଟୁଳିଆ, ପଳାଶପଙ୍ଗା, ଜଳବଙ୍ଗ, ସାହାରାପଡା ବ୍ଲକର ଟଭାସରୁଆ ଆଦି ସ୍ଥାନରେ ରଜପର୍ବ ଜାକଜମକରେ ପାଳିତ ହୋଇଥାଏ। ଉକ୍ତ ସମୟରେ ମହିଳାମାନେ ନାଚଗୀତ କରିଥାନ୍ତି। ପାଣି ବୁହା ଠାରୁ ରଜ ବାଟୋଇବା ଯାଏ ବିଭିନ୍ନ ସ୍ଥାନରେ ଚାରିରୁ ପାଞ୍ଚ ଦିନ ପର୍ଯ୍ୟନ୍ତ ରଜ ମହୋତ୍ସବ ପାଳିତ ହୋଇଥାଏ। ଝିଅ ବାହାଘର ପରି ରଜବତୀ ବାହାଘର ସମ୍ପନ୍ନ ହୋଇଥାଏ। ରାତିସାରା ମହିଳାମାନେ ଶାଳରେ କନିଆକୁ ଜଗିଥାନ୍ତି। ରାତି ତମାମ ଦୋଳି ଖେଳ, ନାଚ ଗୀତରେ କଟାଇଥାନ୍ତି। ଶେଷ ରଜ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିଥାଏ। ସମସ୍ତଙ୍କ ଘରେ ବନ୍ଧୁପରିଜନଙ୍କ ଭିଡ ଲାଗିଥାଏ। ଗ୍ରାମ ଆଖପାଖ ଅଞ୍ଚଳରେ ରଙ୍ଗବେରଙ୍ଗ ପୋଷାକ,ଶାଢୀ ପରିଧାନ କରି ରମଣୀମାନେ ଦିନ ତମାମ ଦୋଳି ଓ ଗୀତରେ ମସଗୁଲ ହୋଇଥାନ୍ତି। ସନ୍ଧ୍ୟାହେଲେ ମହିଳାମାନେ ଠାକୁରାଣୀ ରଜବତୀଙ୍କୁ ପଟୁଆରରେ ଗ୍ରାମ ପରିକ୍ରମା କରି ଗାଁ ଶେଷ ମୁଣ୍ଡରେ ଥିବା ପୋଖରୀକୁ ନେଇ ବିସର୍ଜନ କରିଥାନ୍ତି। ଏହାକୁ ରଜ ବାଟୋଇବା କୁହାଯାଏ। ରଜ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁଣ୍ଡେଶ୍ୱର ଗ୍ରାମରେ ଦେଖିବାକୁ ମିଳିଥାଏ ଏକ ଭିନ୍ନ ପରମ୍ପରା। ଏହି ଗାଁରେ କୁମାରୀମାନେ ରଜରେ କଣ୍ଢେଇ ବାହାଘର କରିଥାନ୍ତି। ଏହି ବିବାହରେ ଗାଁର ସମସ୍ତ ନବ ବିବାହିତା ଝିଅ-ଜ୍ୱାଇଁଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥାଏ। ସାଧାରଣ ବାହାଘର ପରି ନିମନ୍ତ୍ରଣ ପତ୍ର ବଣ୍ଟାଯାଇଥାଏ। ପ୍ରତ୍ୟେକଙ୍କ ଘରେ କଦଳୀ ଗଛ ପୋତା ଯାଇ ରଙ୍ଗବେରଙ୍ଗର ଫୁଲ ଓ ପତାକାରେ ସଜା ଯାଇଥାଏ । ଗାଁର ଗୋଟିଏ ଗୋଷ୍ଠୀ କନ୍ୟା ପକ୍ଷ ଓ ଅନ୍ୟ ପକ୍ଷ ବର ପକ୍ଷ ହୋଇଥାନ୍ତି । ବାଣ, ବାଜା, ନାଚଗୀତର ତାଳେତାଳେ ବରପକ୍ଷ ଗାଁ ଠାକୁରାଣୀଙ୍କ ପାଖରେ ପହଞ୍ଚିଥାନ୍ତି। ବୈଦିକ ରୀତିରେ ଏ ବାହାଘର ଅନୁଷ୍ଠିତ ହୁଏ। ବର-କନ୍ୟା କଣ୍ଢେଇଙ୍କୁ ଚାରିଦିନ ଠାକୁରାଣୀଙ୍କ ମନ୍ଦିରରେ ରଖାଯାଇଥାଏ। ପଞ୍ଚମୀ ଦିନ ପ୍ରାଚୀ ନଦୀ କୂଳରେ ବିସର୍ଜନ କରାଯାଏ। ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ ଗତରେଇ ଗ୍ରାମରେ ବର-କନିଆ ବିବାହ ଉତ୍ସବ ଅନୁଷ୍ଠିତ ହୁଏ । ଦୁଇ ଜଣ ଝିଅ ଜଣେ ବର ଓ ଅନ୍ୟ ଜଣେ କନ୍ୟା ହୋଇ ବିବାହ କରିଥାନ୍ତି । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ନେଞ୍ଚୀରା ଗ୍ରାମରେ ରଜ ପର୍ବର ମୁଖ୍ୟ ଆକର୍ଷଣ ବାଦୀପାଲା। ଗାଁରେ ରହିଛି ପ୍ରାୟ ୧୬୦ ବର୍ଷ ତଳର ପାଲା ଅନୁଷ୍ଠାନ। ପଞ୍ଚମ ଓ ଷଷ୍ଠ ଦଶକରେ ଏହି ଗ୍ରାମରେ ପୂର୍ବାହ୍ନ ୮ଟାରୁ ପାଲା ଆରମ୍ଭ ହୋଇ ରାତି ତିନିଟା ପର୍ଯ୍ୟନ୍ତ ଓ ବେଳେବେଳେ ପରଦିନ ସକାଳ ପର୍ଯ୍ୟନ୍ତ ପାଲା ପରିବେଷଣ ହେଉଥିଲା। ଏବେ ବି ଏ ପରମ୍ପରା ଚାଲିଛି। ଖୋର୍ଦ୍ଧା ଜିଲ୍ଲା ବରୁଣେଇ ହେଉଛି ଭାରତ ବର୍ଷର ଶେଷ ସ୍ୱାଧୀନ ଦୁର୍ଗ। ଏଠାରେ ଆରାଧ୍ୟ ଦେବୀ ମା ବରୁଣେଇ। ପ୍ରତିବର୍ଷ ଏହି ପୀଠରେ ରଜ ପର୍ବ ନିଆରା ଢଙ୍ଗରେ ପାଳିତ ହୁଏ। ପହିଲି ରଜ ଦିନ ମାଙ୍କୁ ସ୍ନାନ କରାଇବା ପରେ ଚନ୍ଦନ ଲେପ କରାଯାଏ। ତିନି ଦିନ ଧରି ମା ଚନ୍ଦନ ମାଖି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଚତୁର୍ଥ ଦିନ ମାଙ୍କ ସ୍ନାନକୁ ମହାଲକ୍ଷ୍ମୀ ବୁଡ କୁହାଯାଏ। ରଜ ପର୍ବର ମୁଖ୍ୟ ଆକର୍ଷଣ ଠେକାମୁଆଁ । ପୂର୍ବେ ପଦ୍ମ କେଶରୀରେ ପିଠା କରାଯାଇ ପୂଜା କରାଯାଉଥିଲା। ସମୟକ୍ରମେ ଏଣ୍ଡୁରୀ ଓ ଖିରି ଭୋଗ ଦେବୀଙ୍କୁ ଲାଗି କରାଗଲା। ପଣସ ପତ୍ର ଠୋଲାରେ ଅରୁଆ ଚାଉଳ ପ୍ରସ୍ତୁତ ଖିରି,ପୁରି ଓ ଏଣ୍ଡୁରି ପିଠା ଭୋଗ ଲାଗି ହୁଏ। ଏହି ମେଳାରେ କୃଷି ଉପକରଣ ସମେତ ବାଉଁଶରେ ତିଆରି ସାମଗ୍ରୀ ମିଳିଥାଏ । ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରଞ୍ଜାଗେଳ ରଜ ଉତ୍ସବ ଦୁଇ ଶହ ବର୍ଷ ତଳର। ଏହି ଯାତ୍ରାକୁ ଫଳ ଯାତ୍ରା କୁହାଯାଏ। ଯାତ୍ରା ସମୟରେ ବ୍ରହ୍ମଚାରୀ ମଢସ୍ଥିତ ସନ୍ଥ ବାଙ୍କବିଜାରୀଙ୍କ କଠଉ ଏବଂ ବାଡି ଭକ୍ତମାନଙ୍କ ଦର୍ଶନ ନିମନ୍ତେ ରଖାଯାଇଥାଏ। ପହିଲି ରଜ ଦିନରୁ ଧୂନି ଜଳେ। ଏହି ଚାରିଦିନ ବାଙ୍କ ବିଜାରୀଙ୍କ ନିକଟରେ କେବଳ ଫଳ ଭୋଗ ଲାଗି ହୁଏ। ପଣସ ଓ ଆମ୍ବର ପସରା ବହୁଳ ଭାବରେ ଦେଖାଯାଇଥାଏ। ଏଣୁ ଏହାକୁ ଆମ୍ବ ପଣସ ଯାତ୍ରା ବୋଲି କୁହାଯାଏ। ମୟୁରଭଞ୍ଜ ଜିଲ୍ଲାର ଖଡିଆ ସମ୍ପ୍ରଦାୟର ଏକ ଅନନ୍ୟ ପ୍ରଥା ରହିଛି। ରଜ ଦୋଳି ଗୀତ ଗାଉଥିବା ସମୟରେ ଏହି ସମ୍ପ୍ରଦାୟର ଯୁବକଯୁବତୀମାନେ ନିଜନିଜର ଜୀବନସାଥୀ ଚୟନ କରିଥାନ୍ତି। ପରସ୍ପର ସହିତ ମନକୁ ମନ ମିଶିବା ପରେ ଅବିଭାବକଙ୍କ ନିକଟରେ ବିବାହ ପାଇଁ ପ୍ରସ୍ତାବ ଯାଏ। ପରେ ଧୁମ୍‌ଧାମ୍‌ରେ ବାହାଘର ହୋଇଥାଏ।





*ଭୁବନ, ଢେଙ୍କାନାଳ*
*ଭ୍ରାମ୍ୟଭାଷ : ୯୪୩୭୭୨୯୩୮୪*

# ଓଡ଼ିଶାରେ କାର୍ଯ୍ୟକାରୀ ହେବ ପିଏମ୍ ଶ୍ରୀ ସ୍କୁଲ, ପିଏମ୍ ଉଷା ଯୋଜନା: ଧର୍ମେନ୍ଦ୍ର



**ଭୁବନେଶ୍ୱର :** ଓଡ଼ିଶା ସମେତ ଭାରତବର୍ଷରେ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟକୁ ଗତି ଦିଆଯିବ। ବିଶେଷ ଭାବରେ ଓଡ଼ିଶାରେ ନବଗଠିତ ବିଜେପି ସରକାର ସହଯୋଗରେ ଓଡ଼ିଶାରେ ପିଏମ୍ ଶ୍ରୀସ୍କୁଲ ଓ ପିଏମ ଉଷାକୁ କାର୍ଯ୍ୟକାରୀ କରାଯିବା ସହ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମୋଦୀ ସରକାରଙ୍କ ତୃତୀୟ ପାଳିରେ ଶିକ୍ଷା ମନ୍ତ୍ରଣାଳୟର କାର୍ଯ୍ୟଭାର ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୋ ଉପରେ ନିରନ୍ତର ବିଶ୍ୱାସ ଓ ଭରସା ରଖି ଶିକ୍ଷା ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ। ଶିକ୍ଷାର ପ୍ରମୁଖ ଏଜେଣ୍ଡାରେ ମୂଳତଃ ଜାତୀୟ ଶିକ୍ଷା ନୀତିକୁ ଅଧିକରୁ ଅଧିକ କ୍ରିୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ। ମୁଁ ଏବଂ ମୋର ଟିମ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ନୂଆ ନୂଆ ମାର୍ଗ ପ୍ରସ୍ତୁତ କରିବୁ। ଭାରତବର୍ଷର ନୂଆପିଢିଙ୍କୁ ବୈଶ୍ୱିକ ସ୍ତରରେ ପହଞ୍ଚାଇବା ପାଇଁ ଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବାଲବାଟିକାରୁ ଆରମ୍ଭ କରି ଗବେଷଣା କ୍ଷେତ୍ରରେ ସବୁ କାମକୁ ତ୍ୱରାନ୍ୱିତ କରାଯିବ। ଜାତୀୟ ଶିକ୍ଷା ନୀତି ରୂପକ ଦାର୍ଶନିକ ଦସ୍ତାବିଜ୍ ଆହୁରି ରୁଟେଡ୍ ହେବ। ଶିକ୍ଷା ଦୃଶ୍ୟପଟ୍ଟକୁ ଭବିଷ୍ୟତଗାମୀ କରାଯିବ। ଲୋକଙ୍କୁ ସଶକ୍ତ କରିବା ସହ ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଅର୍ଥନୀତି ଭାବରେ ପ୍ରତିଷ୍ଠିତ କରିବା ଆମର ଲକ୍ଷ୍ୟ ରହିଛି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଅନେକ ବିଷୟରେ ସ୍ଥାନୀୟ ସରକାରର ଅସହଯୋଗ କାରଣରୁ ହୋଇପାରୁନଥିଲା। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ-ଉଷା) ସମେତ ସରକାରୀ ସ୍କୁଲ ଗୁଡିକରେ ପିଏମ ଶ୍ରୀସ୍କୁଲକୁ ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯାଇପାରୁନଥିଲା। ପିଏମ ଶ୍ରୀ ଯୋଜନାରେ ପ୍ରାୟ ୮୦୦ଟି ସରକାରୀ ସ୍କୁଲ ପିଏମ ଶ୍ରୀ ସ୍କୁଲରେ ବିକଶିତ ହେବା ସହ ୫ ବର୍ଷରେ ୧୬୦୦ କୋଟିରୁ ଅଧିକ ଟଙ୍କା ଆସିବ । ଓଡ଼ିଶାରେ ମାଟ୍ରିକ ପରୀକ୍ଷାରେ ଫର୍ମ ପୂରଣ କରି ପ୍ରାୟ ୫୦ ପ୍ରତିଶତ ପିଲାମାନେ ପରୀକ୍ଷା ଦେଉନଥିବା ବେଳେ ସେ ଉପରେ ଦୃଷ୍ଟି ଦିଆଯିବ। ଓଡ଼ିଶାରେ ନବଗଠିତ ରାଜ୍ୟ ଏବଂ କେନ୍ଦ୍ର ସରକାରର ମିଳିତ ଉଦ୍ୟମରେ ଶିକ୍ଷାକୁ ଅଗ୍ରାଧିକାର ଦିଆଯିବ। ଓଡ଼ିଆ ଅସ୍ମିତାର ମୂଳ ବିଷୟ ହେଲା ଓଡ଼ିଶାର ବୌଦ୍ଧିକ କ୍ଷମତା। ରାଜ୍ୟର ଶିକ୍ଷା ବ୍ୟବସ୍ଥା ବହୁତ ଗଭୀର। ୧୯୩୬ ସୁଦ୍ଧା ଓଡ଼ିଶା ଭାଷାଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବ। ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରିବ। ଏହି ସମୟ ସୀମା ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭିଜନରେ ଗୁଣାତ୍ମକ ଶିକ୍ଷା ଆଧାରରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ହେବ। ବୈଷୟିକ ଶିକ୍ଷା, ମେଡିକାଲ ଶିକ୍ଷା ଏବଂ ସ୍କିଲ୍ ଶିକ୍ଷା ଉପରେ ଯୋର୍ ଦିଆଯିବ। କେନ୍ଦ୍ରମନ୍ତ୍ରୀଙ୍କ ସହ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଭାବରେ ଚୌଧୁରୀ ଜୟନ୍ତ ସିଂହ ଏବଂ ଡା. ସୁକାନ୍ତ ମଜୁମଦାର୍ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ୫ ବର୍ଷରେ ୫୦ ବର୍ଷର କାମ କରିବୁ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ପୁରୀ ଶ୍ରୀମନ୍ଦିରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନ୍ତ୍ରୀ ମଣ୍ଡଳ ସଦସ୍ୟମାନଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଶ୍ରୀମନ୍ଦିରର ଚାରି ଦ୍ୱାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିବା ପରେ ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋକୁ ଆସିଥିଲେ। ଏହି ଗସ୍ତ ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସାଂସଦ ଓ ବିଧାୟକମାନେ ମଧ୍ୟ ଉପସ୍ଥିତ ଥିଲେ। ସୁଆଣ୍ଡୋରେ ମୁଖ୍ୟମନ୍ତ୍ରୀ, ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ମଣ୍ଡଳର ସଦସ୍ୟ ଓ ସାଂସଦମାନେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଆଣ୍ଡୋ ଗ୍ରାମ ବୁଲି ଲୋକଙ୍କ ସହିତ ମିଶିଥିଲେ। ଗ୍ରାମବାସୀଙ୍କ ସହିତ କଥୋପକଥନ ସମୟରେ ସେ କହିଥିଲେ ଯେ ଆମ ସଂକଳ୍ପ ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି ଗୁଡିକ ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି। ଏସବୁ ଖୁବ୍ ଶୀଘ୍ର ପୂରଣ ହେବ। ସେ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାର ୧୦୦ ଦିନ ଭିତରେ 'ସମୃଦ୍ଧ କୃଷକ ନୀତି' ଆଣୁଛନ୍ତି। ଏ ନୀତି ଆସିଲେ କୃଷକ ଭାଇଭଉଣୀମାନଙ୍କର ଅନେକ ସମସ୍ୟାର ସମାଧାନ ହୋଇପାରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ସରକାର ଗରିବଙ୍କ ସରକାର। ଲୋକଙ୍କ ପାଖରେ ଆମେ ପହଞ୍ଚିବୁ। ଆସନ୍ତା ୫ ବର୍ଷ ଭିତରେ ୫୦ ବର୍ଷର ବଳକା କାମ ପୂରଣ କରିବୁ। ରାଜ୍ୟ ସରକାର ୧୦୦ ଦିନ ଭିତରେ 'ସମୃଦ୍ଧ କୃଷକ ନୀତି' ଆଣୁଛୁ। ଏହାଦ୍ୱାରା କୃଷକମାନଙ୍କର ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# କୋଇଲାରୁ ଆମୋନିଆ ନାଇଟ୍ରେଟ ପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ



**ସମ୍ବଲପୁର :** କୋଇଲାରୁ ନାଇଟ୍ରେଟ ଗ୍ୟାସ ଉତ୍ପାଦନ ସକାଶେ ଭାରତର ପ୍ରଥମ କାରଖାନା ପଶ୍ଚିମ ଓଡ଼ିଶାରେ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଦୁଇ ସଂସ୍ଥା କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ) ଓ ଭାରତ ହେଭି ଇଲେକ୍ଟ୍ରିକାଲ ଲିମିଟେଡ (ଭେଲ)ର ମିଳିତ ଉଦ୍ୟମରେ ଏକ ନୂତନ ଉଦ୍ୟୋଗ 'ଭାରତ କୋଲ୍ ଗ୍ୟାସିଫିକେସନ ଆଣ୍ଡ କେମିକାଲ୍ସ ଲିମିଟେଡ' (ବିପିଜିସିଏଲ) ଗଠନ କରାଯାଇଛି। ଏହି ଉଦ୍ୟୋଗ ଗତ ୩୦ ତାରିଖ ଲଖନପୁର ଖଣିକ୍ଷେତ୍ରରେ 'ଆମୋନିୟମ୍ ନାଇଟ୍ରେଟ୍' ଉତ୍ପାଦନ ପ୍ରକଳ୍ପ ପାଇଁ ଏଲଏସଟିକେ-୨ କଣ୍ଟ୍ରାକ୍ଟର ମନୋନୟନ ପାଇଁ ଟେଣ୍ଡର ଆହ୍ୱାନ କରିଛି। ଝାରସୁଗୁଡ଼ା ଜିଲାର ଲଖନପୁର ଖଣି କ୍ଷେତ୍ର ବନ୍ଧବାହାଲ କଲୋନୀ ସମ୍ମୁଖରେ ଏହାର ପଞ୍ଜୀକୃତ ଦପ୍ତର ଖୋଲିଛି। ଏହି କମ୍ପାନୀରେ ୫ଜଣ ନିର୍ଦ୍ଦେଶକ ନିଯୁକ୍ତ ହୋଇଥିବାବେଳେ ସିଆଇଏଲ ପକ୍ଷରୁ ୩ଜଣ ବରିଷ୍ଠ ଅଧିକାରୀଙ୍କୁ ମନୋନୀତ କରାଯାଇଛି। ଏହି ନୂତନ କମ୍ପାନୀ ବିସିଜିସିଏଲରେ ସିଆଇଏଲର ୫୧ ପ୍ରତିଶତ ଓ ଭେଲର ୪୯ ପ୍ରତିଶତ ଭାଗିଦାରୀ ରହିଥିବା ସିଆଇଏଲ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ସିଆଇଏଲ ଓ ଭେଲ୍ କମ୍ପାନୀ ମିଳିତ ଭାବେ କୋଇଲାରୁ ଗ୍ୟାସ ଉତ୍ପାଦନ ପ୍ରକଳ୍ପ ସ୍ଥାପନ ସକାଶେ ଗତ ମେ' ମାସ ଶେଷ ସପ୍ତାହରେ ଚୁକ୍ତିବଦ୍ଧ ହୋଇଥିଲେ। ଚୁକ୍ତିନାମା ଅନୁଯାୟୀ, କାରଖାନା ସ୍ୱଦେଶ ବିକଶିତ କୋଇଲା ଗ୍ୟାସିଫିକେସନ୍ ଟେକ୍ନୋଲୋଜି ଉପରେ ଆଧାରିତ ହେବ। ଯାହାକି ଲଖନପୁର ଖଣି କ୍ଷେତ୍ରରୁ ଅଧିକ ପାଉଁଶ ସୃଷ୍ଟିକାରୀ କୋଇଲା ବ୍ୟବହାର କରି ବାର୍ଷିକ ୦.୬୬ ନିୟୁତ ମେଟ୍ରିକ୍ ଟନ୍ (ଏମଏମଟିପିଏ) ବୈଷୟିକ ଗ୍ରେଡ୍ ଆମୋନିୟମ୍ ନାଇଟ୍ରେଟ୍ ଉତ୍ପାଦନ କରିବ। ଏହାର ସମୁଦାୟ ପ୍ରକଳ୍ପ ମୂଲ୍ୟ ୧୧ହଜାର ୭୮୨ କୋଟି ଟଙ୍କା ଆକଳନ କରାଯାଇଛି। ଏହି ଅଗ୍ରଗାମୀ ପ୍ରକଳ୍ପ ସ୍ୱଦେଶୀ ପ୍ରଯୁକ୍ତିକୁ ବ୍ୟବହାର କରିବା ସହ ରଣନୀତିକ ଶକ୍ତି ଏବଂ ଶିଳ୍ପ ନୀତି ସହିତ ମଧ୍ୟ ସମାନ୍ତରାଳ ହୋଇ ଖଣି କାର୍ଯ୍ୟରେ ବ୍ୟବହୃତ ହେବ। ଏହି ନୂତନ ଉଦ୍ୟୋଗ ନୂତନ ରୋଜଗାର ସୃଷ୍ଟି କରିବା ସହିତ ଆର୍ଥିକ ଅଭିବୃଦ୍ଧିରେ ସହଯୋଗ ହେବ ବୋଲି ଆଶା କରାଯାଉଛି।

## ବିଜେଡି ବିଧାୟକଙ୍କ ମନୋବଳ ବଢ଼ାଇଲେ ନବୀନ

# ଲୋକଙ୍କ ସୁଖ ଦୁଃଖର ସାଥୀ ହୁଅ



**ଭୁବନେଶ୍ୱର:** ବିଜେଡି ନେତାଙ୍କୁ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଗୁରୁମନ୍ତ୍ର। ନୂଆ ଓ ପୁରୁଣା ବିଧାୟକଙ୍କ ବଢ଼ାଇଲେ ମନୋବଳ। ଶପଥ ନେବା ପରେ ନିଜ ନିଜ ଅଞ୍ଚଳର ବିକାଶକାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସଂକଳ୍ପ ନେଇଛନ୍ତି ବିଜେଡି ବିଧାୟକ। ପ୍ରତ୍ୟେକ ଦିନ ନବୀନଙ୍କୁ ଭେଟି ଏନେଇ କରୁଛନ୍ତି ଆଲୋଚନା। ତେବେ ବିରୋଧୀ ଦଳରେ ରହି ଗଠନମୂଳକ ଆଲୋଚନା ମାଧ୍ୟମରେ ଲୋକଙ୍କ ସୁଖ ଦୁଃଖର ସାଥୀ ହେବେ ବୋଲି କହିଛନ୍ତି ବିଜେଡି ବିଧାୟକ। ବିଜେଡି ବିଧାୟକଙ୍କ ପଣ ଲୋକଙ୍କ ସୁଖଦୁଃଖର ସାଥୀ ହୋଇଥିଲେ, ଆଗକୁ ରହିବେ। ଗାଁ ଦାଣ୍ଡରୁ ବିଧାନସଭା ଯାଏଁ ଲୋକଙ୍କ ସମସ୍ୟା ସମାଧାନ ପାଇଁ କାମ କରିବେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଜନସେବାର ଯେଉଁ ମୂଲ୍ୟବୋଧ ଓ ଗୁରୁମନ୍ତ୍ର ଦେଇଛନ୍ତି ତାହାକୁ ବିରୋଧୀ ଦଳରେ ରହି ସତ ପ୍ରତିଶତ ପାଳନ କରିବେ ବୋଲି କହିଛନ୍ତି ବିଜେଡି ବିଧାୟକ। ନୂଆ ଓ ପୁରୁଣା ବିଧାୟକଙ୍କୁ ଗୁରୁମନ୍ତ୍ର ଦେବା ସହ ମନୋବଳ ବଢ଼ାଇଛନ୍ତି ନବୀନ। ବିଜେଡି ଟିକେଟରୁ ପ୍ରଥମ ଥର ଦେବଗଡ଼ ନିର୍ବଚନ ମଣ୍ଡଳିରୁ ନିର୍ବାଚିତ ହୋଇଥିବା ଯୁବ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ମନରେ ଏପରି ଆତ୍ମବିଶ୍ୱାସ ଭରି ରହିଛି। ବିଧାୟକ ଭାବେ ଶପଥ ନେବା ପରେ ଅଞ୍ଚଳର ବିକାଶ ସହ ଲୋକଙ୍କ ସମସ୍ୟା ଦୂର କରିବାକୁ ସଂକଳ୍ପ ନେଇଛନ୍ତି ରୋମାଞ୍ଚ। ସେହିପରି ଦଳର ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ର ମଧ୍ୟ ସାମାନ ଯୁକ୍ତି ବାଢ଼ିଛନ୍ତି। ଗଣତନ୍ତ୍ରରେ ଲୋକଙ୍କ ମତକୁ ସ୍ୱାଗତ କରି ବିଜେଡି ବିରୋଧୀ ଦଳର ଭୂମିକାରେ ରହି କାମ କରିବା ସହ ଲୋକଙ୍କ ସ୍ୱର ସାଜିବ। ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ଭାବେ ଭେଟି ଶୁଭେଚ୍ଛା ଜଣାଇବା ସହ ଆଗକୁ କେନ୍ଦୁଝର ଜିଲ୍ଲାର ବିକାଶ ଅଧିକ ତ୍ୱରାନ୍ୱିତ ହେବ ବୋଲି କହିଛନ୍ତି ବଦ୍ରି। ୨୪ ବର୍ଷ ପରେ ଶାସକ ଦଳରୁ ବିରୋଧୀ ଦଳ ଭୂମିକା ତୁଲାଇବ ବିଜେଡି। ହେଲେ ଓଡ଼ିଶାର ହକ ଓ ଲୋକଙ୍କ ପ୍ରସଙ୍ଗକୁ ଭୁଲି ନାହିଁ ଦଳ। ରାଜ୍ୟକୁ କିପରି ଅଧିକ କେନ୍ଦ୍ରୀୟ ଅନୁଦାନ ମିଳିବ ଓ ଓଡ଼ିଶାବାସୀଙ୍କ ନାର୍ଯ୍ୟଦାବି ପୂରଣ ହେବ ସେ ଲଢେଇ ଜାରୀ ରଖିବ ଦଳ। ଏହାସହ ନୂଆ ସରକାରଙ୍କୁ ଏ ଦିଗରେ କାମ କରିବାକୁ ପରାମର୍ଶ ଦେଇଛନ୍ତି ବିଜେଡିର ବରିଷ୍ଠ ନେତା ଶଶିଭୂଷଣ ବେହେରା। ସେହିପରି ବହୁ ନେତା ଦଳର ସାଂଗଠନିକ ସ୍ଥିତିକୁ ନେଇ ସୁପ୍ରିମୋଙ୍କ ସହ ନବୀନ ନିବାସରେ କରିଛନ୍ତି ଆଲୋଚନା। ନିଜର ମୁଖ୍ୟମନ୍ତ୍ରୀ କାଳରେ ନବୀନ ୨୫ ବର୍ଷର ଜନସେବା କରି ଓଡ଼ିଶାକୁ ବିଶ୍ୱରେ ଦେଇଛନ୍ତି ସ୍ୱତନ୍ତ୍ର ପରିଚୟ। ନବୀନଙ୍କ ଶାସନ ସମୟରେ ସବୁ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟର ପାରାମିଟର ଉପରେ ଥିଲା ଓଡ଼ିଶା। ତେଣୁ ଏହି ଧାରା କିପରି ବଜାୟ ରହିବ, ତାହାକୁ ବିରୋଧୀ ଦଳରେ ରହି ବିଜେଡି ବିଧାୟକମାନେ ଲଢେଇ ଜାରି ରଖିବେ ବୋଲି କହିଛନ୍ତି।

# ସୂର୍ଯ୍ୟମନ୍ଦିରରୁ ଉଭାନ ହେଉଛି ସୂକ୍ଷ୍ମ କାରୁକାର୍ଯ୍ୟ, ଦୃଷ୍ଟି ଦେଉନି ପ୍ରତ୍ନତତ୍ତ୍ୱ ବିଭାଗ



**କୋଣାର୍କ :** ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରକୁ ନେଇ ଦେଶ ଗର୍ବ ଅନୁଭବ କରୁଥିବାବେଳେ ଦିନକୁ ଦିନ ଏହାର ସୂକ୍ଷ୍ମ କାରୁକାର୍ଯ୍ୟ ଉଭାନ ହେବାରେ ଲାଗିଛି। ଭାରତୀୟ ସର୍ବେକ୍ଷଣ ସଂସ୍ଥା ଏଏସ୍ଆଇ କାରୁକାର୍ଯ୍ୟ ସମ୍ପନ୍ନ ପଥରକୁ ହଟାଇ ସାଦା ପଥର ବସାଉ ଥିବାବେଳେ ମନ୍ଦିରରୁ ବହୁ କାରୁକାର୍ଯ୍ୟ ଗାଏବ ହେବାରେ ଲାଗିଛି। ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ଦେଖାଦେଇଛି। ସୂର୍ଯ୍ୟ ମନ୍ଦିର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଭାରତୀୟ ସର୍ବେକ୍ଷଣ ସଂସ୍ଥା ସଠିକ୍ ଭାବେ ଦାୟିତ୍ୱ ନିର୍ବାହ କରୁନଥିବା ଯୋଗୁଁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି। ବିଭିନ୍ନ ସମୟରେ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଆସି ମନ୍ଦିର ଯାଞ୍ଚ କରୁଥିବାବେଳେ ସୁରକ୍ଷା ଦିଗରେ ଧ୍ୟାନ ଦିଆଯାଉନଥିବା କରାଯାଉନଥିବା ଅଭିଯୋଗ ହେଉଛି। ଦୁଇବର୍ଷ ତଳେ ଭାରତୀୟ କୋଠାବାଡ଼ି ନିୟନ୍ତ୍ରଣ ସଂସ୍ଥା ପକ୍ଷରୁ ଲେଜର ସର୍ବେକ୍ଷଣ କରାଯାଇଥିଲା। ଗତବର୍ଷ ବାଲି କାଢ଼ିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଦୀର୍ଘ ୬ ମାସ ଧରି ଏହି କାର୍ଯ୍ୟ ବନ୍ଦ ରହିଛି। ଗୋଟିଏ ପଟେ ମନ୍ଦିର ସୁରକ୍ଷିତ ଅଛି କି ନାହିଁ ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଉନାହିଁ। ଅପରପକ୍ଷେ ରାତି ଅଧିଆ ମନ୍ଦିରରୁ ନଷ୍ଟ ହୋଇଯାଇଥିବା କାରୁକାର୍ଯ୍ୟ ସମ୍ପନ୍ନ ପଥରକୁ କଢ଼ାଯାଇ ସାଦା ପଥର ବସାଯାଉଥିବା ଅଭିଯୋଗ ହେଉଛି। ଏନେଇ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏହା ଉପରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ କୋଣାର୍କର ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି।





# ଡୋଭାଲ, ପିକେ ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି



**ନୂଆଦିଲ୍ଲୀ :** ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ ପାଳିରେ ଅଜିତ ଡୋଭାଲଙ୍କୁ ପୁଣି ଥରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ଅଜିତ ଡୋଭାଲଙ୍କୁ ତୃତୀୟ ଥର ପାଇଁ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ବିଗତ କିଛି ଦିନ ହେଲା ଚର୍ଚ୍ଚା ଚାଲିଥିଲା ଯେ ବୟସାଧିକ କାରଣରୁ ଡୋଭାଲ ପଦ ଛାଡ଼ିବାକୁ ଚାହୁଁଛନ୍ତି। କିନ୍ତୁ ତାଙ୍କ କାର୍ଯ୍ୟକାଳ ବଢିବା ପରେ ଏହି ଚର୍ଚ୍ଚାର ଅବସାନ ହୋଇଛି। ସେପଟେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପ୍ରମୋଦ କୁମାର ମିଶ୍ରଙ୍କ କର୍ଯ୍ୟକାଳକୁ ବି ବୃଦ୍ଧି କରାଯାଇଛି। ପୂର୍ବପରି ସେ କ୍ୟାବିନେଟ ମନ୍ତ୍ରୀର ମାନ୍ୟତା ପାଇବେ। ଅଜିତ ଡୋଭାଲ ଏବଂ ପିକେ ମିଶ୍ରଙ୍କ କାର୍ଯ୍ୟକାଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶେଷ ହୋଇଥିଲା। ସରକାରୀ ସୂଚନା ଅନୁସାରେ ନିଯୁକ୍ତ ସଂପର୍କିତ କ୍ୟାବିନେଟ କମିଟି ଅଜିତ ଡୋଭାଲଙ୍କୁ ଏନଏସଏ ଭାବେ ନିଯୁକ୍ତ କରିଛନ୍ତି। ଏହି ଆଦେଶ ଜୁନ୍ ୧୦ତାରିଖରୁ ଲାଗୁ ହେବ। ଅଜିତ ଡୋଭାଲଙ୍କ ନିଯୁକ୍ତି ସମ୍ପର୍କରେ ଜାରି ହୋଇଥିବା ଚିଠିରେ ଆହୁରି କୁହାଯାଇଛି ଯେ ତାଙ୍କ ନିଯୁକ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ କାର୍ଯ୍ୟକାଳ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଶେଷ ହେବ। ଏହି କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ପ୍ରଦାନ କରାଯିବ। ଏଥିସହ ସେମାନଙ୍କ ନିଯୁକ୍ତିର ସର୍ତ୍ତାବଳୀ ଅଲଗା ଅଲଗା ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ।

# ମରଣଯନ୍ତା ପାଲଟିଛି ଚିଚିବାଇ -ବନ୍ଦକୋନା ରାସ୍ତା



**ନବରଙ୍ଗପୁର :** ଦୀର୍ଘ ୨୦ବର୍ଷ ପୂର୍ବେ ତିଆରି ହୋଇଥିବା ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଂଚଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚିଚିବାଇ ଓ ବନ୍ଦକୋନା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟି ଯାଇଛି। ଚିଚିବାଇ ଠାରୁ ବନ୍ଦକୋନା ପର୍ଯ୍ୟନ୍ତ ପ୍ରାୟ ୩କିଲୋମିଟର ରାସ୍ତା ଉପରେ ପିଚୁ ସମ୍ପୂର୍ଣ୍ଣ ବାହାରିଯିବା ସହିତ ଗେଟି ସବୁ ରାସ୍ତାସାରା ବିଛେଇ ହୋଇପଡିଛି ଓ ଅନେକ ସ୍ଥାନରେ ଗର୍ତ୍ତସବୁ ସୃଷ୍ଟି ହୋଇ ବାଇକ ଆରୋହୀ ମାନଙ୍କ ପାଇଁ ବିପଦର କାରଣ ପାଲଟିଛି। ଗ୍ରାମବାସୀଙ୍କ କହିବା ପ୍ରକାରେ ଭୁଜବଳ ମାଝୀ ଯେତେବେଳେ ଡାବୁଗାଁ ନିର୍ବାଚନ ମଣ୍ଡଳୀର ବିଧାୟକ ହୋଇଥିଲେ, ସେତେବେଳେ ହିଁ ଚିଚିବାଇ-ବନ୍ଦକୋନା ରାସ୍ତାଟି ନିର୍ମାଣ ହୋଇଥିଲା। ନିର୍ମାଣ ହେଲା ପରଠୁ ଥରେ ମଧ୍ୟ ଏହି ରାସ୍ତାର ମରାମତି କରାଯାଇନି। ତେଣୁ ରାସ୍ତାରୁ ପିଚୁ ବାହାରି ପଡିବା ସହିତ ଆବଡା ଖାବଡା ହୋଇ ପଡ଼ିରହିଛି। ରାସ୍ତାରେ ମେଟାଲ ଓ ଗେଟି ପଥର ସବୁ ମୁଣ୍ଡ ଟେକି ରହିଛି। ଅନେକ ସମୟରେ ବାଇକ ଆରୋହୀମାନେ ବାଇକରୁ ଖସି ଖଣ୍ଡିଆ ଖାବଡା ହେଉଛନ୍ତି। ଦୁଇ ଚକିଆ ଯାନ ହେଉ ଅଥବା ୪ଚକିଆ, ରାସ୍ତାରେ ବାରମ୍ବାର ଯିବା ଆସିବା କରି ଗାଡିର ବିଭିନ୍ନ ଯନ୍ତ୍ରାଂଶ ଖରାପ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୁରୁତର ରୋଗୀ ଏବଂ ଗର୍ଭବତୀ ମା' ମାନଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାରେ ବହୁ ଅସୁବିଧା ଦେଖା ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ରାସ୍ତାଟିକୁ ମରାମତି କଲେ ଗ୍ରାମବାସୀଙ୍କୁ ଗମନାଗମନ କରିବାକୁ ସୁବିଧା ହୁଅନ୍ତା ବୋଲି ଗ୍ରାମର କମଲୁ ଯାନୀ, ସୋନୁ ଯାନୀ, ଖଗପତି ଯାନୀ, କୁମର ଯାନୀ, ଡମେନ ଯାନୀ, ଭଗବାନ ଯାନୀ, ଦେବ ଯାନୀ, ମହେନ୍ଦ୍ର ପୂଜାରୀ, ଗୁଡ୍ଡୁ କୁମାର, ଦୁଆରୁ ଯାନୀ, ଭଗତ ଯାନୀ, ଚନ୍ଦ୍ର ଯାନୀ, ଧନସିଂ ଯାନୀ, ଦୈତାରୀ ଯାନୀ, ମଙ୍ଗତା ଯାନୀ, ରାମଚନ୍ଦ୍ର ଯାନୀ, ଯଦୁ ଯାନୀ, ହିରଣ ପୂଜାରୀ, ଜଗନ୍ନାଥ ଯାନୀ ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି